ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ (୧୪ ପୃଷ୍ଠା) Sambalpur, Tuesday, August 30/2022 Page 14 ₹ 7.00 | ★★
୧୮ଶ ଭାଗ ୨୫୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 253 ମୂଲ୍ୟ ₹୭/-

**ଦୀପାବଳିରୁ ୫ଜି ସେବା ଆରମ୍ଭ**

ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

ପ୍ରବାସୀ ହଟହଟା




# ଆତ୍ମହତ୍ୟା: ଦିନମଜୁରିଆ ଆଗରେ

- ୨୦୨୧ରେ ଦେଶରେ ୭.୨% ଆତ୍ମହତ୍ୟା ବଢ଼ିଛି
- ୧୯୬୭ ପରଠାରୁ ଆତ୍ମହତ୍ୟା ହାର ସର୍ବାଧିକ
- ପାରିବାରିକ ସମସ୍ୟାଜନିତ ଘଟଣାରେ ଓଡ଼ିଶା ଶୀର୍ଷରେ

ନୂଆଦିଲ୍ଲୀ, ୨୯।୮

ଗତ କିଛି ବର୍ଷ ଭଳି ୨୦୨୧ରେ ଦେଶରେ ଆତ୍ମହତ୍ୟା ବୃଦ୍ଧିପାଇଛି। ପାରିବାରିକ ସମସ୍ୟା, ଅସୁସ୍ଥତା ଦୁଇଟି ପ୍ରମୁଖ କାରଣ ହୋଇଥିବାବେଳେ ବୃତ୍ତି ଓ ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା ଚିନ୍ତାଜନକ ରହିଛି। କାରଣ ମହାମାରୀ କରୋନା ଯୋଗୁ ଆର୍ଥିକ ସ୍ଥିତି ଦୋହଲିଯିବା ଏବଂ ନିଯୁକ୍ତି କ୍ଷେତ୍ର ସଙ୍କୁଚିତ ହେବା ଯୋଗୁ ବଞ୍ଚିବାର ମୋହ ତୁଟାଇ ଦେଇଛନ୍ତି ଅନେକ ଦିନମଜୁରିଆ, ଚାଷୀ, ଆତ୍ମନିଯୁକ୍ତିଧାରୀ, ବେତନଭୋଗୀ, ବେକାର ଯୁବତୀଯୁବକ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ, ଦେଶରେ ୨୦୨୦ ତୁଳନାରେ ୨୦୨୧ରେ ୭.୨ ପ୍ରତିଶତ ଆତ୍ମହତ୍ୟା ମାମଲା ବୃଦ୍ଧି ☞ପୃଷ୍ଠା–୪

## ମହିଳା, ଶିଶୁ ବିରୋଧୀ ଅପରାଧ ୧୫% ବୃଦ୍ଧି

ନୂଆଦିଲ୍ଲୀ, ୨୯।୮: ଦେଶବ୍ୟାପୀ ମହିଳା ଓ ଶିଶୁ ବିରୋଧୀ ହିଂସା, ଅପରାଧ ବୃଦ୍ଧି ଚିନ୍ତାଜନକ ରହିଛି। ଅଧିକାଂଶ ମହିଳା ବିଶେଷକରି ଘରୋଇ ହିଂସାର ଶିକାର ହେଉଥିବାବେଳେ ଅସଦାଚରଣ, ଅପହରଣ ସଂଖ୍ୟା ମଧ ବଢ଼ିଚାଲିଛି। ମହିଳା ବିରୋଧୀ ଅପରାଧ ମାମଲା ୨୦୨୦ ତୁଳନାରେ ୨୦୨୧ରେ ୧୫.୨% ବଢ଼ିଛି। ୨୦୨୧ରେ ପ୍ରତି ଲକ୍ଷେ ମହିଳାଙ୍କ ମଧ୍ୟରୁ ୬୪.୫% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୫୬.୫% ଥିଲା ବୋଲି ଜାତୀୟ ଅପରାଧ ରେକର୍ଡସ୍ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ୨୦୨୧ରେ ଶିଶୁ ବିରୋଧୀ ଅପରାଧ ☞ପୃଷ୍ଠା–୪

**ADMISSION 2022-23**

**KHALLIKOTE UNITARY UNIVERSITY BERHAMPUR**

**ACCREDITED "A" GRADE BY NAAC, www.kuu.ac.in**

Online applications are invited for Admission into the following collaborative Self-Financing Courses for the Session 2022-23.

| COURSE | YEARS | FEES/YEAR | ELIGIBILITY |
|---|---|---|---|
| **M.Sc. ETC (Int.)** (5 years integrated Course) | 5 Years | Rs.25,000/- (For 3 years) Rs.35,000/- (For last 2 years) | +2 Science or Eqv. with Math (40% in Aggregate) |
| **BBA** (Bachelor in Business Admn.) | 3 Years | Rs.15,000/- | +2 Any Stream or Eqv. with (40% in Aggregate) |
| **MFA** (M.Com. Financial Analysis) | 2 Years | Rs.25,000/- | +3 Any Stream or Eqv. with 50% in Aggregate (45% Aggregate for B.Com., SC & ST) |

Last date to apply Online for BBA & M.Sc. ETC (Int.) - 07.09.2022.

Sd./- Registrar

For Details: 8908650779, 9040544144, 9337241280, 7381688272

## ଦେଢ଼ ଲକ୍ଷରେ ବହୁରୂପୀ ଏଣ୍ଡୁଅ ଡିଲ୍

- ରାଜଧାନୀରେ ରାକେଟ୍ ସକ୍ରିୟ
- ଅଜା, ନାତିଙ୍କୁ ଗିରଫ କଲା ବନ ବିଭାଗ



ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟରେ ବଜ୍ରକାପ୍ତା ଭଳି ବହୁରୂପୀ ଏଣ୍ଡୁଅର ମଧ ଚୋରା ଚାଲାଣ ହେଉଛି। ରାଜଧାନୀ ଭୁବନେଶ୍ୱରରେ ଏହି ରାକେଟ ସକ୍ରିୟ ଥିବାବେଳେ ଲକ୍ଷ ଲକ୍ଷ ଟଙ୍କାରେ କାରବାର ହେଉଥିବା ଜଣାପଡିଛି। ସୋମବାର ସତ୍‌ସଙ୍ଗ ବିହାର ନିକଟ ଶ୍ୟାମାପ୍ରସାଦ ପାର୍କରେ ଚଢ଼ାଉ କରି ବନ ବିଭାଗ ସମ୍ପୃକ୍ତ ଅଜା ଓ ନାତିଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁରର ରଶ୍ମି ରଞ୍ଜନ ଦାସ (୧୯) ଓ ଅଜା କ୍ଷୀରୋଦ ମହାନ୍ତି (୭୩)। ☞ପୃଷ୍ଠା–୪









ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨

କାନାଡ଼ା ଉପ ପ୍ରଧାନମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ଘଟଣା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ଆଲର୍ବଟାର ସିଟି ହଲ ବିଲ୍ଡିଂ ଶିଡ଼ି ଚଢୁଥିବା ସମୟରେ ଜଣେ ବ୍ୟକ୍ତି କ୍ରିଷ୍ଟିଆଙ୍କୁ ଧମକାଇବା ସହ ତାଙ୍କୁ ଗାଳି କରିଥିଲେ। ଅଫିସିଆଲ କାମରେ ଆଲର୍ବଟା ଯାଇଥିଲେ। ଘଟଣା ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଟ୍ୱିଟର ଜରିଆରେ କ୍ରିଷ୍ଟିଆ ନିଜ ପ୍ରତିକ୍ରିୟା ରଖିଥିଲେ। କୌଣସି ବ୍ୟକ୍ତିଙ୍କୁ ଧମକାଇବା ଅନୁଚିତ୍ ବୋଲି କ୍ରିଷ୍ଟିଆ କହିଥିଲେ।





## ସଂକ୍ଷେପରେ

### ହିଜାବ ବିବାଦ: କର୍ନାଟକ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୯।୮ :** କର୍ନାଟକର କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ହିଜାବ ପିନ୍ଧିବାକୁ ନେଇ ଦେଖାଦେଇଥିବା ବିବାଦକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ସୋମବାର ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଶ୍ରେଣୀଗୃହରେ ହିଜାବ ପରିଧାନକୁ ରାଜ୍ୟ ସରକାର ତାଙ୍କ ନିର୍ଦ୍ଦେଶନାମାରେ ନିଷେଧ କରିଥିବାବେଳେ କର୍ନାଟକ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି ନିମନ୍ତେ ହୋଇଥିବା ଆବେଦନର ଶୁଣାଣି କରି ଜଷ୍ଟିସ ହେମନ୍ତ ଗୁପ୍ତାଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ନୋଟିସ ଗ୍ରହଣ କରିବା ସହ କାଉଣ୍ଟର ଦାଖଲ କରିବାକୁ ମନା କରିଦେଇଛନ୍ତି।

### ସଂଖ୍ୟାଲଘୁ ଚିହ୍ନଟ ଲାଗି ସମୟ ମାଗିଲା କେନ୍ଦ୍ର

**ନୂଆଦିଲ୍ଲୀ,୨୯।୮ (ପି.ଟି.):** ରାଜ୍ୟସ୍ତରରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଚିହ୍ନଟ ନିମନ୍ତେ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟରେ ଅଧିକ ସମୟ ମାଗିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଲୋଚନାର ଆବଶ୍ୟକତା ରହିଥିବା ସରକାର ଦର୍ଶାଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଦାଏର କରିଥିବା ପିଟିଶନ ଉପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରରୁ ଏପର୍ଯ୍ୟନ୍ତ ମନ୍ତବ୍ୟ/ମତାମତ ମିଳି ନ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ସେହିପରି ହରିୟାଣା, ହିମାଚଳପ୍ରଦେଶ ଓ ଉତ୍ତରପ୍ରଦେଶର ମତାମତକୁ ଅପେକ୍ଷା କରାଯାଇଛି। ଉପରୋକ୍ତ ରାଜ୍ୟଗୁଡ଼ିକ ସହ ବୈଠକ କରି ମତାମତ ସଂଗ୍ରହ ନିମନ୍ତେ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିବା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇ ଦିଆଯାଇଛି।

### ଭୂସ୍ଖଳନରେ ପରିବାରର ୫ ମୃତ

**ଇଡୁକି,୨୯।୮:** କେରଳର ଇଡୁକି ଜିଲା ଅନ୍ତର୍ଗତ କୁଡାୟାଥୁରରେ ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ରାତି ୩ଟା ବେଳେ ଏହି ବିପର୍ଯ୍ୟୟ ଘଟିଥିଲା। ବଡ଼ ପଥର ଖଣ୍ଡ ଖସିବାରୁ କାଳିୟେକାଲ କଲୋନିରେ ରହୁଥିବା ଉକ୍ତ ପରିବାରର ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୪ ବର୍ଷର ଶିଶୁ ରହିଛି। ମୃତକମାନେ ହେଲେ ସୋମାନ, ତାଙ୍କ ସ୍ତ୍ରୀ ଶିଜି, ମାଆ ଧାଙ୍କାମ୍ମା, ଝିଅ ସୀମା ଓ ନାତି ଦେବାନନ୍ଦ।

### ନାବାଳିକାଙ୍କୁ ଗଣବଳାତ୍କାର: ୩ ନାବାଳକ ଗିରଫ

**ପାଟନା,୨୯।୮:** ବିହାରର ମୁଜାଫରପୁର ଜିଲା ଅନ୍ତର୍ଗତ ମନିୟାରୀ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୩ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶନିବାର ସନ୍ଧ୍ୟାରେ ନାବାଳିକା ଜଣକ ଶୌଚ ପାଇଁ ପଡ଼ିଆକୁ ଯାଇଥିବାବେଳେ ଗଣବଳାତ୍କାରର ଶିକାର ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ଗଣବଳାତ୍କାର ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।



## ଦିବିତା ମିସ୍ ଡିଭା ୟୁନିଭର୍ସ

ଚଳିତବର୍ଷର ମିସ୍ ଡିଭା ୟୁନିଭର୍ସ ପ୍ରତିଯୋଗିତାରେ କର୍ନାଟକର ୨୩ ବର୍ଷୀୟା ଦିବିତା ରାୟ ବିଜୟିନୀ ହୋଇଛନ୍ତି। ମୁମ୍ବାଇର ଫେମସ୍ ଷ୍ଟୁଡିଓରେ ଅନୁଷ୍ଠିତ ୧୦ମ ଡିଭା ୟୁନିଭର୍ସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଗତବର୍ଷର ମିସ୍ ୟୁନିଭର୍ସ ହରନାଜ କୌର ସାନ୍ଧୁ। ଦିବିତାଙ୍କୁ ହରନାଜ ବିଜୟ ମୁକୁଟ ପିନ୍ଧାଇଥିଲେ। କର୍ନାଟକରେ ଜନ୍ମଗ୍ରହଣ କରିଥିବା ଦିବିତା ଜଣେ ସିଭିଲ୍ ଇଞ୍ଜିନିୟର। ମଡେଲିଂ ବ୍ୟତୀତ ଚିତ୍ରାଙ୍କନ, ବାସ୍କେଟବଲ, ବ୍ୟାଡମିଣ୍ଟନ ଆଦି ଖେଳରେ ତାଙ୍କ ରୁଚି ରହିଛି। ସେ ଏହି ଟାଇଟଲ ହାସଲ କରିବା ପରେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଦିବିତା ଆଗାମୀ ଦିନରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ପରିବର୍ତ୍ତନଙ୍କୁ ଭୟ ନ କରି ଜୀବନକୁ ପୂର୍ଣ୍ଣ ଉପଭୋଗ କରିବା ଉଚିତ୍ ବୋଲି ସେ କହିଛନ୍ତି।

## ଘର ସାମ୍ନାରେ ଅମିତାଭଙ୍କ ମୂର୍ତ୍ତି

ଆମେରିକାର ନ୍ୟୁଜର୍ସିରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଗୋପୀ ସେଠ୍ ନିଜ ଘର ସାମ୍ନାରେ ବଲିଉଡ୍ ଖ୍ୟାତନାମା ଅଭିନେତା ଅମିତାଭ ବଚ୍ଚନଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ମୂର୍ତ୍ତିର ଫଟୋ ଗୋପୀ ଟ୍ୱିଟରରେ ଶେୟାର କରିଛନ୍ତି। ଗୋପୀ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ଅମିତାଭ କୌଣସି ଭଗବାନଙ୍କଠାରୁ କମ୍ ନୁହନ୍ତି ବୋଲି ସେ କହିଛନ୍ତି। ବିଗ୍ ବି ତାଙ୍କ ପାଇଁ ପ୍ରେରଣା। ମୂର୍ତ୍ତି ବାବଦରେ ଅମିତାଭ ଅବଗତ ଥିବାବେଳେ ସେ ଏପରି କରିବାକୁ ଗୋପୀଙ୍କୁ ମନା କରିଥିଲେ। ଗୋପୀ ୩୦ ବର୍ଷ ଧରି ବିଗ୍ ବି ଏକ୍ସଟେଣ୍ଡେଡ୍ ଫ୍ୟାମିଲି ନାମରେ ଏକ ୱେବ୍ ସାଇଟ୍‌ର ପରିଚାଳନା କରୁଛନ୍ତି। ମୂର୍ତ୍ତିରେ ଅମିତାଭ 'କୌନ ବନେଗା କରୋଡ଼ପତି' ଷ୍ଟାଇଲରେ ଏକ ଚେୟାରରେ ବସିଥିବାର ଦେଖିବାକୁ ମିଳିଛି। ମୂର୍ତ୍ତିରେ ମୋଟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାକୁ ରାଜସ୍ଥାନରେ ତିଆରି କରାଯାଇଛି। ନିର୍ମାଣ କାର୍ଯ୍ୟ ସରିବା ପରେ ମୂର୍ତ୍ତିକୁ ଆମେରିକା ପଠାଯାଇଥିଲା।



# ଶୋଇଥିବାବେଳେ ଛାତ୍ରୀଙ୍କୁ ଜାଳିଦେଲେ

## ପ୍ରେମରେ ବିଫଳ ହେବାରୁ ବର୍ବର କାଣ୍ଡ

■ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
■ଝାଡ଼ଖଣ୍ଡରେ ଉତ୍ତେଜନା, ୧୪୪ ଧାରା ଜାରି


ଶାହାରୁଖ ହୁସେନ୍


ଅଙ୍କିତା ସିଂଙ୍କୁ ନ୍ୟାୟ ଦାବିରେ ରାଞ୍ଚିରେ ଲୋକେ ବିକ୍ଷୋଭ କରୁଛନ୍ତି।

**ରାଞ୍ଚି, ୨୯।୮**

ଏକତରଫା ପ୍ରେମ ଓ ଏଥିରେ ବିଫଳତା ଝାଡ଼ଖଣ୍ଡର ଜଣେ ଯୁକ୍ତ ୨ ଛାତ୍ରୀଙ୍କ ଜୀବନ ନେଇଛି। ବାରମ୍ବାର ପ୍ରେମ ନିବେଦନରେ ବିଫଳ ହେବା ଯୋଗୁ ଅଭିଯୁକ୍ତ ଶାହାରୁଖ ହୁସେନ୍ ୧୯ ବର୍ଷୀୟା ଅଙ୍କିତାଙ୍କୁ ପେଟ୍ରୋଲ ଢାଳି ଜାଳିଦେଇଛନ୍ତି। ସପ୍ତାହେ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ହାରି ଯାଇଛନ୍ତି ଯୁକ୍ତ ୨ ଛାତ୍ରୀ ଅଙ୍କିତା ସିଂ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଝାଡ଼ଖଣ୍ଡର ଡୁମ୍‌କାରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଦୋଷୀଙ୍କୁ ଫାଶୀ ଦାବିରେ ବହୁସଂଖ୍ୟାରେ ଲୋକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ସେଠାରେ ୧୪୪ ଧାରା ଲାଗୁ କରିଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଘଟଣାକୁ ନିନ୍ଦା କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି।

ଅଙ୍କିତାଙ୍କ ବାପା ସଞ୍ଜୀବ ସିଂଙ୍କ କହିବା ଅନୁସାରେ, ଶାହାରୁଖ କିଛି ଦିନ ହେଲା ଝିଅକୁ ହଇରାଣ କରୁଥିଲେ। ରାସ୍ତାରେ ଅଟକାଇ ବାରମ୍ବାର ପ୍ରେମ ନିବେଦନ କରୁଥିଲେ। ୧୦-୧୨ ଦିନ ପୂର୍ବରୁ ଅଙ୍କିତାଙ୍କ ସାଙ୍ଗଙ୍କଠାରୁ ଶାହାରୁଖ ନମ୍ବର ନେଇ ଲଗାତର ଫୋନ୍ କରୁଥିଲେ। ଏ ସବୁ କଥା ଅଙ୍କିତା ତାଙ୍କ ବାପାଙ୍କୁ ଜଣାଇଥିଲେ। ପ୍ରଥମେ ସଞ୍ଜୀବ ଓ ପରିବାର ଏହାକୁ ଅଣଦେଖା କରିଦେଇଥିଲେ। ଗତ ୨୨ ତାରିଖରେ ଶାହାରୁଖ ଅଙ୍କିତାଙ୍କୁ ଫୋନ୍ କରି ସେ ତାଙ୍କୁ ମିଳିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ କଥା ମଧ୍ୟ ଅଙ୍କିତା ଘରେ ଜଣାଇଥିଲେ। ପରଦିନ ଏ ବାବଦରେ ଶାହାରୁଖଙ୍କ ଘର ଲୋକଙ୍କ ସହ କଥା ହେବେ ବୋଲି ସଞ୍ଜୟ କହିଥିଲେ। ହେଲେ ଅଗଷ୍ଟ ୨୩ ତାରିଖ ଭୋର୍‌ରୁ ଶାହାରୁଖ ପେଟ୍ରୋଲ ନେଇ ଅଙ୍କିତାଙ୍କ ଘର ନିକଟକୁ ଆସିଥିଲେ। ଝରକା ପାଖରେ ଶୋଇଥିବା ଅଙ୍କିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏଥିରେ ଯୁବତୀଙ୍କ ଶରୀରର ପ୍ରାୟ ୯୦% ଜଳିଯାଇଥିଲା। ତାଙ୍କୁ ପ୍ରଥମେ ଫୁଲୋ ଝାନୋ ମେଡିକାଲ ଏବଂ ପରେ ରାଞ୍ଚିର ଆର୍‌ଆଇଏମ୍ଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ମାଜିଷ୍ଟ୍ରେଟଙ୍କ ନିକଟରେ ଅଙ୍କିତା ତାଙ୍କ ବୟାନ ରେକର୍ଡ କରାଇଥିଲେ। ଏଥିରେ ସେ ସମସ୍ତ ଘଟଣା ଜଣାଇଥିଲେ। ପୋଲିସ ୨୩ ତାରିଖରେ ହିଁ ଶାହାରୁଖଙ୍କୁ ଗିରଫ କରିଛି। ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ଡୁମ୍‌କାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଙ୍କିତାଙ୍କୁ ନ୍ୟାୟ ଦାବିରେ ଏସ୍‌ଡିପିଓ ବିଜୟ କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଡୁମ୍‌କା ଏସ୍‌ପି ଅମ୍ବର ଲକ୍‌ଡା କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତ୍ୱରିତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟରେ ଆବେଦନ କରାଯିବ। ଲୋକ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରନ୍ତୁ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ବନ୍ନା ଗୁପ୍ତା କହିଛନ୍ତି।

## ସୋରେନ୍ ସରକାରଙ୍କୁ ସମାଲୋଚନା


ରଘୁବର ଦାସ

**ରାଞ୍ଚି, ୨୯।୮**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବିଧାନସଭା ସଦସ୍ୟତା ରଦ୍ଦ ହୋଇପାରେ ବୋଲି ଚର୍ଚ୍ଚା ଜାରିଥିବାବେଳେ ନାବାଳିକାଙ୍କୁ ପେଟ୍ରୋଲ ଢାଳି ହତ୍ୟା ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଭାଜପା ସୋରେନ୍‌ଙ୍କ ସରକାରକୁ ସମାଲୋଚନା କରିଛି। ରାଜ୍ୟରେ ହେମନ୍ତଙ୍କ ସରକାର ଗଠନ ପରଠାରୁ ମହିଳାଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ କହିଛନ୍ତି। ଦୁଇଟି ସମ୍ପ୍ରଦାୟ ଏହି ଘଟଣାରେ ଜଡ଼ିତ ଥିବାରୁ ସେ ଏହାକୁ 'ଲଭ୍-ଜିହାଦ୍' ଅଭିହିତ କରିଛନ୍ତି। ହେମନ୍ତ ତୁଷ୍ଟୀକରଣ ରାଜନୀତିରେ ମାତିଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଏପରି ହଜାର ହଜାର ଘଟଣା ଘଟୁଛି। ବାଂଲାଦେଶରୁ ଅନେକ ଲୋକ ଆସି ଏଠାକାର ନିରୀହ ଆଦିବାସୀଙ୍କୁ ଫସାଇ ବିବାହ କରିବା ସହ ସେମାନଙ୍କ ଜମି ହଡ଼ପ କରୁଥିଲେ ହେଁ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ସେ କହିଛନ୍ତି।

## ନୋଏଡ଼ାର ୧୦୦ ବେଆଇନ ବିଲ୍ଡିଂ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୯।୮**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁପରଟେକ୍ କମ୍ପାନୀର ବେଆଇନ ନିର୍ମିତ ଟୁଇନ୍ ଟାୱାର ରବିବାର ମାଟିରେ ମିଶିବା ପରେ ଏବେ ନୋଏଡ଼ା କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ଶତାଧିକ ବିଲ୍ଡିଂ ଉପରେ ନଜର ପକାଇଛନ୍ତି। ସେଥିରୁ ଅଧିକାଂଶ ବିଲ୍ଡିଂକୁ ୨୦୦୯ରୁ ୨୦୧୪ ମଧ୍ୟରେ ଅନୁମୋଦନ ମିଳିଥିଲା। ଉକ୍ତ ବେଆଇନ ବିଲ୍ଡିଂଗୁଡ଼ିକୁ ଟୁଇନ୍ ଟାୱାର ଦଶା ଭୋଗିବାକୁ ପଡ଼ିପାରେ ବୋଲି କୁହାଯାଉଛି। କେବଳ ନୋଏଡ଼ା ନୁହଁ, ମୁମ୍ବାଇ ଓ ଅନ୍ୟ ସହରରେ ରହିଥିବା ବେଆଇନ ବିଲ୍ଡିଂଗୁଡ଼ିକର ଅଡିଟ୍ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଛି। ଫ୍ଲାଟ୍ ମାଲିକମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ମୁମ୍ବାଇରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଯିବାଭୁ ଭାଜପା ନେତା କିରୀଟ ସୋମୈୟା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନିକଟରେ ଦାବି କରିଛନ୍ତି।



## ଚୋରି ଶିଶୁ ଭାଜପା ନେତାଙ୍କ ଘରୁ ଉଦ୍ଧାର


ଉଦ୍ଧାର ଶିଶୁକୁ ପୋଲିସ ମା'ଙ୍କୁ ହସ୍ତାନ୍ତର କରୁଛି।

**ଲକ୍ଷ୍ନୌ,୨୯।୮:** ମଥୁରା ରେଳଷ୍ଟେଶନରୁ ଗତ ସପ୍ତାହରେ ଜଣେ ୭ ମାସର ଶିଶୁ ଚୋରି ହୋଇଥିଲା। ଚୋରି ସମୟର ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୋଲିସ ଖୋଜାଖୋଜି ପରେ୧୦୦ କିଲୋମିଟର ଦୂର ଫିରୋଜାବାଦର ଭାଜପା କର୍ପୋରେଟରଙ୍କ ଘରୁ ଉକ୍ତ ଶିଶୁକୁ ଉଦ୍ଧାର କରିଛି। ଶିଶୁ ଚୋରି କରି ବିକ୍ରି କରିବାରେ ଏକ ର୍ୟାକେଟ ସମ୍ପୃକ୍ତ ଥିବା ପୋଲିସ କହିଛି। ଭାଜପା କର୍ପୋରେଟର ବିନିତା ଅଗ୍ରୱାଲ ଓ ତାଙ୍କ ସ୍ୱାମୀ ଉକ୍ତ ଶିଶୁପୁତ୍ରକୁ ଦୁଇଜଣ ଡାକ୍ତରଙ୍କଠାରୁ ୧.୮ ଲକ୍ଷ ଟଙ୍କାରେ କିଣିଥିବା କହିଛନ୍ତି। ଉକ୍ତ ଡାକ୍ତର ଶିଶୁ ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା କୁହାଯାଉଛି। ଚୋରି ସମୟରେ ସିସିଟିଭି କ୍ୟାମେରାରେ ଧରାପଡ଼ିଥିବା ବ୍ୟକ୍ତି ସମେତ ୮ ଜଣଙ୍କୁ ଗିରଫ କରି ପୋଲିସ ପଚରାଉଚରା କରୁଛି।

## ବାଟରେ ଅଚଳ ବ୍ରିଟେନ୍ ଯୁଦ୍ଧ ଜାହାଜ

**ଲଣ୍ଡନ, ୨୯।୮**

ବ୍ରିଟେନ୍‌ର ସବୁଠାରୁ ବଡ଼ ଯୁଦ୍ଧବିମାନ ବାହକ ଜାହାଜ 'ଏଚ୍‌ଏମ୍ଏସ୍ ପ୍ରିନ୍ସ ଅଫ୍ ୱେଲ୍ସ' ଆମେରିକା ଯିବା ପାଇଁ ପୋର୍ଟସ୍‌ମାଉଥ୍ ନୌସେନା ଘାଟିରୁ ଶନିବାର ବାହାରିବା ପରେ ଇଂଲଣ୍ଡର ଦକ୍ଷିଣ ଉପକୂଳରେ ଖରାପ ହୋଇଯାଇଛି। କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଜାହାଜ ଆଗକୁ ବଢ଼ିପାରି ନ ଥିବା କୁହାଯାଉଛି। ୩ ବିଲିୟନ ପାଉଣ୍ଡ ମୂଲ୍ୟର ଏହି ଜାହାଜ ଗତବର୍ଷ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ବାଟରେ ଅଚଳ ହେବା ପରେ ଏହା ଆଇସ୍‌ଲେ ଅଫ୍ ୱେଟ୍‌ର ଦକ୍ଷିଣପୂର୍ବ ସମୁଦ୍ରତଟରେ ରହିଛି। ୬୫ ହଜାର ଟନ୍ ଓଜନର ଏହି ଜାହାଜ ଖରାପ ହେବା ପଛରେ କାରଣ ଯାଞ୍ଚ କରାଯାଉଛି।



## ଚନ୍ଦ୍ରକୁ ରକେଟ୍ ଉତ୍‌କ୍ଷେପଣ ସ୍ଥଗିତ

**ୱାଶିଂଟନ୍, ୨୯।୮**

ଆମେରିକାର ସ୍ପେସ୍ ଏଜେନ୍ସି ନାସା ସୋମବାର ଚନ୍ଦ୍ରକୁ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ ନିମନ୍ତେ ହୋଇଥିବା ଯୋଜନାକୁ ସ୍ଥଗିତ ରଖିଛି। ଦୁଇ ପର୍ଯ୍ୟାୟର ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ (ଏସ୍‌ଏଲ୍‌ଏସ୍) ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଏହି କାର୍ଯ୍ୟକ୍ରମ ଅଟକା ଯାଇଥିବା ନାସା ପକ୍ଷରୁ କୁହାଯାଇଛି। ଆସନ୍ତା ୨ ତାରିଖରେ ଏହାର ପୁନଃ ଉତ୍‌କ୍ଷେପଣ ପ୍ରସ୍ତୁତି କରାଯିବ। ନାସା ଚନ୍ଦ୍ରକୁ ପଠାଇବାକୁ ଥିବା ଏହି ରକେଟ୍ ସବୁଠୁ ଶକ୍ତିଶାଳୀ। ଏହା ନାସାର ଆର୍ଟେମିସ୍ ମିଶନର ଏକ ଅଂଶ। ଆପୋଲୋ ମିଶନର ୫୦ ବର୍ଷ ପରେ ପୁଣି ଥରେ ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ରକେଟ୍ ସ୍ଥାନୀୟ ସମୟ ସକାଳ ପ୍ରାୟ ସାଢ଼େ ୮ଟାରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମହାକାଶକୁ ଉତ୍‌କ୍ଷେପଣ କରାଯିବାର ଥିଲା। ପ୍ରାୟ ୧୦୦ ମିଟର ଲମ୍ବର ଏସ୍‌ଏଲ୍‌ଏସ୍ ପୃଥିବୀଠାରୁ ବହୁ ଦୂରରେ ଓରିଅନ୍ ନାମକ ଏକ ଟେଷ୍ଟ-କ୍ୟାପସୁଲ୍ ଲଞ୍ଚ କରିବ। ପ୍ରାୟ ୬ ସପ୍ତାହ ଏହା ଚନ୍ଦ୍ର ଚାରିପଟେ ଘୂରିବା ପରେ ପୃଥିବୀକୁ ଫେରିବ। ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ଅର୍ଥାତ ଉକ୍ତ କ୍ୟାପ୍‌ସୁଲରେ କୌଣସି ମହାକାଶଚାରୀ ରହିବେ ନାହିଁ। ଏହି ମିଶନ ସଫଳ ହେଲେ ଭବିଷ୍ୟତରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠକୁ ଯାଇପାରିବେ।



# ଚିତାବାଘ ଧରିବାକୁ ନାକେଦମ୍

■୨୫ ଦିନ ହେଲା ଚାଲିଛି ଅପରେଶନ
■ଦିନକୁ ୩ ଲକ୍ଷ ଖର୍ଚ୍ଚ କରୁଛି କର୍ନାଟକ
■ହନିଟ୍ରାପ୍ କୌଶଳ ଆପଣାଇଲେ କର୍ତ୍ତୃପକ୍ଷ

**ବେଲାଗାଭି,୨୯।୮**

କର୍ନାଟକର ବେଲାଗାଭି ସହର ମଧ୍ୟରେ ପଶିଥିବା ଏକ ଚିତାବାଘକୁ ଧରିବା ଲାଗି ସରକାରଙ୍କ ସମସ୍ତ ଉଦ୍ୟମ ଫେଲ୍ ମାରିବାରେ ଲାଗିଛି। ଏହି ମେଗା ଅପରେଶନକୁ ୨୫ ଦିନ ବିତିଲାଣି। ଏଥିରେ ଦୁଇଟି ହାତୀ, ଜେସିବି, ସ୍ୱତନ୍ତ୍ର ଡ୍ରୋନ୍ ଟିମ୍, ଶାର୍ପଶୁଟର, ଆନେସ୍ଥେଟିକ୍ ଏକ୍ସପର୍ଟଙ୍କ ସମେତ ୩୫୦ରୁ ଊର୍ଦ୍ଧ୍ୱ ପୋଲିସ ଓ ବନ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଅପରେଶନରେ ଦିନକୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଲଗାଯାଇଥିବା ସିସିଟିଭି ଫୁଟେଜ୍‌ରୁ ଚିତାର ଗତିବିଧି ଜଣାପଡୁଥିଲେ ମଧ୍ୟ ସେ ଖସି ପଳାଇଯାଇ କୁଆଡେ ଅଦୃଶ୍ୟ ହୋଇଯାଉଛି। ଚିତାବାଘ ଧରିବା ଲାଗି ସବୁ ଉଦ୍ୟମ ଫେଲ୍ ମାରିବା ପରେ ଏବେ କର୍ତ୍ତୃପକ୍ଷ ହନିଟ୍ରାପ୍ କୌଶଳ ଆପଣାଇଛନ୍ତି।

ଅପରେଶନରେ ନିଯୁକ୍ତ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ବାଘ ଧରିବା ଲାଗି ଲଗାଯାଇଥିବା ପଞ୍ଜୁରୀ ଚାରିପଟେ ମାଈ ବାଘ ମୂତ୍ର ସିଞ୍ଚନ କରାଯିବ। ଏଥିରେ ଆକୃଷ୍ଟ ହୋଇ ଚିତାଟି ପଞ୍ଜୁରିକୁ ଆସିପାରେ ବୋଲି ବିଶ୍ୱାସ କରାଯାଉଛି। ସହର ମଧ୍ୟଭାଗରେ ଥିବା ୨୫୦ ଏକର ବିଶିଷ୍ଟ ଗଲ୍ଫ କ୍ଲବ୍ ଉପରେ ଡ୍ରୋନ୍ ଚକ୍କର ମାରୁଛି। ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲ ହୋଇଥିବାରୁ ଚିତାଟି ସହଜରେ ଲୁଚିଯାଇପାରୁଛି। ଇତିମଧ୍ୟରେ କେତେକ ଗଛ କାଟିଦିଆଗଲାଣି। ସତର୍କତା ପଦକ୍ଷେପ ସ୍ୱରୂପ ସହରରେ ଥିବା ୨୧ଟି ସ୍କୁଲ୍ ଓ କଲେଜକୁ ୨୫ ଦିନ ହେଲା ବନ୍ଦ ରଖାଯାଇଛି।



ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୬୧,୨୯,୬୯୭ | ୬୪,୮୮,୮୦୮ | ୫୮,୧୬,୫୧,୫୦୬ |
| ଭାରତ | ୪,୪୪,୧୫,୭୨୩ | ୫,୨୭,୭୯୯ | ୪,୩୮,୦୨,୯୯୩ |
| ଓଡ଼ିଶା | ୧୩,୨୭,୧୫୦ | ୯୧୭୪(+୫୩) | ୧୩,୧୫,୯୨୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର






ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ରିପୋର୍ଟ: ଖେଳ ପୃଷ୍ଠା)

# ମାଲକାନଗିରିରେ ଓଟିଇଟି ଉତ୍ତର ପତ୍ର ଲିକ୍



ଓଟିଇଟି ସେଟ୍-ଏ'ର ପ୍ରଶ୍ନପତ୍ର(ବାମ), ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିବା ଉତ୍ତର ପତ୍ର।

## ୫ ହଜାର ଟଙ୍କାରେ ଉତ୍ତର ହାତେଇଥିବା ଚର୍ଚ୍ଚା

ମାଲକାନଗିରି, ୨୯।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ସୋମବାର ଅନୁଷ୍ଠିତ ହୋଇଯାଇଛି। ତେବେ ମାଲକାନଗିରି ଜିଲାରେ ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ପୂର୍ବରୁ ହିଁ ଉତ୍ତର ପତ୍ର ଲିକ୍ ହୋଇଛି। ଭାଇରାଲ ହୋଇଥିବା ଉତ୍ତର ପେପର ସେଟ୍-ଏ ର ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କେତେଜଣ ଅସାଧୁ ପରୀକ୍ଷାର୍ଥୀ ଉତ୍ତର ପତ୍ର ୫ ହଜାର ଟଙ୍କା ଦେଇ ହାତେଇଥିବା ଜିଲାରେ ଚର୍ଚ୍ଚା ହେଉଛି। ତେଣୁ ପରୀକ୍ଷାକୁ ବାତିଲ କରାଯାଇ ପୁନର୍ବାର କରାଯିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଓଟିଇଟି ପରୀକ୍ଷା ନିମନ୍ତେ ୨୬ରେ ପ୍ରଶ୍ନପତ୍ର ଆସି ମାଲକାନଗିରି ଜିଲାରେ ପହଞ୍ଚିଥିଲା। ମାଲକାନଗିରି ସଦରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ତାହାକୁ ରଖାଯାଇଥିଲା। ଏହି ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ ଅଧିକାରୀ ଏବଂ କେତେଜଣ ପ୍ରଶାସନିକ ଅଧିକାରୀ ଜଗି ରହିଥିଲେ। ସୋମବାର ସକାଳ ସାଢ଼େ ୬ଟାରେ ପ୍ରଶ୍ନପତ୍ର ଜିଲାର ୩ ପରୀକ୍ଷା କେନ୍ଦ୍ରକୁ ଯାଇଥିଲା।

ଉତ୍ତର ପତ୍ର ଲିକ୍ ଏବଂ ୫ ହଜାର ଟଙ୍କା ନେଇ ତାହାକୁ ଲିକ୍ କରାଯିବା ଚର୍ଚ୍ଚାକୁ ନେଇ ମାଲକାନଗିରି ଡିଇଓ ମାନସ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଉତ୍ତର ପତ୍ର ଲିକ୍ କିମ୍ବା ଟଙ୍କା ନେଇ ଉତ୍ତର ପତ୍ର ଲିକ୍ କରାଯାଇଥିବା ବିଷୟରେ କୌଣସି ଅଭିଯୋଗ ପହଞ୍ଚିନି। ତଦନ୍ତ କରାଯିବା ପରେ ଲିକ୍ ଘଟଣା ସତ୍ୟ ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ପୁନର୍ବାର ପରୀକ୍ଷା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ ବୋଲି ଜେନା କହିଛନ୍ତି। ତେବେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ଲିକ୍ କିପରି ହେଲା ଏବଂ ଏହାର ଉତ୍ତର ପତ୍ର ପରୀକ୍ଷାର୍ଥୀଙ୍କ ନିକଟରେ କେଉଁମାନେ ପହଞ୍ଚାଇଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପରିଶ୍ରମ କରି ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କୁ ଏହା ମାନସିକ ସ୍ତରରେ ଆଘାତ ଦେଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନେକ ପରୀକ୍ଷାର୍ଥୀ ଦାବି କରିଛନ୍ତି।

# ରାଜଧାନୀରେ ୧୭୫ ବେଆଇନ ଆପାର୍ଟମେଣ୍ଟ

## ନୋଏଡ଼ାରେ ଭାଙ୍ଗିଲା, ଭୁବନେଶ୍ୱରରେ କେବେ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଉତ୍ତର ପ୍ରଦେଶର ନୋଏଡ଼ାରେ ନିର୍ମାଣ ହୋଇଥିବା ୧୦୦ ମିଟର ଉଚ୍ଚତାର ଦୁଇଟି ବେଆଇନ ଅଟ୍ଟାଳିକାକୁ ରବିବାର ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। କୋଷ୍ଟାଲ ରେଗୁଲେଶନ ଜୋନ୍ ସର୍ତ୍ତକୁ ଉଲ୍ଲଂଘନ କରିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ସେହି ବହୁତଳ ଆପାର୍ଟମେଣ୍ଟକୁ ଧରାଶାୟୀ କରାଯାଇଛି। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବହୁମାତ୍ରାରେ ବେଆଇନ ନିର୍ମାଣ ଗଢ଼ିଉଠିଛି। ଏପରି କି ଦୀର୍ଘବର୍ଷ ହେଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧ୍ୱଂସ ଆଦେଶ ଦିଆଯାଇଥିବା ୧୭୫ଟି ବେଆଇନ ଅଟ୍ଟାଳିକା କେବେ ଭଙ୍ଗାଯିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଉଭୟ ସଂସ୍ଥା କେବଳ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ସଂଶୋଧନ ଆଇନ-୨୦୧୫ର ସେକ୍ସନ ୯୨(୨) ଅନୁଯାୟୀ ମାମଲା ରୁଜୁକରି ବସିଯାଉଛନ୍ତି।

ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଲ୍ଡିଂ ରେଗୁଲେଶନକୁ ଉଲ୍ଲଂଘନ କରିଥିବା ଭୁବନେଶ୍ୱରରେ ପ୍ରାୟ ୬ ହଜାର ନିର୍ମାଣ ରହିଛି। ବିଡିଏ ପକ୍ଷରୁ ମୋଟ୍ ୧,୬୪୩ ଆପାର୍ଟମେଣ୍ଟକୁ ଅନୁମୋଦନ କରାଯାଇଛି। ସେଥିରୁ ୪୮୭ ବେଆଇନ ନିର୍ମାଣ ହୋଇଛି। ଉକ୍ତ ବେଆଇନ ଆପାର୍ଟମେଣ୍ଟରୁ ୧୭୫ଟିକୁ ଭାଙ୍ଗିବାକୁ ବିଡିଏ ଓ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ଦିନକୁ ଦିନ ସହରରେ ବେଆଇନ ନିର୍ମାଣ ବଢ଼ିଚାଲିଛି, ଯାହା ସହରବାସୀଙ୍କ ପାଇଁ ବିପଦର କାରଣ ହୋଇଛି। ଯେଉଁଗୁଡ଼ିକ ଭାଙ୍ଗିବାକୁ ବିଡିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ସେଥିରୁ ଅଧିକାଂଶ ଆପାର୍ଟମେଣ୍ଟର ମାଲିକ ହାଇକୋର୍ଟରୁ ସ୍ଥଗିତାଦେଶ ଆଣି ସରକାରଙ୍କୁ ଏକପ୍ରକାର ଚାଲେଞ୍ଜ କରୁଛନ୍ତି। ମାତ୍ର ସେହି ସ୍ଥଗିତାଦେଶ ଉଚ୍ଛେଦ ଦିଗରେ ବିଡିଏ କିମ୍ବା ବିଏମ୍‌ସି ପକ୍ଷରୁ ସେଭଳି ପଦକ୍ଷେପ ନିଆଯାଉ ନ ଥିବାରୁ ଦୀର୍ଘବର୍ଷ ହେଲା ବେଆଇନ ନିର୍ମାଣକୁ ଧ୍ୱଂସ ଲାଗି ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ।

ଅନ୍ୟପକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଥରକୁଥର ସର୍ବକ୍ଷମା ଯୋଜନା କରାଯାଇ ଅନେକ ବେଆଇନ ନିର୍ମାଣରୁ କିଛି ଜରିମାନା ନେଇ ଆଇନସିଦ୍ଧ କରାଯାଉଛି। ଏଥିଯୋଗୁ ବେଆଇନ ନିର୍ମାଣ କରୁଥିବା ପ୍ରମୋଟରମାନେ ଆଖିବୁଜି ସରକାରୀ ବିଲ୍ଡିଂ ରେଗୁଲେଶନକୁ ଖୋଲାଖୋଲି ଉଲ୍ଲଂଘନ କରି ନିଜର ବ୍ୟବସାୟ ଜାରି ରଖିଛନ୍ତି। ବିଡିଏ ସଚିବ କବିନ୍ଦ୍ର କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡିଏ ଆଇନ ଅନୁଯାୟୀ ବେଆଇନ ନିର୍ମାଣକୁ ନଷ୍ଟ କରିବାକୁ ବିଏମ୍‌ସି ପଦକ୍ଷେପ ନେଇପାରିବ। ଏ ନେଇ ବିଏମ୍‌ସିକୁ ୩ ବର୍ଷ ପୂର୍ବରୁ ଏକ ତାଲିକା ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ବେଆଇନ ନିର୍ମାଣ ସମ୍ପର୍କରେ ସର୍ଭେ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଓଡିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପୂର୍ବତନ ଏନ୍‌ଫୋର୍ସମେଣ୍ଟ ଅଫିସର ସୁରଥ ଜେନା କହିଛନ୍ତି ଯେ, ବେଆଇନ ନିର୍ମାଣ ଉପରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଦିନକୁ ଦିନ ଏହା ବଢ଼ିଯାଉଛି। ସରକାର ଏ ଦିଗରେ କଠୋର ହେଲେ ଏହାକୁ ରୋକାଯାଇ ପାରିବ। ରେରା କାର୍ଯ୍ୟକାରୀ ହେବା ପରେ ବେଆଇନ ନିର୍ମାଣ ଉପରେ କିଛିମାତ୍ରାରେ ଅଙ୍କୁଶ ଲାଗିଛି। ଓରେରାର ବିନା ଅନୁମତିରେ କୌଣସି ପ୍ରମୋଟର ଆପାର୍ଟମେଣ୍ଟ ପାଇଁ ବିଜ୍ଞାପନ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗ୍ରାହକମାନଙ୍କୁ ବିଲ୍‌ଡରମାନଙ୍କ ଶୋଷଣରୁ ରକ୍ଷା କରିବାକୁ କେନ୍ଦ୍ର ସରକାର ୨୦୧୬ରେ ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ଆଇନ ଆଣିବା ପରେ ରାଜ୍ୟ ସରକାର ୨୦୧୭ରେ ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଆସିବା ପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରିବା ପୂର୍ବରୁ ଓରେରାଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ମିଳିବ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ସଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍‌ଆଚିଭ୍‌ମେଣ୍ଟ ଆୱାର୍ଡ ମିଳିବ। ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ କ୍ୟାପିଟାଲ୍ ଫାଉଣ୍ଡେଶନ ପକ୍ଷରୁ ଏହି ଆୱାର୍ଡରେ ସମ୍ମାନିତ କରାଯିବ। ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନିତ କରିବେ। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଡିଟୋରିୟମରେ ସେପ୍ଟେମ୍ବର ୪, ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ନବୀନଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରଣ ଯାତ୍ରା ଜାରି ରହିଛି।



ଗତ ଦୁଇ ଦଶନ୍ଧିରେ ଓଡ଼ିଶା ସବୁକ୍ଷେତ୍ରରେ ଦ୍ରୁତ ବିକାଶ କରିଛି। ନବୀନଙ୍କ ସରଳତା, ଦରଦୀ ହୃଦୟ, ନିର୍ମଳ ଭାବମୂର୍ତ୍ତି ଲୋକଙ୍କ ହୃଦୟ ଜିତିପାରିଛି। ୧୯୮୭ରେ ପ୍ରତିଷ୍ଠିତ କ୍ୟାପିଟାଲ ଫାଉଣ୍ଡେଶନରେ ସାଂସଦ, ସାମାଜିକ କର୍ମୀ, ବିଚାରପତି, ରାଜଦୂତ, ସାମ୍ବାଦିକ, ସ୍କଲାର ଓ ପ୍ରଫେସନାଲମାନେ ମିଳିତ ଭାବେ ନିଜର ଭାବ ବିନିମୟ କରିଥାଆନ୍ତି। ପୂର୍ବରୁ କ୍ୟାପିଟାଲ ଫାଉଣ୍ଡେଶନ ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ, ବରିଷ୍ଠ ଆଡ୍‌ଭୋକେଟ ରାମ ଜେଠାମାଲାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ପ୍ରମୁଖ ପୁରସ୍କୃତ ହୋଇଛନ୍ତି।

# ଆଜି ୨୭୬ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଅଣଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକରେ ୨୭୬ଜଣ ନୂଆ ଅଧ୍ୟାପକ ନିଯୁକ୍ତ ହେବେ। ରାଜନୀତି ବିଜ୍ଞାନ ଓ ଇଂଲିଶ ବିଷୟ ପାଇଁ ଏହି ଅଧ୍ୟାପକଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ଅଧ୍ୟାପକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ନବନିଯୁକ୍ତ ଅଧ୍ୟାପକଙ୍କୁ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି।

# ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

**ଫୁଲବାଣୀ ଅଫିସ,୨୯।୮:** କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ସୋମବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର କୁଶ ପରିଚ୍ଛା। ୨୦୧୭ ଅକ୍ଟୋବର ୧୬ ତାରିଖରେ କୁଶ ପୀଡିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ କାନ୍ଦ ଶୁଣି ଘର ପାଖ ଜଙ୍ଗଲରେ ଖଲିପତ୍ର ତୋଳୁଥିବା ମା'ବାପା ଓ ଅନ୍ୟ ଦୁଇଜଣ ଆସି ପହଞ୍ଚିଥିଲେ। ପରିବାର ଲୋକେ ସମସ୍ତ କଥା ଜଣିବା ପରେ ଦାରିଙ୍ଗବାଡି ଥାନାରେ ଏତଲା ଦେଇଥିଲେ। ପୋଲିସ ୯୯/୧୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ କୁଶଙ୍କୁ ଗିରଫ କରିଥିଲା। ମୋଟ ୧୨ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରଙ୍କ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି।

# ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ

## ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ମାମଲା

**କଟକ ଅଫିସ,୨୯।୮:** ବିକୃତ ଗଣେଶ ମୂର୍ତ୍ତି ନିର୍ମାଣ ପ୍ରସଙ୍ଗକୁ ନେଇ ଆଗତ ମାମଲାରେ ହସ୍ତକ୍ଷେପ କରିବାକୁ ସୋମବାର ହାଇକୋର୍ଟ ମନା କରିଦେଇଛନ୍ତି। ଏଥିସହ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ପୋଲିସକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

କଟକ ସହରସ୍ଥ କୁମ୍ଭାରସାହିର ମୃଣ୍ମୟୀ ଶିଳ୍ପୀ ନାରାୟଣ ମୁଦୁଲିଙ୍କ ପକ୍ଷରୁ ହାଇକୋର୍ଟରେ ଶୁକ୍ରବାର ଏନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ଧରି କାରିଗରମାନଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଚଳିତବର୍ଷ ଜାକଜମକରେ ଗଣେଶ ପୂଜା ପାଳନ ହେବାକୁ ଥିବାରୁ ମୂର୍ତ୍ତି କାରିଗରମାନେ ଲୋକଙ୍କ ଚାହିଦା ଓ ଅର୍ଡର ଅନୁସାରେ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଥିଲେ। ହେଲେ ବିକୃତ ମୂର୍ତ୍ତି ନିର୍ମାଣ କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ତାଗିଦା କରାଯିବା ସହ ଧମକଚମକ ଦିଆଯାଇଥିବା ନେଇ ଆବେଦନରେ ଦର୍ଶାଯାଇଥିଲା। ଏଥିସହ ମଣ୍ଡପରେ ରୁଦ୍ରଗଣେଶଙ୍କ ମୂର୍ତ୍ତି ପୂଜା ନିମନ୍ତେ ଅନୁମତି ଦେବାକୁ ହାଇକୋର୍ଟଙ୍କୁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଅପରପକ୍ଷରେ କୌଣସି ଧମକଚମକ ଦିଆଯାଇନାହିଁ, କେବଳ ବିକୃତ ମୂର୍ତ୍ତି ତିଆରିକୁ ବାରଣ କରାଯାଇଛି ବୋଲି କମିଶନରେଟ ପୋଲିସ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗଣେଶ ପୂଜା ପାଇଁ ଥିବା ସ୍ୱଳ୍ପ ସମୟ ଅବଧି ମଧ୍ୟରେ ମୂର୍ତ୍ତି ବିକୃତ କି ନୁହେଁ ନିଶ୍ଚିତ କରିବା ସମ୍ଭବ ନୁହେଁ ବୋଲି ମତ ଦେଇ ଅଦାଲତ ହସ୍ତକ୍ଷେପ ଲାଗି ମନା କରିଦେଇଥିଲେ। ଏଥିସହ ବିକୃତ ଗଣେଶ ମୂର୍ତ୍ତିକୁ ନେଇ ଲୋକଙ୍କ ଅସନ୍ତୋଷ ରହୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ପୋଲିସକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।










## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ଅଭିଜିତ୍
ପରିବାରବର୍ଗ


ଅଭିଷେକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ପଛକେ ଅଧୁଆ ହେଉ**
**ପେଯ ହେଉ ବହଳିଆ**
**ଘଇତା ପଛକେ ସନ୍ତିଆ ହେଉ**
**ଲୁଗା ହେଉ ତଉଁରିଆ।**

କେତେକ ମହିଳା ସ୍ତ୍ରୀଧର୍ମ ପାଳନ କରି ନ ଥାନ୍ତି। ସ୍ୱାମୀ ପଛେ ବୈରାଗୀ ହେଉ, ଯାହିତାହି ଜୀବନ ବିତାଉ ସେଥିକୁ ପରବାୟ ନ କରି ନିଜେ କେମିତି ଭଲରେ ଖାଇବ, ପିନ୍ଧିବ ତଥା ଚଳିବ ସେ କଥାକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ୱାମୀର ଚଳଣି ତଥା ରୋଜଗାର ଦେଖି ସ୍ତ୍ରୀ ନିଜର ଆବଶ୍ୟକତା ପୂରଣ କରିବା ଶୋଭନୀୟ ହେଉଥିବା ସ୍ଥଳେ ସ୍ୱାମୀକୁ ପଛ କରି ସ୍ତ୍ରୀ ନିଜର ଲାଳସା ପୂରଣ ପାଇଁ ଆଗଭର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚି ଚିଆଁ ଶାରୀ
ଚିକ୍କଣିଆ ଭଣ୍ଡାରି
ଚାହିଁ ଜଳକୀ ବିଟପୀ ନାରୀ
ସଖୀ ବଡ଼ ମନ୍ଦ ଏ।

ଅହରହ ରା କରୁଥିବା ଶାରୀକୁ କେହି ପସନ୍ଦ କରିନଥାନ୍ତି। ସେହିପରି ଚିକ୍କଣିଆ କଥା କହୁଥିବା ଭଣ୍ଡାରି ଓ ବିଟପୀ ନାରୀ, ଏମାନେ ସମସ୍ତେ ଖରାପ ସ୍ୱଭାବର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁର୍ବଳ ମୌସୁମୀ ଯୋଗୁ ବଢୁଛି ତାପମାତ୍ରା

**୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ବଢ଼ି ଚାଲିଛି। ବର୍ଷା ଋତୁରେ ଗ୍ରୀଷ୍ମର ଅନୁଭବ ହେଉଛି। ମଝିରେ ମଝିରେ କେଉଁଠି କେମିତି ବର୍ଷା ହେଉଥିଲେ ମଧ୍ୟ ତାତି ଓ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଛି। ସୋମବାର ରାଜ୍ୟର ୬ ସ୍ଥାନରେ ୩୫ ଡିଗ୍ରୀ ଉପରେ ପାରଦ ରହିଥିଲା। ଚାନ୍ଦବାଲିରେ ସର୍ବାଧିକ ୩୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବୌଦ୍ଧ ୩୫.୫, ସମ୍ବଲପୁର ୩୫.୪, ଭବାନିପାଟଣା ୩୫.୨, ଅନୁଗୋଳ ୩୫.୧ ଓ କଟକ ୩୫ ଡିଗ୍ରୀ ରହିଥିଲା। ସେହିପରି ଭୁବନେଶ୍ୱରରେ ୩୪.୫, ଟିଟିଲାଗଡ଼ ୩୪.୨, ମାଲକାନଗିରି ୩୪.୫, ସୋନପୁର ୩୪.୨, ନୟାଗଡ଼ ୩୪, ଭଦ୍ରକ ୩୪, ଯାଜପୁର ୩୪, ଢେଙ୍କାନାଳ ୩୪ ଓ ବରଗଡ଼ରେ ୩୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଦୁର୍ବଳ ମୌସୁମୀ ଯୋଗୁ ଦିନର ତାପମାତ୍ରାରେ ବୃଦ୍ଧି ପାଉଛି। ଉଚ୍ଚ ତାପମାତ୍ରା ଓ ଆର୍ଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେଉଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୪ରୁ ୫ଦିନ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ଢେଙ୍କାନାଳରେ ସର୍ବାଧିକ ୧୨.୨ମିମି ବର୍ଷା ରେକର୍ଡ କରାଯାଇଛି। ସୋନପୁର, ଦାରିଙ୍ଗବାଡ଼ି, ପାରଳାଖେମୁଣ୍ଡି, କଟକ, ଝାରସୁଗୁଡ଼ା, କେନ୍ଦୁଝର, ତାଳଚେରରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ଦୁଇଦିନ କିଛି ସ୍ଥାନରେ ବର୍ଷା ହେବ। ୧ ଓ ୨ ତାରିଖ ଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ୧୯ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା ହେବ। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ତେବେ ୧ ତାରିଖ ଦିନ ବଜ୍ରପାତ ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ ଓ କନ୍ଧମାଳ ଆଦି ୯ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

# ୨୦୦୫.୮୯ କୋଟି ଖର୍ଚ୍ଚରେ ନିଯୁକ୍ତି ପାଇବେ ୩୫୪୫

**୧୦ ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ରାଜ୍ୟର ଆଗଧାଡ଼ିର ମିଡିଆ କମ୍ପାନୀ 'ସୁମା ରିଅଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍' ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ଔଷଧ ନିର୍ମାଣ କମ୍ପାନୀ ଖୋଲିବ। ଏଥିପାଇଁ କମ୍ପାନୀ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ କରିବ। ଏଠାରୁ ବାର୍ଷିକ ୧.୬ ବିଲିୟନ ୟୁନିଟ୍ ଔଷଧ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗିଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ଏହି ପ୍ରକଳ୍ପ ସମେତ ମୋଟ ୨୦୦୫.୮୯ କୋଟି ଟଙ୍କାର ୧୦ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟରେ ଅତିରିକ୍ତ ୩୫୪୫ ଜଣ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ସୁମା ରିଅଲ ମିଡିଆ ପ୍ରାଃ ଲିଃକୁ ଖୋର୍ଦ୍ଧା ଜିଲ୍ଲାର ଗୋଠପାଟଣାଠାରେ ଔଷଧ ପ୍ରସ୍ତୁତ ନିର୍ମାଣ କାରଖାନା ଏବଂ ଔଷଧ ଗବେଷଣା-ବିକାଶ କେନ୍ଦ୍ର ସ୍ଥାପନ କରିବ। ଏଥିରେ ୧୨୮୦ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସିଙ୍ଗିଲଓ୍ୱିଣ୍ଡୋ କ୍ଲିଅରାନ୍ସ ପାଇଥିବା ଅନ୍ୟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ଲିଃକୁ ଯାଜପୁରର ଦାନଗଦିଠାରେ ୨୦୫.୪୪ କୋଟି ଟଙ୍କା ବ୍ୟୟରେ କାର୍ବନ ଇଲୋକ୍ଟ୍ରୋଡ୍ ପେଷ୍ଟ ମ୍ୟାନୁଫାକ୍ଚରିଂ ପ୍ଲାଣ୍ଟ (୧ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ) ନିର୍ମାଣ କରିବ। ଜଗତସିଂହପୁରର ପାରାଦୀପଠାରେ ସାଇ ବଲକ୍ ବ୍ୟାଗସ୍ ପ୍ରାଃ ଲିଃ ୧୩୫.୯୫ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧,୪୪,୦୦୦ ମେଟ୍ରିକ୍ ଟନ୍ କେମିକାଲ (ସଲଫୁରିକ୍ ଏସିଡ୍) ଓ ୨୪,୦୦୦ ମେଟ୍ରିକ ଟନ୍ ଫାଇନ୍ ଫ୍ୟାବ୍ରିକ୍ ପ୍ରସ୍ତୁତ ନିମନ୍ତେ କାରଖାନା ନିର୍ମାଣ କରିବ। ଏହାଦ୍ୱାରା ଯଥାକ୍ରମେ ୨୬୦ ଓ ୩୦୧ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସିଙ୍ଗିଲଓ୍ୱିଣ୍ଡୋ ଅଥରିଟି ଏହି ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି ୟୁନାଇଟେଡ୍ ଫେରୋକାଷ୍ଟ ପ୍ରାଃ ଲିଃ ଦ୍ୱାରା ଯାଜପୁରର ବଡ଼ଚଣାଠାରେ ବାର୍ଷିକ ୦.୧୧ ନିୟୁତ ଟନ୍ ଫେରୋ ଆଲୟେଜ୍ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିପାଇଁ କମ୍ପାନୀ ୨୬୧.୧ କୋଟି ଟଙ୍କା ବ୍ୟୟ କରିବ ଓ ୩୭୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କେନ୍ଦୁଝରର ଝାମ୍ପୁରାରେ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍ ପେଲେଟ୍ ପ୍ଲାଣ୍ଟ ଓ ୫ ନିୟୁତ ମେଟ୍ରିକ ଟନ୍ ଲୁହାପଥର ବେନିଫିକେସନ୍ ପ୍ଲାଣ୍ଟ ନିର୍ମାଣ ପାଇଁ ବାଲେଶ୍ୱୋ ଏଣ୍ଟରପ୍ରାଇଜେସ୍ ପ୍ରାଃ ଲିଃକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। କମ୍ପାନୀ ଏଥିପାଇଁ ୭୭୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ୩୧୪ ଜଣଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବ। ଖୋର୍ଦ୍ଧାର ଡେରାସସ୍ଥିତ ସି'ଫୁଡ୍ ପାର୍କରେ ଚିଙ୍ଗୁଡ଼ି ପ୍ରୋସେସିଂ ୟୁନିଟ୍ ସ୍ଥାପନ ନିମନ୍ତେ ଡିଏନ୍ ସି ସେଲ ପ୍ରାଃ ଲିଃ କମ୍ପାନୀକୁ ୫୦.୪୦ କୋଟି ଟଙ୍କା ନିବେଶ କରିବାକୁ ସିଙ୍ଗିଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୪୦୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମେ' ଫେୟାର ହୋଟେଲସ ଆଣ୍ଡ ରିସୋର୍ଟକୁ ଗଞ୍ଜାମ ଜିଲ୍ଲାର ଗୋପାଳପୁରସ୍ଥିତ ନିଜର ୟୁନିଟକୁ ସମ୍ପ୍ରସାରଣ କରିବା ପାଇଁ ଅନୁମତି ମିଳିଛି। ମେ'ଫେୟାର ପାମ୍ ବିଚ୍ ରିସୋର୍ଟ ସମ୍ପ୍ରସାରଣ ପାଇଁ କମ୍ପାନୀ ୮୫ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ଅତିରିକ୍ତ ୧୨୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାଜପୁରର ବାଘୁଆପାଳଠାରେ ନରେଶ କୁମାର ଆଣ୍ଡ କୋ ପ୍ରାଃ ଲିଃ ଦ୍ୱାରା ୱେୟାରହାଉସ୍ ତଥା ଲଜିଷ୍ଟିକ୍ ପାର୍କ ସ୍ଥାପନ କରାଯିବ। ଏଥିପାଇଁ ସଂସ୍ଥା ପକ୍ଷରୁ ୧୨୫ କୋଟି ଟଙ୍କା ବ୍ୟୟ ହେବ। ୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରୁନ୍‌ୟା ଆଲୁମିନିୟମ ପ୍ରାଃ ଲିଃ ୮୦ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ଜିଲ୍ଲାରେ ୫ ହଜାର ମେଟ୍ରିକ ଟନ୍ ଆଲୁମିନିୟମ ପାଉଡର ଆଣ୍ଡ ପିଗମେଣ୍ଟ ପ୍ଲାଣ୍ଟ ନିର୍ମାଣ କରିବ। ଏହାଦ୍ୱାରା ୧୨୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

# ଅବସରପ୍ରାପ୍ତ ଏସ୍‌ଡିଓଙ୍କୁ ୩ବର୍ଷ ଜେଲଦଣ୍ଡ

**୨୫ ବର୍ଷ ପରେ ରାୟ**

**ଅଟାକଳକୁ ବିଦ୍ୟୁତ୍ ସଂଯୋଗ ପାଇଁ ଲାଞ୍ଚ ନେଉଥିଲେ**

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଏକ ଲାଞ୍ଚ କାରବାର ମାମଲାରେ ଦୀର୍ଘ ୨୫ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ଏସ୍‌ଡିଓ (ଇଲେକ୍ଟ୍ରିକାଲ) ଉମେଶ ପ୍ରସାଦ ଦାସଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ତୃତୀୟ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ରବି ନାରାୟଣ ନନ୍ଦ ତାଙ୍କ ଅଟା କଳକୁ ବିଦ୍ୟୁତ୍ ସଂଯୋଗ ନେବାକୁ ବିଦ୍ୟୁତ୍ ବିଭାଗରେ ଆବେଦନ କରିଥିଲେ। ଏଥିପାଇଁ ତତ୍କାଳୀନ ଏସ୍‌ଡିଓ ଉମେଶ ପ୍ରସାଦ ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ରବି ତାଙ୍କୁ ୧ହଜାର ଟଙ୍କା ଦେବାପରେ ମଧ୍ୟ ସେ ବାକି ୫୦୦ଟଙ୍କା ମାଗିଥିଲେ। ୧୯୯୬ ଅକ୍ଟୋବର ୩୧ରେ ବକେୟା ୫ଶହ ଟଙ୍କା ଗ୍ରହଣ କରିବା ସମୟରେ କଟକ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉମେଶଙ୍କୁ ଗିରଫ କରିଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୮୬/୧୯୯୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୮ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଆତ୍ମହତ୍ୟା: ଦିନ...

ପାଇଛି। ୨୦୨୧ରେ ମୋଟ ୧ ଲକ୍ଷ ୬୪ ହଜାର ୩୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ୨୦୨୦ରେ ଏହି ସଂଖ୍ୟା ଥିଲା ୧ ଲକ୍ଷ ୫୩ ହଜାର ୫୨। ପାରିବାରିକ ସମସ୍ୟା, ଅସୁସ୍ଥତା, ବୃତ୍ତିଗତ ସମସ୍ୟା, ଏକଲାପଣ, ହିଂସା, ନିଶା ଆସକ୍ତ ଏବଂ ଆର୍ଥିକ କ୍ଷତି ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି ଏନ୍‌ସିଆର୍‌ବି ୨୦୨୧ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟ କାରଣଗୁଡ଼ିକ ମଧ୍ୟରେ ପ୍ରେମ ବ୍ୟାପାର, ବୈବାହିକ ବିବାଦ, ସାମାଜିକ ମର୍ଯ୍ୟଦା ହାନି, ପରୀକ୍ଷାରେ ବିଫଳତା, ସମ୍ପତ୍ତି ବିବାଦ, ଆତ୍ମୀୟଙ୍କୁ ହରାଇବା, ଅଭାବ ଅନଟନ, ଅଣନିଯୁକ୍ତି ଏବଂ ଅବୈଧ ସମ୍ପର୍କ ଅନ୍ୟତମ। ବୃତ୍ତି ତଥା ପେସାଗତ ସମସ୍ୟା ଜନିତ ଆତ୍ମହତ୍ୟା କ୍ଷେତ୍ରରେ ଦୈନିକ ମଜୁରିଆଙ୍କ ସଂଖ୍ୟା ସର୍ବାଧିକ ୨୫.୬% ଥିବାବେଳେ ୧୨.୩% ଆତ୍ମନିଯୁକ୍ତିଧାରୀ, ୯.୭% ଦରମାଭୋଗୀ, ୦.୯% ଅବସରପ୍ରାପ୍ତ କର୍ମଚାରୀ ରହିଛନ୍ତି। ସେହିପରି କୃଷି କ୍ଷେତ୍ରରେ ନିଯୁକ୍ତ ୬.୬ ପ୍ରତିଶତ ବ୍ୟକ୍ତି ଏବଂ ନିଯୁକ୍ତିରୁ ବଞ୍ଚିତ ୮.୪ ପ୍ରତିଶତ ବ୍ୟକ୍ତି ଜୀବନ ହାରିବା ଭଳି ଚରମପନ୍ଥାକୁ ବାଛି ନେଇଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ରହିଛି ୮%।

ଦେଶର ୫ ବଡ଼ ରାଜ୍ୟରେ ୫୦.୩ ପ୍ରତିଶତ ଆତ୍ମହତ୍ୟା ଘଟଣା ଘଟିଛି। ସେଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୨୨,୨୦୭ (୧୩.୫%) ଘଟଣା ଘଟିଥିବାବେଳେ ତାମିଲନାଡୁରେ ୧୮,୯୨୫ (୧୧.୫%), ମଧ୍ୟପ୍ରଦେଶରେ ୧୪,୯୬୫ (୯.୧%), ପଶ୍ଚିମବଙ୍ଗରେ ୧୩,୫୦୦ (୮.୨%) ଏବଂ କର୍ଣ୍ଣାଟକରେ ୧୩,୦୫୬(୮%) ଆତ୍ମହତ୍ୟା ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି। ଅବଶିଷ୍ଟ ୨୩ ରାଜ୍ୟ ଏବଂ ୮ କେନ୍ଦ୍ର ଶାସିତ ଅଞ୍ଚଳରେ ୪୯.୭% ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ ୫୫୬୧(୩.୪%) ଆତ୍ମହତ୍ୟା ଘଟିଛି, ଯାହାକି ୨୦୨୦ ତୁଳନାରେ ୧୫ ଅଧିକ। ପାରିବାରିକ ସମସ୍ୟାରୁ ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶାରେ ସର୍ବାଧିକ ୪୦୩୩(୭୧.୪%)ଟି ଘଟଣା ଘଟିଛି। ଏ କ୍ଷେତ୍ରରେ ଓଡ଼ିଶା ୨୦୨୦ରେ ମଧ୍ୟ ଆଗରେ ରହିଥିଲା। ଉକ୍ତ ବର୍ଷ ମୋଟ ୫୫୪୬ ଆତ୍ମହତ୍ୟା ଘଟଣା ମଧ୍ୟରୁ ୪୫୦୬ଟି ଥିଲା ପାରିବାରିକ ସମସ୍ୟା।

୧ ଲକ୍ଷ ଜନସଂଖ୍ୟାକୁ ନେଇ ଆତ୍ମହତ୍ୟା ହାର ଆକଳନ କରାଯାଇଥାଏ। ତଦନୁଯାୟୀ ଦେଶରେ ୨୦୨୧ରେ ଆତ୍ମହତ୍ୟା ହାର ୧୨ ରହିଛି, ଯାହାକି ୧୯୬୭ ପରଠାରୁ ସର୍ବାଧିକ। ୨୦୧୦ରେ ଦ୍ୱିତୀୟ ସର୍ବାଧିକ ଆତ୍ମହତ୍ୟା ହାର (୧୧.୩୫) ରହିଥିଲା। ୨୦୨୧ ରିପୋର୍ଟ ଅନୁଯାୟୀ, ଆଣ୍ଡାମାନ ନିକୋବରରେ ଆତ୍ମହତ୍ୟା ହାର ସର୍ବାଧିକ ୩୯.୭ ରହିଥିବାବେଳେ ସିକିମ୍‌ରେ ୩୯.୨, ପୁଡୁଚେରୀରେ ୩୧.୮, ତେଲଙ୍ଗାନା ଓ କେରଳରେ ୨୬.୯ ଏବଂ ଓଡ଼ିଶାରେ ୧୨.୩ ରହିଛି। ୨୦୨୦ରେ ଦେଶର ଆତ୍ମହତ୍ୟା ହାର ୧୧.୩ ଥିବାବେଳେ ଓଡ଼ିଶାରେ ଥିଲା ୧୨.୨।

## ମହିଳା, ଶିଶୁ ବିରୋଧୀ...

୨୦୨୦ ତୁଳନାରେ ୧୬.୨% ବୃଦ୍ଧି ପାଇଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ମହିଳା ବିରୋଧୀ ଅପରାଧ ମାମଲା ୪,୨୮,୨୭୮ ରହିଛି। ଏହି ସଂଖ୍ୟା ୨୦୨୦ରେ ୩,୭୧,୫୦୩ ରହିଥିଲା। ସ୍ୱାମୀ କିମ୍ବା ଶାଶୁଘର ଲୋକଙ୍କ ଦ୍ୱାରା ଅତ୍ୟାଚାର ଏବଂ ଅପରାଧର ଶିକାର ହୋଇ ଭାରତୀୟ ପେନାଲ କୋଡ୍(ଆଇପିସି)ରେ ପଞ୍ଜୀକୃତ ହୋଇଥିବା ମାମଲା ମୋଟ୍ କେସ୍‌ର ୩୧.୮%। ମହିଳାଙ୍କ ମର୍ଯ୍ୟାଦା ହାନି ପାଇଁ ଉଦ୍ଦିଷ୍ଟ ଆପରାଧିକ ମାମଲା ୨୦.୮% ରହିଥିବାବେଳେ ୧୭.୬% ଅପହରଣ କେସ୍ ରହିଛି। ସେହିପରି ଗତବର୍ଷ ପଞ୍ଜୀକୃତ ବଳାତ୍କାର ମାମଲା ୭.୪% ରହିଛି। ଅପରପକ୍ଷେ ୨୦୨୧ରେ ଶିଶୁଙ୍କ ପ୍ରତି ହୋଇଥିବା ଆପରାଧିକ ମାମଲା ସଂଖ୍ୟା ୧,୪୯,୪୦୪ ରହିଛି। ସେଥିମଧ୍ୟରୁ ଅଧିକାଂଶ କେସ୍ ଅପହରଣ ଜନିତ ହୋଇଥିବାବେଳେ ଏହାତଳକୁ ଯୌନଶୋଷଣ ଏବଂ ବଳାତ୍କାର ମାମଲା ରହିଛି। ୨୦୨୦ରେ ଶିଶୁ ବିରୋଧୀ ଅପରାଧ ମାମଲା ୧,୨୮,୫୩୧ ରହିଥିଲା। ଗତ ବର୍ଷ ପ୍ରତି ଲକ୍ଷେ ଶିଶୁରେ ୩୩.୬% ଅପରାଧର ଶିକାର ହୋଇଥିବାବେଳେ ୨୦୨୦ରେ ଏହି ହାର ୨୮.୯% ଥିଲା। ଏନ୍‌ସିଆର୍‌ବି ତଥ୍ୟରୁ ଆହୁରି ଜଣାପଡ଼ିଛି, ୨୦୨୧ରେ ମୋଟ ୬୦,୯୬,୩୧୦ ଆପରାଧିକ ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୩୬,୬୩,୩୬୦ କେସ୍ ଆଇପିସି ଅଧୀନରେ ଥିବାବେଳେ ୨୪,୩୨,୯୫୦ ମାମଲା ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ (ଏସ୍‌ଏଲ୍‌ଏଲ୍) ବଳରେ ପଞ୍ଜୀକୃତ ରହିଛି। ୨୦୨୦ ତୁଳନାରେ ମୋଟ ଆପରାଧିକ ମାମଲା ୭.୬% ହ୍ରାସ ପାଇଛି।

## ଦେଢ଼ ଲକ୍ଷରେ...

ଗିରଫ ଦୁଇଜଣଙ୍କୁ ଭୁବନେଶ୍ୱର ରେଞ୍ଜ୍ ଅଫିସ୍‌ରେ ରଖାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଚରାଉଚରାବେଳେ ଦୁଇ ଅଭିଯୁକ୍ତଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେମାନେ ଜଟଣୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୫୦ହଜାର ଟଙ୍କାରେ ଉକ୍ତ ବହୁରୂପୀ ଏଣ୍ଡୁଅ କିଣିଥିଲେ। ଗୋଟିଏ ଦିନ ରଖିବା ପରେ ତାକୁ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏହି ଖବର ବନ ବିଭାଗ ପାଖରେ ପହଞ୍ଚିବା ପରେ ନଗର ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ବନାଞ୍ଚଳ ଓ ମଞ୍ଚେଶ୍ୱର ବନାଞ୍ଚଳର ୨୦ଜଣ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏସିଏଫ୍ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲେ। ପ୍ରଥମେ ଅଭିଯୁକ୍ତଙ୍କ ସହ କଥାହୋଇ ଏଣ୍ଡୁଅ କିଣିବା ପାଇଁ ଡିଲ୍ ହୋଇଥିଲା। ମୂଲଚାଲ ପରେ ଦେଢ଼ ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା। ସେହି ଅନୁସାରେ ଅଜା ଓ ନାତି ଭୁବନେଶ୍ୱର ବାଣୀବିହାରସ୍ଥିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ପହଞ୍ଚିଥିଲେ। ଜଣେ ଫରେଷ୍ଟର ଗ୍ରାହକ ହୋଇ ଏଣ୍ଡୁଅ କିଣିବା ପାଇଁ ସେମାନଙ୍କ ପାଖକୁ ଯାଇଥିଲେ। ସେମାନେ ଏଣ୍ଡୁଅକୁ ବାହାର କରି ଦେଖାଇବା ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଅନ୍ୟ ବନ କର୍ମଚାରୀମାନେ କାବୁ କରିନେଇଥିଲେ। ଏଥିସହ ଉକ୍ତ ବହୁରୂପୀ ଏଣ୍ଡୁଅକୁ ମଧ୍ୟ ଜବତ କରାଯାଇଥିଲା। ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ବହୁରୂପୀ ଏଣ୍ଡୁଅ ହେଉଛନ୍ତି ସିଡ୍ୟୁଲ-୨ ପ୍ରାଣୀ। ତେଣୁ ଏହାକୁ ରଖିବା କିମ୍ବା ବେପାର କରିବା ଦଣ୍ଡନୀୟ ଅପରାଧ। ଏହି ଏଣ୍ଡୁଅଟି ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହାକୁ ସାଧାରଣତଃ ପୋଷା କରି ରଖିବାକୁ ଲୋକେ ପସନ୍ଦ କରିଥାନ୍ତି। କିନ୍ତୁ ଏହି ଏଣ୍ଡୁଅ କିଏ ଧରିଥିଲେ, ଅଭିଯୁକ୍ତ ଦ୍ୱୟ କାହାଠାରୁ କିଣିଥିଲେ ଓ କାହାକୁ ବିକ୍ରି କରିଥାନ୍ତେ, ତାହାର ଖୋଳତାଡ଼ କରୁଛି ବନ ବିଭାଗ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ମନୋମାଳିନ୍ୟ ଦୂରେଇନେବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସକାଳୁ ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ମାଙ୍ଗଳିକ କାମରେ କେତେକାଂଶରେ ପ୍ରତିବନ୍ଧକ ଦେଖାଦେବ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଆଶା ପୂରଣରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ଘଟଣା ଗୁରୁତର ହେବ ନାହିଁ ଅବଶ୍ୟ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**ମିଥୁନ** ଯେକୌଣସି ପ୍ରକାରେ ନିଜର କାମ ହାସଲ ପାଇଁ ଚେଷ୍ଟିତ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କେତେକ କାମରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ଏବଂ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଅବହେଳା କରି ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ଅନୁତାପ କରିବାକୁ ପଡ଼ିପାରେ । ଆନୁଷ୍ଠାନିକ କାମରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିପାରନ୍ତି।

**ସିଂହ** ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। କାମଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ, ମାତ୍ର ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ଛୋଟବଡ଼ କେତେକ ସମସ୍ୟା କର୍ମକ୍ଷେତ୍ରରେ ପରିଲକ୍ଷିତ ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଅପ୍ରିୟ ସତ କଥା କହିବା କାରଣରୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ, ଯାହାକି ବନ୍ଧୁଙ୍କ ସାହାଯ୍ୟରୁ ଘଟିବ । ସାଧାରଣ କଥାରେ ଯୁକ୍ତିତର୍କ ବୃଦ୍ଧି ପାଇବା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଲକ୍ଷ୍ୟକରି ଆଶ୍ୱସ୍ତି ଲାଭ କରିବେ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉନା କାହିଁକି ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡ଼ିବ । ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଖଳଲୋକଙ୍କ ଦ୍ୱାରା କରାଯାଇଥିବା ଦୁରଭିସନ୍ଧିଜନିତ ପରିସ୍ଥିତିରେ ଅପମାନଜନକ ସ୍ଥିତିରୁ ଖସିଯାଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ମାନସିକ ଅସ୍ଥିରତା ସୃଷ୍ଟିହେବ । କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ।

**ମକର** ସାମୟିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ।

**କୁମ୍ଭ** ଆଜି ଦିନଟିରେ କେତେକ ପୁରାତନ କାମ ଶେଷ କରିବାକୁ ଅଗ୍ରାଧିକାର ଦେବେ। ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। ବିଭିନ୍ନ କାମରେ ବ୍ୟସ୍ତ ରହି ମୂଳଲକ୍ଷ୍ୟକୁ ପାସୋରି ଦେବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତ ହେବେ। ସାହିତ୍ୟ, ସାମ୍ବାଦିକତା, ସରକାରୀ ସ୍ତରର କାମ, ରାଜନୀତି, ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।

**classifieds Everyday**
0674-2580101, 2549302




**SALE**

Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

Bhubaneswar Sum Hospital ପାଖ ଘଙ୍ଘାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952. D-73300

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

NH side commercial plot Niali Road, 6 Km. from Nakhara, Cuttack. 7809525452. D-73959

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952. D-74101

ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026. D-74103




Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-73297

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1116




Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage 1099 free massage one. Mo: 9583808247. D-1164

Fullbody relax massage refresh your body with trend therapist. 7008773793. D-73635

One hour any therapy by expert therapist @999 only. 9078484455. D-73637

Newly open full body massage ladies and gents. 8327740003, 8093860513. D-73958

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ରାଉରକେଲା ଜେଲ୍‌ରେ ଡି. ବ୍ରଦର୍ସଙ୍କ ସହଯୋଗୀ ମୃତ

**ରାଉରକେଲା ଅଫିସ,୨୯।୮:** କଟକର ବହୁଚର୍ଚ୍ଚିତ ଡି. ବ୍ରଦର୍ସଙ୍କ ଜଣେ ସହଯୋଗୀ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ବେଳେ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଭଜନା ସାହୁ(୫୫)। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୬।୨୨) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, କଟକ ଜିଲା ଚାଉଳିଗଞ୍ଜ ଥାନା ଅନ୍ତର୍ଗତ ଥଟାରସାହିରେ ଭଜନାଙ୍କ ଘର। ୨୦୨୧ରେ ଜଣେ ବାଲି ମାଫିଆ ଦାଦାବଟି ନ ଦେବାରୁ ଭଜନା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଭଜନାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ୨୦୨୧ ଅଗଷ୍ଟ ୨୦ରେ ତାଙ୍କୁ ଚୌଦ୍ୱାର ଜେଲରୁ ରାଉରକେଲା ସ୍ୱତନ୍ତ୍ର କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ସେ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ କାଟୁଥିଲେ। ସବୁଦିନ ପରି ରବିବାର ରାତିରେ ସେ ଖାଦ୍ୟ ଖାଇ ଜେଲ୍‌ର ୯ ନଂ. ୱାର୍ଡରେ ଶୋଇଥିବାବେଳେ ରାତି ୧୨ଟାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ଭଜନାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଡି. ବ୍ରଦର୍ସଙ୍କ ସହଯୋଗୀ ଭଜନା ସାହୁ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଭାବେ ରହୁଥିଲେ। ରବିବାର ରାତିରେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ସୋମବାର ମୃତଦେହ ବ୍ୟବଛେଦ କରାଯାଇଛି ବୋଲି ମୁଣ୍ଡା କହିଥିଲେ।

### ବୌଦ୍ଧରେ ଜାତୀୟ କ୍ରୀଡ଼ା ଦିବସ

**ବୌଦ୍ଧ,୨୯।୮(ସ୍ୱପ୍ର):** ବୌଦ୍ଧଠାରେ ଜାତୀୟ କ୍ରୀଡା ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା। ଜିଲାପାଳ ସତ୍ୟରଞ୍ଜନ ସାହୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲା କ୍ରୀଡା ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ଆଇପିଇ ଆନନ୍ଦ ବେହେରା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ମମତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି କୋର୍ଟଛକ ଦେଇ ଷ୍ଟାଡିୟମରେ ପହଞ୍ଚିଥିଲା। ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍‌ଏସି ଓ ସ୍କାଉଟର ଛାତ୍ରୀଛାତ୍ର ଏହି ରାଲିରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଆଇଆରବି ପଡିଆଠାରେ ବଲାଙ୍ଗିର ୫ମ ଆଇଆରବି ବାଟାଲିୟନ ଓ ବୌଦ୍ଧ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଏକାଦଶ ବିଜୟୀ ହୋଇଥିଲା। ଆଇଆରବି କମାଣ୍ଡାଣ୍ଟ୍ ଦୁର୍ବାଶା ନାୟକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହିତ ଉତ୍ସାହିତ କରିଥିଲେ। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଦେଓଗାଁ,୨୯।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ହାଇସ୍କୁଲ ଖେଳ ପଡିଆରେ ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ସୋମବାର ବିଦ୍ୟାଳୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜିତେନ୍ଦ୍ରିୟ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ଗିରିଶ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ବିଭାଗରେ ଖୋଖୋ ଓ କବାଡି ପ୍ରତିଯୋଗିତା ସହ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ପୋଷ୍ଟର ମେକିଂ ଆଦି ପ୍ରତିଯୋଗିତା ହୋଇଥିଲା । ବରିଷ୍ଠ ବିଭାଗରେ ଖୋଖୋ ଓ କବାଡି ପ୍ରତିଯୋଗିତ ହୋଇଥିଲା । ପ୍ରତିଯୋଗୀତାକୁ ସହକାରୀ ଶିକ୍ଷକ ନୀଳକଣ୍ଠ ଷାଣ୍ଡ, ଘାସିରାମ ଗଡତ୍ୟା, ରାଜୁ ନାଗ, ମମତା ମନହୀରା, ଅର୍ଚ୍ଚନା ତାଣ୍ଡି, ରଞ୍ଜିତା ସାହୁ, କିଶୋର ମେହେର, ରାଧେଶ୍ୟାମ ସାହୁ, ସଞ୍ଜିବ ପାଣିଗ୍ରାହୀ ସହଯୋଗ କରିଥିଲ ।

# ୪ବର୍ଷ ହେବ ମିଳୁନି ରାଜ୍ୟ ଶିକ୍ଷକ ପୁରସ୍କାର

## ଗଣଶିକ୍ଷା ବିଭାଗର ଅଜବ ନୀତି

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ପୁରସ୍କାର ପାଇଁ ମନୋନୀତ କରି ଡାକିଲେ, କିନ୍ତୁ ଦେଲେ ନାହିଁ। ଇତିମଧ୍ୟରେ ୪ ବର୍ଷ ବିତିଯାଇଛି। ପୁରସ୍କାର ପାଇବାକୁ ଚାହିଁ ବସିଥିବା ୫୭ ଶିକ୍ଷକଙ୍କ ମଧ୍ୟରୁ ୧୧ଜଣ ଅବସର ନେଇସାରିଥିବାବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଛି। ଗଣଶିକ୍ଷା ବିଭାଗର ଏଭଳି ନୀତି ଓ ଆଭିମୁଖ୍ୟ ଶିକ୍ଷକ ସମାଜକୁ ପ୍ରୋତ୍ସାହନ ବଦଳରେ ବହୁତ କଷ୍ଟ ଦେଉଛି। ଏପରିକି ୨୦୧୮ରୁ ବନ୍ଦ ରହିଥିବା ରାଜ୍ୟ ଶିକ୍ଷକ ପୁରସ୍କାର ଏବେ ବି ଆଶା ଓ ଆଶଙ୍କା ଭିତରେ ରହିଛି।

ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ଜିଲାରୁ ଦୁଇଜଣ ଶିକ୍ଷକଙ୍କୁ 'ରାଜ୍ୟପାଳ ପୁରସ୍କାର' ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା 'ରାଜ୍ୟ ଶିକ୍ଷକ ପୁରସ୍କାର' ଭାବେ ନାମିତ କରାଗଲା। ଏଥିପାଇଁ ୨୦୧୭ରେ ରାଜ୍ୟ ସରକାର ରିଜୋଲ୍ୟୁଶନ ବାହାର କରିଥିଲେ। ଏହି ରିଜୋଲ୍ୟୁଶନ ଅନୁସାରେ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷକ ପୁରସ୍କାର ପାଇଁ ଆବେଦନ କଲେ। ୨୦୧୭ ବର୍ଷ ପାଇଁ ୨୦୧୮ ସେପ୍ଟେମ୍ବର ୫ରେ ୫୭ଜଣ ଶିକ୍ଷକଙ୍କୁ ପୁରସ୍କାର ଦିଆଯିବାକୁ ଚୟନ କରାଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୧ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଚିଠି ଲେଖି ଅବଗତ କରାଗଲା। ମନୋନୀତ ହୋଇଥିବା ଶିକ୍ଷକମାନେ ୪ ତାରିଖ ସକାଳ ସୁଦ୍ଧା ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ପହଞ୍ଚି ସେଠାରେ ରହିବେ ଓ ୫ ତାରିଖରେ ସେମାନଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ ବୋଲି ସୂଚନା ଦିଆଗଲା। ତେଣୁ ସମସ୍ତ ଶିକ୍ଷକ ୪ ତାରିଖ ସକାଳେ ସେଠାରେ ପହଞ୍ଚିଥିଲେ। କିନ୍ତୁ ହଠାତ୍ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବାତିଲ କରିଦିଆଗଲା। ଏହା ଶୁଣିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଆନନ୍ଦ ଓ ଉତ୍କଣ୍ଠା ମଉଳି ଯାଇଥିଲା। ସେମାନେ ନିରାଶରେ ଘରକୁ ଫେରିଥିଲେ। ପରେ ଜଣାପଡ଼ିଲା ଯେ, ଜଣେ ଘରୋଇ ସ୍କୁଲର ଶିକ୍ଷକ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା। ଅଭିଯୋଗକାରୀଙ୍କ ଅଭିଯୋଗ ଥିଲା, ରାଜ୍ୟ ଶିକ୍ଷକ ପୁରସ୍କାର ପାଇଁ ସମସ୍ତ ଶିକ୍ଷକ (ଘରୋଇ, ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ୍ ଶିକ୍ଷକ)ଙ୍କୁ ଆବେଦନ ପାଇଁ ଅନୁମତି ଦିଆଯାଉ। ଏହାର ବିଚାର କରି ହାଇକୋର୍ଟ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଯେ, ଆବେଦନକାରୀଙ୍କ ଅଭିଯୋଗ ଯଥାର୍ଥ। ତେଣୁ ନୂଆ ରିଜୋଲ୍ୟୁଶନ ଆଣି ତାହାକୁ ୨୦୧୮ରୁ ଲାଗୁ କରାଯାଉ। ହେଲେ ବିଭାଗ ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ବି ପୁରସ୍କାର ଦେଲା ନାହିଁ। ତେଣୁ ସେମାନେ ମଧ୍ୟ ହାଇକୋର୍ଟର ଆଶ୍ରୟ ନେଲେ। ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ବେହେରା ୨୦୧୯ରେ ସରକାରଙ୍କ ବିରୋଧରେ ହାଇକୋଟରେ ମାମଲା ରୁଜୁ କଲେ। ହାଇକୋର୍ଟ ମାମଲାର ଶୁଣାଣି କରି କହିଥିଲେ, ରବୀନ୍ଦ୍ର ବେହେରା ଓ ସେତେବେଳେ ଯେଉଁମାନଙ୍କୁ ସରକାର ପୁରସ୍କାର ପାଇଁ ମନୋନୀତ କରିଥିଲେ ସେମାନେ ଭବିଷ୍ୟତରେ ଆଉ ଆବେଦନ କରିବାର ସୁଯୋଗ ନାହିଁ। ତେଣୁ ସରକାର ସେମାନଙ୍କୁ ତୁରନ୍ତ ପୁରସ୍କାର ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କଲେ ନାହିଁ। ୨୦୧୭ ପାଇଁ ଚୟନ ହୋଇଥିବା ଶିକ୍ଷକଙ୍କୁ ପୁରସ୍କାର ଦେଲେ ନାହିଁ କି ନୂଆ ରିଜୋଲୁଶନ ଆଣି ଆବେଦନପତ୍ର ଗ୍ରହଣ କଲେ ନାହିଁ। ଫଳରେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ହେବ ଏହି ପୁରସ୍କାର ଦିଆଗଲା ନାହିଁ। ତେବେ ଚଳିତବର୍ଷ ଏପ୍ରିଲ ୫ରେ ସରକାର ନୂଆ ରିଜୋଲ୍ୟୁଶନ ଆଣିଛନ୍ତି। ୨୦୧୮ରୁ ୪ ବର୍ଷ ପାଇଁ ଆବେଦନ ଗ୍ରହଣ କରି ମନୋନୀତ ଶିକ୍ଷକଙ୍କ ତାଲିକା ଏବଂ ୨୦୧୭ ପୁରସ୍କାର ପାଇଁ ମନୋନୀତ ତାଲିକା ପଠାଇବା ପାଇଁ ଏପ୍ରିଲ ୧୯ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ ସମସ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ୭ ଅଧିକାରୀଙ୍କୁ ଚିଠି ଲେଖାଯାଇଥିଲା। ସେପ୍ଟେମ୍ବର ୫ ଗୁରୁଦିବସରେ ପୁରସ୍କାର ଦିଆଯିବାକୁ ଥିବାବେଳେ ଏପର୍ଯ୍ୟନ୍ତ ୪ବର୍ଷ ପାଇଁ କେଉଁ ଜିଲାରୁ କିଏ ମନୋନୀତ ହୋଇଛନ୍ତି ତାହା ଜଣାପଡ଼ି ନାହିଁ। ଏପରିକି ୨୦୧୭ ପାଇଁ ମନୋନୀତ ଶିକ୍ଷକଙ୍କ ପାଖରେ ଚିଠି ପହଞ୍ଚି ନ ଥିବାରୁ ଚଳିତବର୍ଷ ରାଜ୍ୟ ଶିକ୍ଷକ ପୁରସ୍କାର ଦିଆଯିବ କି ନାହିଁ ତାହାକୁ ନେଇ ସେମାନେ ଆଶଙ୍କାରେ ଅଛନ୍ତି।

ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶିକ୍ଷକ ରବୀନ୍ଦ୍ରନାଥ ମୟୂରଭଞ୍ଜ ଜିଲା ସୋରିଷକୋଠ ୟୁଜିୟୁପି ସ୍କୁଲ ପ୍ରଧାନଶିକ୍ଷକ ଥିଲେ। ସେ ପ୍ରାଥମିକ ବର୍ଗରେ ମୟୂରଭଞ୍ଜ ଜିଲାରୁ ମନୋନୀତ ହୋଇଥିଲେ। ୨୦୧୮ ଫେବୃୟାରୀ ୨୮ରେ ସେ ଅବସର ନେଇସାରିଛନ୍ତି। ସେ କହିଛନ୍ତି, ଯେଉଁ ୫୭ଜଣ ଶିକ୍ଷକ ମନୋନୀତ ହୋଇଥିଲେ, ସେମାନଙ୍କ ମଧ୍ୟରେ ୨୮ଜଣ ପ୍ରାଥମିକ ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗରୁ ୨୯ଜଣ ଥିଲେ। ଇତିମଧ୍ୟରେ ୧୧ଜଣ ଅବସର ନେଇସାରିଲେଣି। ଜଣଙ୍କର ଦେହାନ୍ତ ହୋଇସାରିଛି। ତେଣୁ ୨୦୧୮ରୁ ଆମେ ମାନସିକ ଦୁଶ୍ଚିନ୍ତାରେ ରହିଛୁ। ପୁରସ୍କାର ପାଇଁ ମନରେ ଯେଉଁ ଖୁସି ଥିଲା ତାହା ଆଉ ନାହିଁ। ଏଯାଏ ମଧ୍ୟ ଆମକୁ ପୁରସ୍କାର କଥା କେହି ଜଣାଇନାହାନ୍ତି।

ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ମର୍କତ କେଶରୀ ରଏ କହିଛନ୍ତି, ଚଳିତ ବର୍ଷ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୪ ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବ। ସବୁ ଜିଲାରୁ ମନୋନୀତ ଶିକ୍ଷକଙ୍କ ତାଲିକା ଆସିସାରିଛି। ସେହିଭଳି ୨୦୧୭ ବର୍ଷ ପାଇଁ ଯେଉଁମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କୁ ମଧ୍ୟ ଏଥର ପୁରସ୍କାର ଦିଆଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସରେ କରାଟେ, ତୀରନ୍ଦାଜ ପ୍ରତିଯୋଗିତା



ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ଲାଞ୍ଜିଗଡ,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେଦାନ୍ତ ପକ୍ଷରୁ ଜାତୀୟ କ୍ରୀଡା ଦିବସରେ ସ୍ଥାନୀୟ ଏସଏସଡି ସ୍କୁଲରେ କରାଟେ ଓ ତିରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ଏସଏସଡି ସ୍କୁଲ ଓ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ବେଦାନ୍ତ ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପରିଚାଳିତ କରାଟେ ଓ ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବେ କରାଟେରେ କ୍ଷମାନିଧି ମହାଖୁଡ଼ ଏବଂ ତିରନ୍ଦାଜରେ ଶୀମାଞ୍ଚଳ କାତ୍ରାକାଙ୍କଠାରୁ ବ୍ଲକ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ତାଲିମ ପ୍ରାପ୍ତ କରୁଛନ୍ତି। ଅନୁଷ୍ଠିତ ପ୍ରତିଯୋଗିତାରେ ୧୦୦ଜଣ କରାଟେ ଓ ତିରନ୍ଦାଜ ପ୍ରାପ୍ତ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। କରାଟେ ପ୍ରତିଯୋଗିତାରେ ୩ଜଣ ଛାତ୍ର ଓ ତିରନ୍ଦାଜ ପ୍ରତିଯୋଗିତାରେ ୬ଜଣ ଛାତ୍ରୀଛାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଏସ୍‌ଏସ୍‌ଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ବେଦାନ୍ତ ମୁଖ୍ୟ ସିକ୍ୟୁରୀଟି ଅଫିସର କର୍ଣ୍ଣଲ ସନ୍ଦିପ ମହାପାତ୍ର, ବେଦାନ୍ତ ପିଆର ମୁଖ୍ୟ ଶ୍ରବଣି ଶର୍ମା, ଶିକ୍ଷକ ବିଭୁ ପ୍ରସାଦ ସାମନ୍ତରାୟ, ଦିଲୀପ କୁମାର ସାହୁ, ଜୟଲାଲ ଭୋଇ, ଶିକ୍ଷୟିତ୍ରୀ ମମତା ମାଝି, ବେଦାନ୍ତ ସିଏସଆର ବିଭାଗ ପକ୍ଷରୁ ଶ୍ରୀମୁଖ ଅଗସ୍ତି, ସ୍ମୃତି ସୁଖଲା, ବାସୁଦେବ ମାଝି, ରିତୁକର୍ଣ୍ଣା ଚାଟାର୍ଜୀ, ବର୍ଣ୍ଣିରାଣୀ ପାଟଗିରୀ, କୋଶିକ ପାଟଗିରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସିଏସଆର ବିଭାଗ ଅଭିନବ ପ୍ରତାପ ପରିଚାଳନା କରିଥିଲେ। ଲାଞ୍ଜିଗଡ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି.ପାଲ ଅଞ୍ଚଳର କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତର ପ୍ରତିଯୋଗିତାରେ ବେଦାନ୍ତ ସହଯୋଗ କରିବ ବୋଲି ସୂଚନା ଦେଇଛନ୍ତି। ଏଥିରେ ବେଦାନ୍ତ ସିଏସଆର ଶ୍ରୀମୁଖ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତ ନନ୍ଦକନ୍ଦର୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତା ସୁବିଧା ନ ଥିବାରୁ ପାଣି, କାଦୁଅରେ ପଶି ଯାଉଛନ୍ତି।

# ଗଢ଼ାହେବ ୩ ୟୁନିଟ୍ ଷ୍ଟ୍ରାଇକିଂ ଫାୟାର ଫୋର୍ସ

- ବିପର୍ଯ୍ୟୟ ବେଳେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ
- ୧୪୪ ପଦବୀ ସୃଷ୍ଟି ହେବ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିପର୍ଯ୍ୟୟ ବିଶେଷକରି ଅଗ୍ନି ଦୁର୍ଘଟଣା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଯେପରି ତ୍ୱରାନ୍ୱିତ କରାଯାଇପାରିବ,ତାହାକୁ ଦୃଷ୍ଟିରେ ରଖି ୧୪୪ ସଦସ୍ୟବିଶିଷ୍ଟ ଏକ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିଛି।

ନିଷ୍ପତ୍ତି ଅନୁଯାୟୀ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ୩ଟି ଜୋନ୍‌ରେ ଏହି ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩ଟି ରେଞ୍ଜ୍ ହେଡ୍‌କ୍ୱାର୍ଟର୍ସ ରହିବ। ପ୍ରତ୍ୟେକ ରେଞ୍ଜ ହେଡ୍‌କ୍ୱାର୍ଟର୍ସ ପାଇଁ ୪୮ଟି ପଦବୀ ସୃଷ୍ଟି କରାଯିବ। ଏହିପରି ମୋଟ ୧୪୪ ପଦବୀ ସୃଷ୍ଟି ହେବ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର, ଷ୍ଟେଶନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର, ହାବିଲଦାର ମେଜର, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍, ଲିଡିଂ ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର ଓ ଫାୟାରମ୍ୟାନ ଆଦି ପଦବୀ ରହିବ। ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ବା ଦୁର୍ଘଟଣା ସମୟରେ ଓଡ଼ିଶା ଅଗ୍ନିଶମ ସେବା ଫାଷ୍ଟ ରେସ୍‌ପଣ୍ଡର ଭାବେ କାର୍ଯ୍ୟକରି ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେଉଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି କି ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଲ୍ଲେଖନୀୟ ସେବା ଯୋଗାଇ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ତୁରନ୍ତ କୌଣସି ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଆଧୁନିକ ଦକ୍ଷତା ଥିବା ଏକ ସ୍ୱତନ୍ତ୍ର ଫୋର୍ସର ଆବଶ୍ୟକତା ରହିଛି ବୋଲି ଉପସ୍ଥାପନାରେ କୁହାଯାଇଥିଲା। ଏହି ବାହିନୀକୁ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଦକ୍ଷ କୌଶଳସମ୍ପନ୍ନ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଭାବେ ବିକଶିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ। ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଓ ଅତିରିକ୍ତ ଡିଜି ସୌମ୍ୟା ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

# କୋର୍ଟ ପରିସର ପାଲଟିଲା ରଣକ୍ଷେତ୍ର

- ଛାଡ଼ପତ୍ର ପାଇଁ ଆସିଥିବା ଦମ୍ପତି ହାତାହାତି
- ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ

**ବାଲେଶ୍ୱର ଅଫିସ,୨୯।୮**

ବାଲେଶ୍ୱର ଫାମିଲି କୋର୍ଟକୁ ଛାଡ଼ପତ୍ର ପାଇଁ ଆସିଥିବା ଏକ ଦମ୍ପତି ସୋମବାର ମାରପିଟ ଲାଗିବା ଚର୍ଚ୍ଚାର ବିଷୟ ପାଲଟିଛି। ଉଭୟେ ସାମ୍ନାସାମ୍ନି ହେବା ପରେ ଯୁକ୍ତିତର୍କ ଓ ଟଣାଓଟରା ହେବାରୁ କୋର୍ଟ ପରିସର କିଛି ସମୟ ରଣକ୍ଷେତ୍ର ପାଲଟିଥିଲ। ଆଇନଜୀବୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳର ଜଣେ ଯୁବକ ଗତ ୨୦୧୫ରେ ସହଦେବଖୁଣ୍ଟା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ କରିଥିଲେ। ବିବାହର ୨ ବର୍ଷ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହେଲା। ପରେ ୨୦୧୮ରେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରାଯାଇଥିଲା। ସୋମବାର ସେମାନେ ବାଲେଶ୍ୱର ଫାମିଲି କୋର୍ଟକୁ କାଉନସେଲିଂ ପାଇଁ ଆସିଥିଲେ। କୋର୍ଟରେ ଦେଖା ହେବା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଏହି ଯୁକ୍ତିତର୍କ ଧୀରେ ଧୀରେ ବଢ଼ିବାରେ ଲାଗିଲା। କୋର୍ଟ ପରିସରରେ ଉଭୟ ମାରପିଟ ହୋଇଥିଲେ। ସେଠାରେ ଉପସ୍ଥିତ ଆଇନଜୀବୀମାନେ ହସ୍ତକ୍ଷେପ କରିବାରୁ ଉଭୟ କୋର୍ଟ ପରିସର ଛାଡ଼ି ପଳାଇ ଯାଇଥିଲେ।

# ଓପିଏସ୍‌ସିରେ ଯୋଗଦେଲେ ୨ ନୂତନ ସଦସ୍ୟ



ସନତ କୁମାର ମହାନ୍ତିଙ୍କୁ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଶପଥ ପାଠ କରାଉଛନ୍ତି।

**କଟକ ଅଫିସ,୨୯।୮**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ନୂତନ ସଦସ୍ୟ ଭାବେ ସନତ କୁମାର ମହାନ୍ତି ଯୋଗଦେଇଛନ୍ତି। ସୋମବାର ଓପିଏସସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ତାଙ୍କୁ ଶପଥ ପାଠ କରାଇଛନ୍ତି। ମହାନ୍ତି ପୂର୍ବରୁ ଖୋର୍ଦ୍ଧା ଜିଲାପାଳ ଥିଲେ। ଗତ ମାର୍ଚ୍ଚରେ ସେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ଓପିଏସ୍‌ସି ସଦସ୍ୟ ଭାବେ ଯୋଗଦେଇଛନ୍ତି। ସେହିପରି ଓପିଏସ୍‌ସିର ଅନ୍ୟତମ ସଦସ୍ୟ ଭାବେ ଡ. ସରିତା ସୁପକାର ଯୋଗଦେଇଛନ୍ତି। ଡ. ସୁପକାର ପୂର୍ବରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟରତ ଥିଲେ।

# ୧୫ ଦିନ ମଧ୍ୟରେ ଜଣାଅ: ମନ୍ତ୍ରୀ

## ବାହାର ରାଜ୍ୟକୁ ଓଏସ୍‌ଆରଟିସି ବସ୍ ଚଳାଚଳ ସମ୍ପର୍କିତ ରିପୋର୍ଟ ତଲବ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବାହାର ରାଜ୍ୟକୁ ଓଡିଶା ପରିବହନ ନିଗମ(ଓଏସଆର୍‌ଟିସି) ଗଡିବ। ଏଥିପାଇଁ କେତେ ରାଜ୍ୟ ଅନୁମତି ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓଏସ୍‌ଆରଟିସି ସିଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ଟୁକୁନି ସାହୁ ଅଧ୍ୟକ୍ଷତା କରି ଆନ୍ତଃରାଜ୍ୟ ବସ୍ ଚଳାଚଳ ପାଇଁ ଯେଉଁସବୁ ପ୍ରସ୍ତାବ ରହିଛି ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ରାଜ୍ୟରେ ଲୋକଙ୍କ ଚାହିଦା ଅନୁଯାୟୀ ଗମନାଗମନ ନିମନ୍ତେ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ ଦେଇଛନ୍ତି କରି ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ ରାଜ୍ୟ ସଡ଼କ ପରିବହନ ପକ୍ଷରୁ ଅଧିକ ସଂଖ୍ୟକ ବସ ଚଳାଚଳ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟର ଉତ୍ତରାଞ୍ଚଳ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ସମେତ ପୁରୀ ଜିଲାକୁ ମଧ୍ୟ ଦିନବେଳା ସରକାରୀ ବସ ଚଳାଚଳ ନେଇ ବୈଠକରେ ଆଲୋଚନା ହୋଇଛି। ଏହାଦ୍ୱାରା ରାଜ୍ୟର ଜନସାଧାରଣ ଗମନାଗମନ କ୍ଷେତ୍ରରେ ଅଧିକ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଓଏସ୍‌ଆରଟିସି ସିଏମ୍‌ଡି ଏକ ଟିମ୍ ନେଇ ବିଭିନ୍ନ ରାଜ୍ୟକୁ ଅନୁମତି ପାଇଁ ଯିବେ। ଯଦି ଅନୁମତି ମିଳିବ ତେବେ ରାଜ୍ୟର ଉପାନ୍ତ ଅଞ୍ଚଳରେ ସରକାରୀ ବସ୍ ଚାଲିବ। ବିଧାନସଭା ଚାଲିଥିବା ବେଳେ ଅନେକ ବିଧାୟକ ଏନେଇ ପ୍ରଶ୍ନ କରିଥିଲେ ଯେ, କେତେ ଓଏସ୍‌ଆରଟିସି ବସ୍ କିଣା ହୋଇଛି। କିଛି ବସ୍ ରାସ୍ତାରେ ଗଡିଥିବା ବେଳେ ଆଉ କିଛି ବସ୍ ଚାଲିନି। ଏନେଇ ଠୋସ୍ ପଦକ୍ଷେପ ନେବାକୁ ବିଧାୟକମାନେ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପଡୋଶୀ ରାଜ୍ୟକୁ ବସ୍ ଚଳାଇବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ଓଏସ୍‌ଆର୍‌ଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଖାରବେଳ ଭବନରେ ସୋମବାର ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। **-ଶ୍ରୀଅରବିନ୍ଦ**

# ପ୍ରବାସୀ ହଟହଟା

ନିକଟରେ ଆମେରିକାର ଟେକ୍ସାସ ଅନ୍ତର୍ଗତ ପ୍ଲାନୋରେ ୪ ଜଣ ଭାରତୀୟ ମହିଳା ବର୍ଣ୍ଣବିଦ୍ୱେଷର ଶିକାର ହୋଇଥିଲେ। ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ମହିଳା ହେଉଛନ୍ତି ମେକ୍ସିକୀୟ-ଆମେରିକୀୟ ଏସ୍‌ମେରାଲ୍ଡା ଅପଟୋନ୍। ସେ ଭାରତୀୟ ମହିଳାଙ୍କୁ କହିଥିଲେ 'ମୁଁ ତୁମ ଭଳି ଭାରତୀୟଙ୍କୁ ଘୃଣା କରେ (ଆଇ ହେଟ୍ ୟୁ ଇଣ୍ଡିଆନ୍ସ)। ତୁମ୍ଭେମାନେ ଉନ୍ନତ ଜୀବନ ବିତାଇବାକୁ ଆମେରିକା ଆସିଛ। ଭାରତକୁ ଫେରିଯାଅ କହି ସେମାନଙ୍କୁ ସେ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ଭାରତୀୟଙ୍କ ପ୍ରତି ଏସ୍‌ମେରାଲ୍ଡାଙ୍କ ଏଭଳି ବ୍ୟବହାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ସେ ନିଜେ ମେକ୍ସିକୀୟ ହୋଇଥିବାରୁ ଆମେରିକାରେ ପ୍ରବାସୀ ଭାବେ ଗଣାଯିବେ। ଯେହେତୁ ଭାରତୀୟମାନେ ଆମେରିକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି, ସେହେତୁ ତାଙ୍କ କ୍ରୋଧ ପ୍ରକାଶ ପାଇଥିବା ଅନୁମାନ କରାଯାଇପାରେ। ଏହା ପଛରେ ଅଧିକ କାରଣ ଖୋଜିଲେ ଦେଖାଯାଏ ଯେ, ଭାରତୀୟମାନେ ବିଦେଶରେ କେବଳ ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ ପଛରେ ଗୋଡ଼ାଇଥାଆନ୍ତି। ସାଧାରଣରେ ସେମାନେ ସ୍ଥାନୀୟ ଲୋକଙ୍କ ପ୍ରତି ସାହାଯ୍ୟ କିମ୍ବା ସହାନୁଭୂତି ଦେଖାଇ ନ ଥାଆନ୍ତି। ଏକାକୀ ଧନ ଅର୍ଜନ କରି ସୁଖରେ ରହିବାର ଉଦ୍ଦେଶ୍ୟ ସର୍ବଉପରେ ହୋଇଯାଇଥିବାରୁ ଭାରତୀୟମାନେ ଏକଘରିକିଆ ହୋଇଯାଉଛନ୍ତି। ସେମାନେ କେବଳ ଭାରତୀୟଙ୍କ ସହିତ ସମ୍ପର୍କ ରଖନ୍ତି ଏବଂ ସ୍ଥାନୀୟ ଲୋକଙ୍କ ସହିତ ସାମାଜିକ ସମ୍ବନ୍ଧ ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ନାହିଁ। କେବଳ ଆମେରିକା ନୁହେଁ, ଇଂଲିଶ ଭାଷୀ ରାଷ୍ଟ୍ର ବ୍ରିଟେନ, ଅଷ୍ଟ୍ରେଲିଆ ଏପରି କି ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ ଓ ସିଙ୍ଗାପୁରରେ ମଧ୍ୟ ଭାରତୀୟମାନଙ୍କ ଏହି ଚରିତ୍ର ଯୋଗୁ ସେମାନେ ହଟହଟା ହୋଇଆସୁଛନ୍ତି।

ଜଣାଶୁଣା ଯେ, ଭାରତୀୟମାନେ ଆଫ୍ରିକୀୟ-ଆମେରିକୀୟମାନଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି ଓ ସେମାନଙ୍କଠାରୁ ଦୂରେଇ ରହନ୍ତି। ଅନ୍ୟପଟେ ଗୋରାମାନେ ଭାରତୀୟଙ୍କୁ ହୀନ ଚକ୍ଷୁରେ ଦେଖନ୍ତି ଏବଂ ସେମାନଙ୍କ ସହିତ ସାମାଜିକ ସମ୍ପର୍କ ରଖିବାକୁ କୁଣ୍ଠାବୋଧ କରନ୍ତି। ଏପରିକି ଭାରତୀୟମାନଙ୍କୁ ଅନେକ ସ୍ଥାନରେ ମଧ୍ୟ ଘରଭଡ଼ା ମିଳେ ନାହିଁ। ସେମାନେ ବାଧହୋଇ ନିଜେ ଘର କିଣି ରହନ୍ତି। ଆମେରିକା ଭଳି ଦେଶରେ କେବଳ ଭାରତୀୟ ନୁହନ୍ତି, ଚାଇନା ଓ କୋରିଆ ଭଳି ଦେଶରୁ ଯାଇଥିବା ପ୍ରବାସୀମାନଙ୍କୁ ଏସୀୟ କହି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥାଏ। ଏହି ଘୃଣାର ଅତ୍ୟଧିକ ମାତ୍ରା ପହଞ୍ଚିଥିଲା କରୋନା ସମୟରେ। ଅନ୍ୟ ଏକ ଘଟଣାକୁ ଦେଖିଲେ କିଛିବର୍ଷ ପୂର୍ବେ କାନାଡ଼ାର ଏକ ଯୁବଗୋଷ୍ଠୀ 'ଡଟ୍ ବଷ୍ଟର' ଅର୍ଥାତ୍ ଭାରତୀୟ ମହିଳା ବ୍ୟବହାର କରୁଥିବା 'ବିନ୍ଦିକୁ ମାଡ଼' ଗୋଷ୍ଠୀ ନାମରେ ସୃଷ୍ଟି ହୋଇଥିଲେ। ଅନେକକାଳ ପର୍ଯ୍ୟନ୍ତ ସେହି ଗୋଷ୍ଠୀ ଭାରତୀୟ ଦୋକାନୀ ଓ ବ୍ୟବସାୟୀମାନଙ୍କୁ ଯେଉଁଠି ଦେଖିଲେ ସେଠି ପିଟିଲେ।

ବିଦେଶରେ କାର୍ଯ୍ୟ କରିବାର ବୟସ ଶେଷ ହେବାପରେ ଅଧିକାଂଶ ଭାରତୀୟ ସ୍ୱଦେଶ ଫେରିବାକୁ ଇଚ୍ଛୁକ ଥିବା ସ୍ପଷ୍ଟ ଜଣାପଡ଼େ। ସେମାନେ ଅନେକ ଅର୍ଥ ଖର୍ଚ୍ଚ କରି ନିଜ ନିଜ ରାଜ୍ୟରେ ବିରାଟକାୟ ଜମି ଓ ଘର କିଣୁଛନ୍ତି। ବିଦେଶରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଏକାକୀ ବୋଲି ହୃଦ୍‌ବୋଧ କରି ବୁଢ଼ା ବୟସରେ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛୁକ ଏହି ପ୍ରବାସୀ ନାଗରିକ ଯୁବାବସ୍ଥାରେ ଦେଶକୁ ଗୋଇଠା ମାରି ଚାଲିଯାଇଥିଲେ। ମନେ ରଖିବାକୁ ହେବ ଯେ, ଏଭଳି ଲୋକ ଭାରତୀୟ କରଦାତାଙ୍କ ଅର୍ଥବ୍ୟୟ କରି ଏବଂ ଭାରତୀୟ ସମାଜର ସୁବିଧା ନେଇ ଆଇଆଇଟି, ବିଭିନ୍ନ ମେଡିକାଲ କଲେଜରୁ ପାଠ ପଢ଼ିସାରିବା ପରେ ନିଜ ଦେଶକୁ ଛାଡ଼ି ଅନ୍ୟତ୍ର ପଳାଇଥିଲେ।

ଭାରତୀୟଙ୍କ ତୁଳନାରେ ମେକ୍ସିକୋ କିମ୍ବା ଦକ୍ଷିଣ ଆମେରିକୀୟ ସ୍ପାନିସ୍ ଭାଷୀ ଲୋକେ ସାଧାରଣରେ ଉତ୍ତର ଆମେରିକାରେ ଲେବର କ୍ଲାସ୍ ବା ଶ୍ରମଜୀବୀ ଗୋଷ୍ଠୀ ଭାବେ ଜୀବନ ନିର୍ବାହ କରନ୍ତି। ସେମାନଙ୍କୁ ସ୍ଥାନୀୟ ଗୋରା ଲୋକ ମୂଲିଆ, ମିସ୍ତ୍ରି ଭାବେ ଦେଖିଥାଆନ୍ତି। କଳା ଲୋକ (ଆଫ୍ରିକୀୟ-ଆମେରିକୀୟ)ଙ୍କ ପାଇଁ ଯେଉଁ ପ୍ରବଳ ଘୃଣାଭାବ ବର୍ଣ୍ଣବିଦ୍ୱେଷ ଭାବେ ରହିଆସିଛି, ତାହା ଏବେ ମଧ୍ୟ ହ୍ରାସ ପାଉନାହିଁ। କିନ୍ତୁ ଭାରତୀୟଙ୍କଠାରେ ସେହି ପରିମାଣର ଘୃଣାଭାବ ପରିଲକ୍ଷିତ ହେଉ ନ ଥିବା ବେଳେ ସେମାନେ ମଧ୍ୟ ବର୍ଣ୍ଣବୈଷମ୍ୟର ଶିକାର ହୋଇ ଆସୁଛନ୍ତି। ଏହିସବୁ ବିଭିନ୍ନ ପରିସ୍ଥିତିକୁ ଦେଖିଲେ ଭାରତୀୟମାନେ ସାମ୍ନା କରୁଥିବା କ୍ରୋଧ ପାଇଁ ନିଜେ ନିଜକୁ ଦୋଷ ଦେବା ଦରକାର। ଦୁବାଇ କିମ୍ବା ଆବୁଧାବିକୁ ଯାଉଥିବା ଭାରତୀୟ ମୂଲିଆଙ୍କଠାରୁ ଆରମ୍ଭକରି ଆମେରିକା ଯାଉଥିବା ଆଇଟି ପ୍ରଫେଶନାଲଙ୍କ ଆଭିମୁଖ୍ୟ ଏକପ୍ରକାର ହୋଇଯାଇଛି। କେବଳ ଅର୍ଥ ଅର୍ଜନ କରିବାର ଲକ୍ଷ୍ୟ ନେଇ ଯାଉଥିବା ଭାରତୀୟମାନେ ସ୍ଥାନୀୟ ଲୋକଙ୍କ ସହିତ ସାମାଜିକ ସମ୍ପର୍କ ଗଠନ ପାଇଁ କୌଣସି ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଜଣେ କଳା କିମ୍ବା ଗୋରା ଆମେରିକୀୟ ଭଲ ଭାବେ ବଞ୍ଚିବା ପାଇଁ ଅର୍ଥ ଅର୍ଜନ କରିସାରିବା ପରେ, ଅଧିକାଂଶ ସମୟରେ ଦେଖାଯାଏ ନିଜର ପଡ଼ୋଶୀ କିମ୍ବା ଅଞ୍ଚଳରେ ସାମାଜିକ ସେବା କ୍ଷେତ୍ରରେ ସକ୍ରିୟ ହୋଇଥାଆନ୍ତି। ସେମାନଙ୍କ ତୁଳନାରେ ଭାରତୀୟମାନେ ଗୋଟିଏ ଡଲାର ମଧ୍ୟ କାହାରିକୁ ସାହାଯ୍ୟ କରିବାକୁ ଚିନ୍ତା କରନ୍ତି ନାହିଁ। ସବୁ ଭାରତୀୟ ଏହି ଗୋଷ୍ଠୀରେ ପଡୁଥିବା ବେଳେ ସେହି ମାଟିରୁ ଯାଉଥିବା ପଞ୍ଜାବୀ ଶିଖ୍‌ମାନେ ସବୁବେଳେ ଦାତବ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବାର ଦେଖାଯାଏ। ଏହାର ଅର୍ଥ ନୁହେଁ ଯେ, ସେମାନେ ଗାଳି ଶୁଣନ୍ତି ନାହିଁ କିମ୍ବା ସେମାନଙ୍କୁ ଟାର୍ଗେଟ କରାଯାଏ ନାହିଁ।

ଏଠାରେ ଆଉ ଏକ ପ୍ରସଙ୍ଗ ମନେପଡ଼େ। ପଞ୍ଜାବର ଅମୃତସର ସ୍ୱର୍ଣ୍ଣମନ୍ଦିରରେ ଖଲିସ୍ତାନୀଙ୍କୁ ହଟାଇବା ପାଇଁ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ହୋଇଥିବା 'ବ୍ଲୁ-ଷ୍ଟାର' ଅପରେଶନରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ବୁଟା ସିଂଙ୍କ ବଡ଼ ଭୂମିକା ରହିଥିଲା। ବୁଟା ସିଂଙ୍କୁ ସେତେବେଳେ କ୍ଷମା ମାଗିବାକୁ କୁହାଯାଇଥିଲା। ହେଲେ ସେଠାକାର ଗ୍ରନ୍ଥି ବା ଧର୍ମଗୁରୁମାନେ ତାଙ୍କ କ୍ଷମାକୁ ସ୍ୱୀକାର କରି ତାଙ୍କୁ 'କର ସେବା' ଆଳରେ ସ୍ୱର୍ଣ୍ଣମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଜୋତା ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତରେ ସେବାକୁ ସର୍ବଦା ଧର୍ମ ସହ ଯୋଡ଼ି ଦିଆଯାଇଥାଏ। ଏପରି କି ସରକାରଙ୍କୁ ଆଇନ ପ୍ରଣୟନ କରି କମ୍ପାନୀଗୁଡ଼ିକୁ କର୍ପୋରେଟ୍ ସୋସିଆଲ୍ ରେସପନ୍‌ସିବିଲିଟି (ସିଏସ୍‌ଆର୍) ନାମରେ ଲାଭର କ୍ଷୁଦ୍ର ଅଂଶ ଜନତାଙ୍କ ସେବାରେ ଲଗାଇବାକୁ ବାଧ କରାଯାଉଛି। ସେହି ଅର୍ଥକୁ ମଧ୍ୟ ସମସ୍ତେ ବାଟମାରଣା କରିବା ସକାଶେ ଉଦ୍ଦେଶ୍ୟ ରଖି ଜଗି ବସିଛନ୍ତି। ଅର୍ଥାତ୍ ଭାରତୀୟଙ୍କ ରକ୍ତରେ ଜନ କିମ୍ବା ସାମାଜିକ ସେବାର ତିଳେମାତ୍ର ଲକ୍ଷଣ ନ ଥିବାରୁ ତାହାର କୁପ୍ରଭାବ ସବୁ ଭାରତୀୟଙ୍କ ଉପରେ ପଡୁଛି। ଯଦି ପାଶ୍ଚାତ୍ୟ ବିଶେଷକରି ଆମେରିକାକୁ ଦେଖାଯାଏ, ସେଠାରେ ଧନୀ ଲୋକ ସେମାନଙ୍କ ଆୟର ଅନେକାଂଶ ଦାତବ୍ୟ ଅନୁଷ୍ଠାନକୁ ସ୍ୱଇଚ୍ଛାରେ ଦାନ କରିବାକୁ ଆଗେଇ ଆସିଥାନ୍ତି। ଭାରତରୁ ଯାଇ ସେଠାରେ ବଡ଼ ଡାକ୍ତର ହେବା ବା ଆଇଟି ପ୍ରଫେଶନାଲ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ବହୁତ ପଇସା ରୋଜଗାର କରୁଛନ୍ତି, ସମ୍ପତ୍ତି ଯଥା ବଡ଼ ଘର ଓ ଗାଡ଼ି କରିବା ସହ ଅନେକେ ନିଜର ବ୍ୟବସାୟକୁ ମଧ୍ୟ ବିସ୍ତାର କରିପାରିଛନ୍ତି। ହେଲେ ସେମାନଙ୍କ ନିକଟରେ ଦାନ କରିବା ମାନସିକତା ଦେଖାଯାଇ ନ ଥାଏ। ପ୍ଲାନୋ ଘଟଣା ପରେ ବିଦେଶରେ ରହୁଥିବା ଭାରତୀୟମାନେ ସେମାନଙ୍କ ଚରିତ୍ରଗତ ଦୁର୍ବଳତା ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଲାଣି।

# ଭାରତୀୟ ମେଧାଶକ୍ତିର ଦେଶାନ୍ତର ଯାତ୍ରା



ଡ. ଚିତ୍ତରଞ୍ଜନ ମିଶ୍ର

ଉଚ୍ଚଶିକ୍ଷା ପାଇଁ ଭାରତୀୟ ଛାତ୍ରମାନଙ୍କ ଦେଶାନ୍ତର ଯାତ୍ରାର ପ୍ରବୃତ୍ତି ବଢ଼ିଚାଲିଛି। ସଂପ୍ରତି ୧୧.୩ ଲକ୍ଷ ଭାରତୀୟ ଛାତ୍ର ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଏବଂ ୨୦୨୨ ଏ କ୍ଷେତ୍ରରେ ରେକର୍ଡ କରିବାକୁ ଯାଉଛି। ଭାରତୀୟ ମୁଦ୍ରାର ମୂଲ୍ୟରେ ହ୍ରାସ ସତ୍ତ୍ୱେ ଏପରି ପରିସ୍ଥିତି ଦୃଷ୍ଟିଗୋଚର ହେଉଛି। ଏହି ଛାତ୍ରମାନେ କେବଳ ଟ୍ୟୁଶନ୍ ଫି' ବାବଦକୁ ଅନେକ ବିଲିୟନ ଡଲାର ଅର୍ଥରାଶି ବ୍ୟୟ କରିଥାନ୍ତି। ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତୀୟ ଛାତ୍ରମାନେ ବିଦେଶରେ ବର୍ଷକୁ ପ୍ରାୟ ୩୦ ବିଲିୟନ ଡଲାରର ଅର୍ଥରାଶି ବ୍ୟୟ କରିଥାନ୍ତି। ଏହି ବାର୍ଷିକ ବ୍ୟୟ ପରିମାଣ ଏକ ବିଶାଳ ପୁଞ୍ଜି, ଯାହା ଏକାଧିକ କଲେଜ ଓ ବିଶ୍ୱବିଦ୍ୟାଳୟର କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ବିନିଯୋଗ କରାଯାଇପାରିବ। ଉଦାହରଣ ସ୍ୱରୂପ, ୨୦୧୮ରେ ଦେଶରେ ୮ଟି ନୂଆ ଆଇ.ଆଇ.ଟି.କୁ ଫଣ୍ଡିଂ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଂଶୋଧିତ ବଜେଟ ପରିମାଣ ୧୩,୯୯୦ କୋଟି ଥିଲା, ଯାହାକି ସେ ସମୟରେ ପ୍ରାୟ ୨ ବିଲିୟନ ଡଲାର। ଏଭଳି ଅତ୍ୟଧିକ ବ୍ୟୟ ସତ୍ତ୍ୱେ ଭାରତୀୟ ଛାତ୍ରଙ୍କ ବିଦେଶ ପଳାୟନର ଆବଶ୍ୟକତା ପ୍ରକୃତରେ କ'ଣ ବୁଝାଇଥାଏ? ରିପୋର୍ଟ ଅନୁଯାୟୀ, ମା'ବାପାମାନେ କେବଳ ତାଙ୍କ ପିଲାମାନଙ୍କୁ ବିଦେଶରେ ପାଠ ପଢ଼ାଇବା ପାଇଁ ସେମାନଙ୍କ ଜମିବାଡ଼ି ଓ ଅନ୍ୟାନ୍ୟ ସମ୍ପତ୍ତି ବିକ୍ରି କରି ଦେଉଛନ୍ତି ଏବଂ ବ୍ୟାଙ୍କମାନଙ୍କରୁ ମଧ୍ୟ ପ୍ରଚୁର ପରିମାଣର ଋଣ ନେଉଛନ୍ତି।

ବିଭିନ୍ନ ସର୍ଭେ ଅନୁଯାୟୀ ୯୦ ପ୍ରତିଶତରୁ ଅଧିକ ଛାତ୍ର ଯଦି ସୁଯୋଗ ପାଆନ୍ତି ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାକୁ ନିଶ୍ଚିତରୂପେ ଆଗଭର ହୋଇଥାନ୍ତି। ହେଲେ ପ୍ରଶ୍ନ ଉଠୁଛି- ଆମେ କାହିଁକି ଆନ୍ତର୍ଜାତିକ କଲେଜଗୁଡ଼ିକ ସହ ସମକକ୍ଷ ହୋଇପାରୁ ନାହୁଁ? ଆମେ ତାଙ୍କ ସହ କାହିଁକି ପ୍ରତିଯୋଗିତା କରିପାରୁନାହୁଁ? ଶିକ୍ଷାକ୍ଷେତ୍ରରେ ଆମେ କ'ଣ ସବୁ ଭୁଲ୍ କରୁଛୁ ସେସବୁର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ। ଭାରତୀୟ ଛାତ୍ରମାନେ କାହିଁକି ବିଦେଶରେ ଅଧ୍ୟୟନ କରିବା ପାଇଁ ଅତିମାତ୍ରାରେ ଇଚ୍ଛୁକ ହୋଇଥାନ୍ତି ସେ ବିଷୟରେ ୫ଟି କାରଣ ଅବତାରଣା କରାଯାଇଛି।

୧. ଭାରତର ସାଧାରଣ କଲେଜଗୁଡ଼ିକ ଅଷ୍ଟ୍ରେଲିଆ, ୟୁ.କେ. କିମ୍ବା ଆମେରିକାର ସାଧାରଣ କଲେଜ ତୁଳନାରେ ଏକ 'ବ୍ରାଣ୍ଡ୍ ଇମେଜ୍' ସୃଷ୍ଟି କରିବାରେ ଅସଫଳ ହୋଇଛନ୍ତି। ମାତ୍ର ସ୍ୱଳ୍ପ କେତେକ ଭାରତୀୟ ବିଶ୍ୱବିଦ୍ୟାଳୟକୁ ଛାଡ଼ିଦେଲେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଆଦୌ ଏକ 'ବ୍ରାଣ୍ଡ ଇମେଜ୍' ସୃଷ୍ଟି କରିପାରିନାହାନ୍ତି। 'ଏଜୁକେଶନାଲ ବ୍ରାଣ୍ଡସ' କହିଲେ ଶିକ୍ଷାନୁଷ୍ଠାନର 'ବିଜ୍ଞାପନ' ବା 'ଲୋଗୋ'କୁ ବୁଝାଇ ନ ଥାଏ। ଏହା ଆଶା, ବିଶ୍ୱାସ, ଭରସା, ଦାୟିତ୍ୱବୋଧ, ଉତ୍କୃଷ୍ଟତା, ଶ୍ରେଷ୍ଠତା, ପ୍ରତିଷ୍ଠା, ଅତ୍ୟାଧୁନିକ ଜ୍ଞାନ ଏବଂ ନୀତିଶାସ୍ତ୍ରକୁ ବୁଝାଏ। କେତେ ଭାରତୀୟ ଘରୋଇ ବିଶ୍ୱବିଦ୍ୟାଳୟ ଏହି ମୂଲ୍ୟବୋଧକୁ ବୁଝୁଛନ୍ତି? ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ଭବ୍ୟ ଅଟ୍ଟାଳିକାମାନ ନିର୍ମାଣ କରିଛନ୍ତି, ହେଲେ ସେମାନଙ୍କର ଫାକଲ୍‌ଟି, ପାଠ୍ୟକ୍ରମ, ଉଦାରତା, ଗ୍ରହଣଶୀଳତା ଏବଂ ଆଚାର ବିଚାର



ସଂପୂର୍ଣ୍ଣତା ଲାଭ କରିପାରିନାହିଁ। ୨.ସ୍ୱଳ୍ପ କେତୋଟି ପୁରୁଣା ଭାରତୀୟ ଏଜୁକେଶନାଲ ବ୍ରାଣ୍ଡ ତଥାପି ଶ୍ରେଷ୍ଠତ୍ୱ ବଜାୟ ରଖିଛନ୍ତି। କେତେକ କଲେଜ, ଯେଉଁଗୁଡ଼ିକୁ 'ପ୍ରିମିୟମ୍ କଲେଜ' ବୋଲି ଅଭିହିତ କରାଯାଉଥିଲା ସେଗୁଡ଼ିକୁ ଆଜି ବି 'ପ୍ରିମିୟମ କଲେଜ୍' ବୋଲି ଅଭିହିତ କରାଯାଉଛି। ଏହି କଲେଜମାନଙ୍କରେ ଛାତ୍ର ହେବା ପାଇଁ ଦରଖାସ୍ତ ସଂଖ୍ୟା ୧୦ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏପରି କି ନୂଆକରି ଗଢ଼ାଯାଇଥିବା ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍.ଗୁଡ଼ିକ ପୁରୁଣା କଲେଜ ତୁଳନାରେ ସେହି ଏକାରକମର ସମ୍ମାନ ଓ ମର୍ଯ୍ୟାଦା ଲାଭ କରିପାରୁନାହାନ୍ତି ଏବଂ ତୁଳନାତ୍ମକ ଭାବେ ସେମାନେ ଏକାଧିକ ସ୍ତର ନିମ୍ନରେ ରହିଛନ୍ତି।

କଲେଜଗୁଡ଼ିକର ନାଁ ବଦଳେଇ ଦେଲେ କିମ୍ବା ଏକ ବ୍ରାଣ୍ଡକୁ କମ୍‌ଜୋର କରିଦେଲେ ତାହା କୌଣସି ଚମତ୍କାର ଦେଖାଇ ପାରିବ ନାହିଁ। ଏହା ନାଁକୁ ନେଇ ନୁହେଁ ବରଂ ତତ୍ତ୍ୱକୁ ନେଇ, ବାସ୍ତବିକତାକୁ ନେଇ, ଅସ୍ତିତ୍ୱକୁ ନେଇ ଠିଆ ହୋଇଥାଏ। ଗୋଟିଏ ଇନ୍‌ଷ୍ଟିଚ୍ୟୁଶନ୍‌ରେ କାମ କରୁଥିବା ଲୋକ ଏହାର କର୍ମସଂସ୍କୃତି, ଆଚାର ବିଚାର ଏବଂ ମୂଲ୍ୟବୋଧ ସର୍ବଶେଷରେ ଇନ୍‌ଷ୍ଟିଚ୍ୟୁଶନକୁ ପ୍ରଥମ ଶ୍ରେଣୀର ମର୍ଯ୍ୟାଦା ପ୍ରଦାନ କରିଥାଏ। ଏହା ଅତ୍ୟନ୍ତ ଦୁଃଖର କଥା ଯେ, ହାତଗଣତି ମାତ୍ର କେତେକ ସମ୍ଭ୍ରାନ୍ତଶ୍ରେଣୀୟ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ନୂଆ କଲେଜଗୁଡ଼ିକ କ୍ଷେତ୍ରରେ ଏହା ସେଭଳି ଫଳପ୍ରଦ ହୋଇପାରିନାହିଁ।

୩. ଅତ୍ୟନ୍ତ ମନୋରମ, ଲୋଭନୀୟ ଓ ଆକର୍ଷଣୀୟ କ୍ୟାମ୍ପସ୍, ଦୈନିକ ଖବର କାଗଜ ଓ ମାଗାଜିନ୍‌ମାନଙ୍କରେ ସମ୍ପୂର୍ଣ୍ଣ ପୃଷ୍ଠା ମଣ୍ଡନ କରୁଥିବା ସୁଦୃଶ୍ୟ ବିଜ୍ଞାପନ ଏବଂ ରାଜରାସ୍ତାର ଉଭୟ ପାର୍ଶ୍ୱରେ ବିଶାଳ ହୋର୍ଡିଂ ଆଦି ନୂଆ ଭାରତୀୟ କଲେଜଗୁଡ଼ିକର ପରିଚୟ ବହନ କରୁଅଛି। ଆମେ 'ହାର୍ଡୱେର' କ୍ଷେତ୍ରରେ ହୁଏତ ଅଗ୍ରଗତି ହାସଲ କରିପାରିଛେ, ପରନ୍ତୁ 'ସଫ୍ଟୱେର' କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଅଛେ। ଆଜି ଆବଶ୍ୟକତା ରହିଛି ଦୂରଦୃଷ୍ଟିସମ୍ପନ୍ନ ମହାନ୍ ବ୍ୟକ୍ତିବିଶେଷଙ୍କର, ଯେଉଁମାନେ କି ଶିକ୍ଷାନୁଷ୍ଠାନ ନିର୍ମାଣରେ ନିଜର ଅନନ୍ୟ ପରାକାଷ୍ଠା ଓ ବ୍ୟକ୍ତିତ୍ୱର ମହାର୍ଘ ସ୍ପର୍ଶ ପ୍ରଦାନ କରି ଋଦ୍ଧିମନ୍ତ କରିପାରିବେ। ଆକସ୍ମିକ ଭାବେ ଉତ୍ପନ୍ନ ହୋଇଥିବା ବ୍ୟବସାୟୀ ଅବା ବୟସର ଅପରାହ୍ନରେ ପାଦ ଥାପି କ୍ଳାନ୍ତ, ଶ୍ରାନ୍ତ ଓ ଅବସନ୍ନ ହୋଇପଡ଼ିଥିବା ତଥା ବୃଦ୍ଧାବସ୍ଥା ପ୍ରାପ୍ତ କରିଥିବା କୌଣସି ଏକ ଅନାମଧେୟ କଲେଜର ଅବସରପ୍ରାପ୍ତ ପ୍ରଫେସର ଏହି କାମ ପାଇଁ ଆଦୌ ଉପଯୁକ୍ତ ବ୍ୟକ୍ତି ନୁହନ୍ତି। ହେଲେ ଏଭଳି ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି ବିଶେଷମାନେ ହିଁ କେତେକ ନୂଆ କଲେଜର ନେତୃତ୍ୱ ଓ ପରିଚାଳନା ଭାର ନିଜ ମୁଣ୍ଡରେ ବହନ କରି ଏବେ ବାଟ ଚାଲୁଛନ୍ତି।

୪. ଦଶନ୍ଧି ଦଶନ୍ଧି ଧରି ବହୁ ଆଲୋଚନା ପରେ ବୈଦେଶିକ ବିଶ୍ୱବିଦ୍ୟାଳୟମାନଙ୍କର କ୍ୟାମ୍ପସ୍ ଏବେ ବି ଭାରତ ବର୍ଷରେ ଖୋଲିପାରିନାହିଁ। ଏହି କ୍ୟାମ୍ପସଗୁଡ଼ିକ ଯଦି ବିଦେଶମୁହାଁ ହେଉଥିବା ଛାତ୍ରୀଛାତ୍ରମାନଙ୍କ କିଛି ଅଂଶକୁ ଧାରଣ କରିପାରିବ ତେବେ ଏହା ସାର୍ଥକ ସାବ୍ୟସ୍ତ ହେବ। ୫. ସତ କହିବାକୁ ଗଲେ ଅନ୍ୟ ଦେଶମାନଙ୍କରେ ଯେପରି ଉଚ୍ଚଶିକ୍ଷିତ ଓ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଚାକିରିର ସୁଯୋଗ ଓ ସମ୍ଭାବନା ହାତ ଠାରି ଡାକିଥାଏ ଭାରତରେ ସେଭଳି ସ୍ଥିତି ପ୍ରାୟ ନାହିଁ କହିଲେ ଚଳେ। ଆମ ଦେଶରେ ସଫ୍ଟୱେର ଭଳି ଆଉ କେତେକ କ୍ଷେତ୍ର ଅଛି, ଯେଉଁମାନେ କି ବହୁ ଇଞ୍ଜିନିୟରଙ୍କୁ ଚାକିରି ଯୋଗାଇ ଦେଇଥାଆନ୍ତି। କେତେକ ବହୁରାଷ୍ଟ୍ରୀୟ କମ୍ପାନୀ ଅଛନ୍ତି, ଯେଉଁମାନଙ୍କ ଚାକିରି କେବଳ କେତେକ ପ୍ରତିଷ୍ଠିତ କଲେଜର ଛାତ୍ରୀଛାତ୍ରମାନେ ହିଁ ପୋଛିନେଇଥାନ୍ତି। ଆମେ ଆମର ଶ୍ରେଷ୍ଠ ୨ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଚାକିରି ଯୋଗାଇଦେବାରେ ଭଲ ଫଳ ପ୍ରଦର୍ଶନ କରିଛୁ କିନ୍ତୁ ଶ୍ରେଷ୍ଠ ୨୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ନୁହେଁ।

ଏଭଳି ସମସ୍ୟାର ସମାଧାନ ପାଇଁ ପଥଟିଏ ଆମକୁ ଶିକ୍ଷା ବ୍ୟବସ୍ଥାର ପରିଧି ବାହାରେ ଖୋଜିବାକୁ ପଡ଼ିବ। ଆମ ଅର୍ଥନୀତିକୁ ଆହୁରି ଉନ୍ମୁକ୍ତ କରିବାକୁ ପଡ଼ିବ, ଅପାର ଅଭିବୃଦ୍ଧି ପାଇଁ ନିରନ୍ତର ଅଭିଯାନ ଓ ପ୍ରଚଣ୍ଡ ପ୍ରେରଣା ଜାରି ରଖିବାକୁ ପଡ଼ିବ, ବିଶ୍ୱ ପାଇଁ ଆମକୁ ଏକ ମାନୁଫ୍ୟାକ୍ଚରିଙ୍ଗ୍ କେନ୍ଦ୍ର ହେବାକୁ ପଡ଼ିବ ଏବଂ ଏଭଳି ପଲିସି ପ୍ରସ୍ତୁତ କରିବାକୁ ପଡ଼ିବ, ଯାହାକି ଚାକିରି ସୃଷ୍ଟି କରୁଥିବା ସେକ୍ଟରକୁ ପୁଞ୍ଜି ଲଗାଣକାରୀମାନଙ୍କୁ ଆକର୍ଷିତ କରିପାରିବ। ଆମେ ଆମ ଯୁବଶକ୍ତିକୁ ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ଭାବନାମୟ ଭବିଷ୍ୟତ ଭେଟିଦେବାକୁ ହେବ। ବ୍ୟବସ୍ଥାରେ ଥିବା ସମସ୍ୟାର ନାଡ଼ି ଚିପି ତା'ର ଠିକ୍ ନିରାମୟ କରାଯିବା ଆବଶ୍ୟକ। ଯେଉଁ କାରଣ ପାଇଁ ଛାତ୍ରୀଛାତ୍ରମାନେ ଦେଶଠୁ ମୁହଁ ମୋଡ଼ିଦେଇ ବିଦେଶକୁ ଧାଉଁଛନ୍ତି ସେହି କାରଣର ନିରାକରଣ ଆମକୁ ହିଁ କରିବାକୁ ପଡ଼ିବ ଏବଂ ଯେତେଶୀଘ୍ର କରିପାରିବା ତାହା ରାଷ୍ଟ୍ର ପାଇଁ ପରମ ଶୁଭଙ୍କର ସାବ୍ୟସ୍ତ ହେବ।

ମୋ: ୯୩୩୮୨୦୪୯୯୩

# ମୂଷା ପ୍ରବଳ



ଦ୍ୟୁତି ଚନ୍ଦ୍ର ସାହୁ

ଏଇ ଛୋଟିଆ ଜୀବ ପାଇଁ ସବୁଠି ଚର୍ଚ୍ଚା। ଗଣେଶ ପୂଜା ମଣ୍ଡପରେ ଭାରି ଭାରି ଲଡୁ ଧରି ପାଦ ତଳେ ଠିଆ ହୋଇଥାଏ ନିର୍ଜୀବ ମୂଷା। ଗଣେଶଙ୍କ ବାହାନ ବୋଲି ଅନେକଙ୍କ ଭରି ଦୟା। ଘରଣୀମାନେ କଲବଲ ହୋଇ ମୂଷାକୁ ଗାଳି ଦେଉଥିବେ। କିନ୍ତୁ କହିବେ, ମୂଷାକୁ ଧରି ଆଉ କୋଉଠି ଛାଡ଼ି ଦିଆଯାଉ ପଛେ ମୂଷାକୁ ମରା ନ ଯାଉ। ଯେଉଁଠି ବି ଛାଡ଼ିବ, ସେଠି ପୁଣି ମୂଷା ଉତ୍ପାତ କରିବ ଏ କଥାକୁ ଆମେ ଭୁଲିଯାଉ। ମୂଷା ସିନା ଛୋଟିଆ ଜୀବ, ହେଲେ କରାମତି ଅନେକ। ତା'ର ଉତ୍ପାତରେ ସମସ୍ତେ ଅତିଷ୍ଠ। ତା'ର ଟେର କିଏ କ'ଣ ଜାଣିପାରେ! ସେ କିନ୍ତୁ ନିଜ ରାସ୍ତାରେ ଛାରଖାର କରିପାରେ। ଆଉ କାହାର ଅମାର ଖାଲି କରି ନିଜ ଅମାରକୁ ଭରିପାରେ। ଥରେ ଜାଗା ଜାଣିଗଲେ ମୂଷା ତା'ର ଅଭିଯାନ ଆରମ୍ଭ କରେ। ଆଉ ଡର ନଥାଏ। ମୂଷା ନିପାତ ଲାଗି କେତେ କ'ଣ ଯୋଜନା ହେଉଛି। କିନ୍ତୁ ମୂଷା କୋଉଠି ନିପାତ ହେଉଛି? ମୂଷାକୁ ମାରିବା କେଡ଼େ ସହଜ ଭାବି ଯୋଉ ମଣିଷମାନେ ମୂଷାମରା ଅଭିଯାନରେ ଲାଗିପଡ଼ନ୍ତି ପରେ ପରେ ହେଜି ଯାଆନ୍ତି। ମୂଷା ମାରିବା ସତରେ ସହଜ ନୁହଁ। ଜଣେ ଲୋକ ହାଲିଆ ହୋଇ ସେଥିରେ ପଣେ ମିଶିଲେ ଆହୁରି ମୂଷାକୁ ସହଜ ହୁଏ। ଗଳାବାଟ ଦେଇ ଖସିଯାଏ। ତେଣିକି ତୁମେ ଯେତେଯେତେ ପରପଞ୍ଚ କର, ମୂଷା କି ଧରାଦିଏ! ମୂଷାମରା ଉଷକୁ ଆଉ ଡର ନାହିଁ ତା'ର। ଘ୍ରାଣଶକ୍ତି ତୀବ୍ର ହୋଇଗଲା। ଦୂରୁ ଜୁହାର କରି ବାଟ ଭାଙ୍ଗି ଚାଲିଯାଏ। ଯନ୍ତା ଭିତରେ ଥିବା ଖାଦ୍ୟର ଲୋଭ ନାହିଁ ତାକୁ ଏବେ। ବାହାରେ ଯେତେ ଇଚ୍ଛା ମିଳୁଥିଲେ ଏଇ ଖଣ୍ଡେନାକୁ ଖାଦ୍ୟକୁ କିଏ ପଚାରେ! ମୂଷାମାନେ ମନଇଚ୍ଛା ଖାଇ ପାରୁଛନ୍ତି ବୋଲି ଧରା ନ ପଡ଼ିବାର ଇଲମ ବି ତାଙ୍କୁ ମାଲୁମ ହୋଇଗଲାଣି। ସେଥିପାଇଁ କୋରାପୁଟିଆ ଦେଶିଆ ଭାଷାରେ ଗୀତରେ ଗୀତରେ କୁହାଯାଇଛି ମୂଷାକେ ମାରରେ ନନା, ମୂଷା କେ ମାର; ମୂଷାକେ ନାଇ ମାରିଲେ ଭଙ୍ଗାଇ ଦେଇଛେ ଘର। ଅତଃ ମୂଷା ପ୍ରବଳ। ଅତ୍ର ତତ୍ର ସର୍ବତ୍ର ମୂଷା। ପ୍ରକାର ଭେଦରେ ବି ଆପଣଙ୍କୁ ତାଟକା କରିଦେଉଛି ମୂଷା। ଚୂଟିଆ ମୂଷା କାଟି କାଟି ଯିବ ଧରା ପଡ଼ିବନି। ଗାତୁଆ ମୂଷା ବଡ଼ ଧୂର୍ତ୍ତ। କଟୁଘର ମୂଷା ଭାରି ଉତ୍ପାତ। ଘରୁଆ ମୂଷା ନିର୍ଭୀକ। ପାନ୍ଦିଲି ମୂଷା ବିରାଟକାୟ ଓ ସାହସୀ ମଧ୍ୟ। ତା' ଉପରେ ପାହାର ପଡ଼ିଲେ ବି କିଛି ହୁଏନି। ସାମାନ୍ୟ ଦୂରକୁ ଯାଇ ଖଟେଇ ହେଲା ବାଗରେ ଦେହକୁ ଝାଡ଼ିଦିଏ। ଡବଡବ କରି ଚାହିଁ ରହେ। ଦୈବାତ୍ ସେ ଓଲଟି ଆସିଲେ ଆକ୍ରମଣକାରୀ ଅଟର୍ଚ୍ଛା ହୋଇଯାଏ। ମୂଷା ବି ଡରାଇବା ଆରମ୍ଭ କଲାଣି ଏବେ। ମଣିଷ ଥିଲେ ବି ସାମାନ୍ୟ ଦୂରରେ ଆସି ଆଖି ମିଟିମିଟି କରି ଚାହିଁ ରହିଥିବ। ବୋଧେ ନିଶକୁ ମୋଡ଼ି ନିଜ ଭିତରେ ଗର୍ବ କରୁଥିବ ସେ! ଚୁ ଚୁ କରି କହୁଥିବ ବୋଧେ- ଆ ଆ... ଜଲ୍‌ଦି ଆସ! ହେଇଟି ଠିଆ



ହୋଇଛି। ଧରିବୁ ଯଦି ଧର୍ ଦେଖିବା। ତୋର କେତେ ତାକତ! କିଏ ଯଦି ନିଜ ଗର୍ବ ଖର୍ବ ହୋଇଯାଉଛି ଭାବି ମୂଷାର ଉପସ୍ଥିତି ଦେଖି ଆକ୍ରମଣ ପାଇଁ ଦୌଡ଼ିବ, ମୂଷା ନିମିଷକରେ ଅନ୍ତର୍ଦ୍ଧାନ। ଆଉ ଦିଶିବନି।

ଦି' ଗୋଡ଼ିଆ ମୂଷାମାନେ ସେଇ ଜାତିଆ। ଭାରି ଉତ୍ପାତ। ଆବଶ୍ୟକତାଠାରୁ ଅଧିକ ଲୋଭ। ଗୋଟାପଣେ ଚରିଯିବାକୁ ଇଚ୍ଛା। ଭିତରେ ଭିତରେ କାରସାଦି। ସବୁଠି ତାଙ୍କ ଗୋଡ଼ ଚାଲେ। ହାତ ଚଳେ। ଚଳେଇ ଚଳେଇ ଚଳୁ କଲେ ଯାଇ ସ୍ଥାବର ଓ ଅସ୍ଥାବର ସବୁ ନବକଳେବର ହୁଏ। କିନ୍ତୁ ଗମ୍ଭୀରା ଘର ସବୁଠି ଖୋଲେନି। ପାଇଖାନା, ଗୋଦାମ ଘର, ଗ୍ୟାରେଜ ଘର, ଫାର୍ମ ହାଉସ୍ ପର୍ଯ୍ୟନ୍ତ ଏଇ ମୂଷାଙ୍କ ଭଣ୍ଡାର ଘର ଲମ୍ବିଯାଏ। ଏଇଠି ଲୀଳାଖେଳା ଚାଲେ। ନିଜର ଅସ୍ତିତ୍ୱଠାରୁ ଢେର ବଡ଼ ବୋଲି ଧରି ଏଇ ମୂଷାମାନେ ପ୍ରାୟ ଉତ୍ପାତ ହୁଅନ୍ତି। ଦିନରାତି ସାନବଡ଼, ଭଲମନ୍ଦ ବାଛବିଚାର ସବୁ ଭୁଲିଯାଆନ୍ତି। ନିଜର ଆୟଉଠାରୁ ଅଧିକ ବୋଲି ନିଜକୁ ବୁଝିବା ଆରମ୍ଭ କରନ୍ତି। ଅହମିକାରେ ନାନାଦି ଭୁଲ ଓ ପାପ କାମରେ ଲିପ୍ତ ରୁହନ୍ତି। ବାହାର ଦୁନିଆକୁ ସତରେ ଭୁଲିଯାଆନ୍ତି। ଆଖି ବୁଜି ବିଲେଇ କ୍ଷୀର ପିଇପାରେ ବୋଲି ମୂଷାମାନେ ଜାଣିଥିବାରୁ ଦିନ ଦି'ପହରେ ବି ଲୋକଙ୍କ ଉପସ୍ଥିତି ସତ୍ତ୍ୱେ ମୂଷା ଖଡ଼ଖାଡ଼ ଓ କୁଟୁରୁମୁଟୁରୁ କରେ। ଶଙ୍ଖୀ ବିଲେଇ କେତେ ଦୌଡ଼ିବ। ତା'ଠାରୁ ତେଜବାନ ହୋଇ ଦୌଡ଼େ ଓ ଲୁଚିବାର କୌଶଳରେ ଏବେ ଓସ୍ତାଦ ମୂଷା। ବିଚରା ବିଲେଇ ମୂଷାକୁ ପାଇ ବି ଧରି ନ ପାରିବାର ଗ୍ଳାନିରେ ଖାଲି ମିଆଁଉ ମିଆଁଉ କରେ। ତା'ର ବିବଶ ପଣରେ ଦୂରରୁ ନିରେଖି ଦେଖି ଦୁଇ ହାତ ପାଟିରେ ଦେଇ ହସେ ମୂଷା। ଡର ଭୟ ଶୂନ୍ୟ ପାଣିପାଗରେ ମୂଷା ପ୍ରବଳ। ସାନଠୁ ବଡ଼ ସମସ୍ତେ ପାରିବାର। ଧରା ପଡ଼ିଲେ ବି କୋଉ ଛଟକରେ ଖସିଯିବାର ବାଟ ବି ଜଣା। ନିଜ ପାରିବାପଣରେ ପର୍ବତ ଭିତରେ, ଢୋଲ ଭିତରେ ପଶି ଯାଉଥିବା ମୂଷା କିନ୍ତୁ ଭୁଲିଯାଏ ତା' ପାଇଁ ଖାଲି ବିଲେଇ ନାହିଁ ଆଉ କିଏ ବି ଗୋଟେ ଥାଇପାରେ! ମୂଷା ଯେଉଁଠି ଭଣ୍ଡାର ସେଇଠି। ଭଣ୍ଡାର ଖୋଜି ଖୋଜି ସାପ ବି ହାଜର ଏଣିକି। ଗାତ ଭିତରେ ସହଜରେ ପଶିପାରୁଥିବା ସାପ କବଳରେ ମୂଷା ଏଥର। ଉତପାତିଆ ମୂଷା ସାପର ଆଁ ଭିତରେ ଗିଳି ହୋଇଯାଏ। ମଣିଷକୁ ମଣିଷ ଭାବୁ ନଥିବା ମୂଷା ତେଣିକି ବଞ୍ଚିବା ପାଇଁ ଖାଲି ବିକଳରେ ଛଟପଟ ହୁଏ। ଆଉ ସବୁଠୁ ବଡ଼ କଥା ହେଲା ମୂଷା ସେତେବେଳଯାଏ ନିଜକୁ ସୁରକ୍ଷିତ ଭାବେ, ଯେତେବେଳ ଯାଏ ନିଜ ଭିତରେ ସେ ସୀମିତ ଥାଏ। ସେ ପାପ ହେଉ କି ପାଣି, ଥରେ ଭିଜିଗଲେ ମୂଷା ଆଉ କି ବଞ୍ଚିପାରେ!

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ବିବାହ ଭଳି ଏକ ସ୍ୱତନ୍ତ୍ର ଦିନରେ ଭଲ ପୋଷାକ ପିନ୍ଧି କନ୍ୟାବେଶରେ ସଜେଇ ହେବାକୁ ଅନେକ ମହିଳାଙ୍କ ସ୍ୱପ୍ନ ଥାଏ। କିନ୍ତୁ ବହୁ ସମୟରେ ଅର୍ଥାଭାବରୁ ଏହା ସମ୍ଭବ ହୋଇପାରି ନ ଥାଏ। ହେଲେ କେରଳର ପେରିଥଲମାନା ନିବାସୀ ନାସର ଥୁଥା ଗରିବ କନ୍ୟାମାନଙ୍କ ସ୍ୱପ୍ନକୁ ପୂରଣ କରୁଛନ୍ତି। ସେ 'ଡ୍ରେସ୍ ବ୍ୟାଙ୍କ୍' ଆରମ୍ଭ କରି ମହିଳାମାନଙ୍କୁ ମାଗଣାରେ ଭଲ ପୋଷାକ ଦେଉଛନ୍ତି। ଏହି ଡ୍ରେସ୍ ବ୍ୟାଙ୍କକୁ ଧନୀ ପରିବାରଗୁଡ଼ିକ ପୋଷାକ ଦାନ କରୁଛନ୍ତି। ସେହି ପୋଷାକକୁ ଗରିବ ଝିଅମାନେ ନେଉଛନ୍ତି। ଏବେ ସୁଦ୍ଧା ୨୦୦ କନ୍ୟା ଏହି ଡ୍ରେସ୍ ବ୍ୟାଙ୍କରୁ ପୋଷାକ ନେଇସାରିଲେଣି। ଏଥିପାଇଁ କୌଣସି ଦେୟ ଦେବାକୁ ପଡୁନାହିଁ। ଏପର୍ଯ୍ୟନ୍ତ ୧,୦୦୦ ବିବାହ ପୋଷାକ ହିନ୍ଦୁ, ମୁସଲମାନ୍ ଓ ଖ୍ରୀଷ୍ଟିଆନ୍ କନ୍ୟାଙ୍କ ଲାଗି ସଂଗ୍ରହ କରାଯାଇଛି, ଯାହାର ବଜାର ଦର ୫,୦୦୦ରୁ ୫୦,୦୦୦ ଟଙ୍କା। ଅନ୍ୟ ରାଜ୍ୟ ତଥା ବିଦେଶରେ ଥିବା ଭାରତୀୟମାନେ ମଧ୍ୟ ପୋଷାକ ଦାନ କରୁଛନ୍ତି। ଲୋକମାନଙ୍କଠାରୁ ପୋଷାକ ଗ୍ରହଣ କରିବା ପାଇଁ ନାସର ଏକ ସ୍ୱେଚ୍ଛାସେବୀ ନେଟ୍‌ୱର୍କ ଖୋଲିଛନ୍ତି। ସେ କେବେ ବି କନ୍ୟାମାନଙ୍କୁ ପୋଷାକ ଫେରାଇବାକୁ କହନ୍ତିନାହିଁ, ବରଂ ତାହାକୁ ଅନ୍ୟ ଗରିବ ଝିଅଙ୍କୁ ଦେବାଲାଗି କହିଥାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୭

- କଂଗ୍ରେସ ଅମଳରେ ଦିଆଯାଇଥିବା ୭୮ଟି ପେଟ୍ରୋଲ ପମ୍ପ, ଏଲ୍‌ପିଜି ଏବଂ କିରାସିନି ଡିଲରଶିପ୍ ଦିଲ୍ଲୀ ହାଇକୋର୍ଟ ଦ୍ୱାରା ବାତିଲ।
- ଆଫ୍ରିକୀୟ ରାଷ୍ଟ୍ର ଆଲଜେରିଆର ସିଦିମୌସା ଜିଲା ଅନ୍ତର୍ଗତ ରାଇସ୍ ଗ୍ରାମରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ପ୍ରବେଶ କରି ୨୦୦ ଶୋଇଥିବା ଅବସ୍ଥାରେ ହତ୍ୟା କରିଛନ୍ତି।
- ରାଜ୍ୟରେ ନକ୍ସଲପନ୍ଥୀ ସମସ୍ୟା ଉତ୍କଟ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ସରକାରଙ୍କ ୭୦୦ କୋଟିର ଯୋଜନା ପ୍ରସ୍ତୁତ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 9 | 7 | 1 | |
| | | 8 | | 7 | | | | |
| 6 | | | 5 | | | 8 | | |
| | | | 9 | | 6 | 2 | | |
| 9 | | | 2 | | | | 5 | |
| | | | | 4 | 5 | | 9 | |
| | | 2 | | | 7 | 1 | 4 | |
| | | 9 | | | | | | 2 |
| | 6 | | | | 2 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 7 | 5 | 6 | 3 | 1 | 4 |
| 3 | 7 | 4 | 1 | 9 | 8 | 5 | 6 | 2 |
| 1 | 6 | 5 | 2 | 4 | 3 | 8 | 9 | 7 |
| 7 | 5 | 3 | 6 | 8 | 1 | 4 | 2 | 9 |
| 2 | 4 | 8 | 9 | 7 | 5 | 1 | 3 | 6 |
| 9 | 1 | 6 | 3 | 2 | 4 | 7 | 8 | 5 |
| 4 | 3 | 2 | 5 | 1 | 9 | 6 | 7 | 8 |
| 6 | 8 | 7 | 4 | 3 | 2 | 9 | 5 | 1 |
| 5 | 9 | 1 | 8 | 6 | 7 | 2 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜ୍ୟରେ ଆୟୁର୍ବେଦ ଓ ହୋମିଓପାଥିକ ସିଟ୍ ସଂଖ୍ୟା ବୃଦ୍ଧି ହେଉ

ମହାଶୟ,

ରାଜ୍ୟରେ ମେଡିକାଲ କଲେଜରେ ପଢ଼ିବା ପାଇଁ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ସିଟ୍‌ସଂଖ୍ୟା ବୃଦ୍ଧି ପାଇଛି। ଏହାକୁ ନେଇ ରାଜ୍ୟରେ ସରକାରୀ ଭାବେ ଏମ୍‌ବିବିଏସ୍ ସିଟ୍‌ସଂଖ୍ୟା ୧୪୫୦କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ ତିନୋଟି ବେସରକାରୀ ମେଡିକାଲ କଲେଜରେ ୨୫୦ ଲେଖାଏଁ ସିଟ୍ ମିଶାଇ ୭୫୦ ରହିଛି। ରାଜ୍ୟରେ ଥିବା ମାତ୍ର ତିନୋଟି ସରକାରୀ ଆୟୁର୍ବେଦ କଲେଜ ଯଥା ବ୍ରହ୍ମପୁରସ୍ଥିତ ଅଙ୍କୁଶପୁର, ପୁରୀ, ବଲାଙ୍ଗୀର ଓ ଚାରୋଟି ହୋମିଓପାଥିକ କଲେଜ ଯଥା ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା କଲେଜଗୁଡିକରେ ସିଟ୍‌ସଂଖ୍ୟା ମାତ୍ର ଦୁଇ ଅଙ୍କ ମଧ୍ୟରେ ସୀମିତ ରହିଛି। ରାଜ୍ୟରେ ନିଟ୍ ମାଧ୍ୟମରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏମ୍‌ବିବିଏସ୍ ପରେ ଆୟୁର୍ବେଦ ଓ ହୋମିଓପାଥିକ ପାଇବା ପାଇଁ ତତ୍ପରତା ପ୍ରକାଶ କରୁଥିବା ବେଳେ ସୀମିତ ସିଟ୍ ମଧ୍ୟରେ ଏହି ମେଧାବୀ ଛାତ୍ରୀଛାତ୍ର ପଢ଼ିବା ପାଇଁ ସୁଯୋଗ ପାଇ ପାରୁନାହାନ୍ତି। ୨୦୨୨-୨୩ ଶିକ୍ଷାବର୍ଷ ଲାଗି ରାଜ୍ୟରେ ଥିବା ୩ଟି ସରକାରୀ ଆୟୁର୍ବେଦ କଲେଜରେ ଓ ୪ଟି ସରକାରୀ ହୋମିଓପାଥିକ କଲେଜରେ ସିଟ୍ ସଂଖ୍ୟା ରାଜ୍ୟ ସରକାର ବୃଦ୍ଧି କଲେ ବହୁ ମେଧାବୀ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ।

**-ଡା. ତ୍ରୈଲୋକ୍ୟ ନାଥ ମହାରଣା, ବାଲୁଗାଁ, ଖୋର୍ଦ୍ଧା**

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
-(ବର୍ଷା-ଅଶ୍ରୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗୁରୁବନ୍ଦନ, ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ

**ଟିଟିଲାଗଡ, ୨୯।୮(ଡି.ଏନ.ଏ.):** ଭାରତ ବିକାଶ ପରିଷଦ ଟିଟିଲାଗଡ ଶାଖା ଆନୁକୂଲ୍ୟରେ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଗୁରୁବନ୍ଦନ ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ଼ ଛାୟାକାନ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବଣିକ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋୟଲ ମୁଖ୍ୟ ଅତିଥି, ଡାକ୍ତର ଘନଶ୍ୟାମ ଜୈନ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରମୋଦ କୁମାର ପାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ଉମେଶ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୧୦ଜଣ ମେଧାବୀ ଛାତ୍ରୀଛାତ୍ର ଏବଂ ପାଞ୍ଚଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠକ କିଶୋର ମହାପାତ୍ର, ରମେଶ ପର୍ଢ଼ିଆ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

**ଲୋଇସିଂହା,୨୯।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଆୟୋଜିତ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୫ରୁ ୩୫ ବର୍ଷ ବୟସର ଯୁବତୀ ଓ ଯୁବକ ଅଂଶଗ୍ରହଣ କରିଥିଲେ। ଜିଲା ପ୍ରଶାସନ ଏବଂ ଓରମାସ ଦ୍ୱାରା ଆୟୋଜିତ ନିଯୁକ୍ତିଭିତ୍ତିକ ଯୋଜନା ଅନ୍ତର୍ଗତ ପରାମର୍ଶ ଶିବିରରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମଧସ୍ମିତା ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ପରାମର୍ଶ ଶିବରର ସୁଯୋଗ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଶିବିରାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ଜିଲା ପ୍ରୋଗ୍ରାମ ସଂଯୋଜକ ମୁକେଶ ସିଂ, ଜିଲା ଉନ୍ନୟନ ସଂଯୋଜକ ସତ୍ୟବ୍ରତ ସିଂ।

### ଅବସରପ୍ରାପ୍ତ ପ୍ରାଧାପକଙ୍କୁ ଶ୍ରଦ୍ଧାଞ୍ଜଳି

**ଦେଓଗାଁ,୨୯।୮(ଡି.ଏନ.ଏ) :** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ କଲେଜର ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରାଧାପକ ଅଚ୍ୟୁତରାମ ମେହେରଙ୍କ ବିୟୋଗରେ କଲେଜରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭା ପ୍ରାରମ୍ଭରେ ସ୍ୱର୍ଗତ ମେହେରଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ପ୍ରାଧାପକ ବିମଳ କିଶୋର ସାହୁ, ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ରଞ୍ଜନ କୁମାର ପାଣିଗ୍ରାହୀ, ଦୁର୍ବାଦଳ ଘିଭେଲା, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମେହେରଙ୍କ ବିୟୋଗରେ ଏକ ଅପୂରଣୀୟ କ୍ଷତି ହେଲା ବୋଲି ମତବ୍ୟକ୍ତ କରିଥିଲେ।

### ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ପରଲୋକ

**ଅମରପାଲି,୨୯।୮(ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ବିଶ୍ୱାଳ(୧୦୨)ଙ୍କ ପରଲୋକ ହୋଇଯାଇଛି। ସେ ବାଗବର ସରପଞ୍ଚ ଦାୟିତ୍ୱ ସହ ଗଡ଼ତିଆ ଭାବେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ଗାଁର ରଥଯାତ୍ରା, ମାହେଶ୍ୱରୀ ପୂଜା ଓ ଅନ୍ୟାନ୍ୟ ଯାନିଯାତ୍ରାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ନିଜ ଗାଁ ବାଗବରସ୍ଥିତ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରାମ ବିଶାଳ ମୁଖାଗ୍ନି ଦେଇଥିଲେ।



### ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ

**ଅମରପାଲି,୨୯।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ସରପଞ୍ଚ ସୁନୀତା ପ୍ରଧାନ ପଞ୍ଚାୟତ ଅଧୀନ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ଏହି ଅବସରରେ ଜଟେସିଙ୍ଘା, କୁଡାପଡ଼ା ଓ କେଉଁଟିପାଲି କେନ୍ଦ୍ରରେ କର୍ମୀ ଓ ସହାୟିକାମାନେ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଗସ୍ତ ସମୟରେ ବିନୋବାନନ୍ଦ ପ୍ରଧାନ, ୱାର୍ଡସଭ୍ୟ ଭୀଷ୍ମ ବାଘ ପ୍ରମୁଖ ପରିଦର୍ଶନ କରିଛନ୍ତି।

# ପ୍ରତିଶ୍ରୁତି ଦେଲେ, ରଖିଲେନି

**ସୋନପୁର,୨୯।୮(ନି.ପ୍ର)**

- ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା
- ସ୍ୱାମୀଙ୍କ ମୃତ୍ୟୁର ୫୭ମାସ ପରେ ବି ସ୍ତ୍ରୀଙ୍କୁ ମିଳିନି ଚାକିରି
- ୩ଝିଅଙ୍କ ସହ ବିତୁଛି ଦୁର୍ବିଷହ ଜୀବନ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଅନ୍ତର୍ଗତ ଫୁଲମୁଠି ଗ୍ରାମର ଜୀବର୍ଦ୍ଧନ କର୍ଣ୍ଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁକୁ ୪ବର୍ଷ ୯ ମାସ ବିତିଗଲାଣି। ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା ଜୀବର୍ଦ୍ଧନଙ୍କ ସ୍ତ୍ରୀଙ୍କୁ ବିନିକା ଆଦର୍ଶ ବିଦ୍ୟାଳୟରେ ଚାକିରି ମିଳିବ। ହେଲେ ଅଦ୍ୟାବଧି ତାଙ୍କୁ ଚାକିରି ମିଳିଲା ନାହିଁ। ଏବେ ତିନି ଝିଅଙ୍କୁ ଧରି ବଡ କଷ୍ଟରେ ଜୀବନ ବିତାଉଛନ୍ତି ଜୟନ୍ତୀ।

ଫୁଲମୁଠି ଗ୍ରାମର ଜୀବର୍ଦ୍ଧନ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ବସରେ କଣ୍ଡକ୍ଟର କାମ ସାରି ୨୦୧୭ ଅକ୍ଟୋବର ୨୬ ରାତି ୯ଟାରେ ଘରକୁ ଫେରୁଥିଲେ। ବାଇକରେ ଜୀବର୍ଦ୍ଧନ ଘରକୁ ଆସୁଥିବା ବେଳେ ଗାଁ ସ୍କୁଲ ନିକଟରେ ହାତୀପଲ ହାବୁଡ଼ରେ ପଡିଥିଲେ। ହାତୀ ଆକ୍ରମଣରେ ତାଙ୍କର ଜୀବନ ଚାଲିଯାଇଥିଲା। ସକାଳେ ଗ୍ରାମବାସୀ ଜୀବର୍ଦ୍ଧନଙ୍କ ମୃତଦେହ ଧରି ସୋନପୁର-ବିନିକା ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା, ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା, ଆବାସ ଯୋଜନାରେ ଘର ସହ ପରିବାର ପ୍ରତିପୋଷଣ ପାଇଁ ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରିରେ ଥଇଥାନ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ଥିବା ପ୍ରଶାସନିକ ଅଧିକାରୀ ସମସ୍ତ ଦାବି ପୂରଣ ହେବ ବୋଲି କହିଥିଲେ। ବିନିକାରେ ଆଦର୍ଶ ବିଦ୍ୟାଳୟ ଖୋଲିଲେ ମୃତକଙ୍କ ସ୍ତ୍ରୀକୁ ଚାକିରି ମିଳିବ ବୋଲି ତତ୍କାଳୀନ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ବିନିକାରେ ଗତ ୩ବର୍ଷ ହେଲା ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ ହେଁ ଜୟନ୍ତୀଙ୍କୁ ଚାକିରି ମିଳିନାହିଁ। ଫଳରେ ବଡକଷ୍ଟରେ ୩ଝିଅ ଗାୟତ୍ରୀ(୧୫), ଧରିତ୍ରୀ(୧୨) ଓ ଅନନ୍ୟା(୭)ଙ୍କ ସହ ସେ ଜୀବନ ଅତିବାହିତ କରୁଛନ୍ତ। ୨୦୨୨ ମାର୍ଚ୍ଚରେ ସେ ବିଧାୟକ ପଦ୍ମନାଭ ବେହେରାଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ସମସ୍ୟାର ସମାଧାନ ପାଇଁ ବିଧାୟକ ବେହେରା ତୁରନ୍ତ ଜିଲାପାଳଙ୍କୁ ପତ୍ର ମାଧମରେ ଜଣାଇଥିଲେ। ହେଲେ ତାହା ପ୍ରଶାସନିକ ସ୍ତରରେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଇତ୍ୟବସରରେ ଜୟନ୍ତୀ ବିନିକା ବିଇଓ, ଜିଲା ଶିକ୍ଷା ଅଧିକାରୀ, ଉପଜିଲାପାଳ ଓ ଜିଲାପାଳଙ୍କୁ ଭେଟି ଗୁହାରି କରିଥିଲେ ମଧ ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ନିଜମୁଣ୍ଡରୁ ଦୋଷ ଛଡାଇବା ପାଇଁ ଏବିଇଓ ବସନ୍ତ ଭୋଇ ସ୍କୁଲରେ ଅଧ୍ୟୟନରତ ପ୍ରାୟ ୨୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ରାନ୍ଧିବା ପାଇଁ ଶନିବାର ଜୟନ୍ତୀଙ୍କୁ ସ୍କୁଲକୁ ଡକାଇଥିଲେ। ତେବେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ମାସିକ ୧୪୦୦ ଟଙ୍କାରେ ପରିବାର ଚଳାଇବା ଏବଂ ଗ୍ରାମଠାରୁ ଦୈନନ୍ଦିନ ୧୬କିମି ଯିବା ଆସିବା କରିବା କଷ୍ଟକର ବୋଲି ଜୟନ୍ତୀ ପ୍ରକାଶ କରିଛନ୍ତି। ସ୍କୁଲ ଅଧକ୍ଷ ସୌମ୍ୟ ରଞ୍ଜନ କ୍ଷେତିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ନୂତନ ଭାବେ ୨ଜଣ ଡି ଗ୍ରେଡ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କେବଳ ରାତ୍ର ଜଗୁଆଳି ପଦବୀ ଖାଲି ରହିଛି। ତେବେ ପ୍ରାକ୍ତନ ଉପଜିଲାପାଳଙ୍କ ପ୍ରତିଶ୍ରୁତି କେବେ ପୂରଣ ହେବ ଓ ଜୟନ୍ତୀଙ୍କ ମୁହଁରେ ହସ ଫୁଟିବ ତାହା ଅଞ୍ଚଳବାସୀ ଆପେକ୍ଷା କରି ରହିଛନ୍ତି।



ତିନି ଝିଅଙ୍କ ସହିତ ଜୟନ୍ତୀ।

# କ୍ରୀଡ଼ା ସଫଳତା ପାଇଁ ସ୍ୱପ୍ନ ଦେଖାଏ




ଅମରପାଲି ହାଇସ୍କୁଲରେ ଜାତୀୟ କ୍ରୀଡା ଦିବସ ପାଳନ ସଭାରେ ଅତିଥିମାନେ।

**ଅମରପାଲି, ୨୯।୮(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୀରମହାରାଜପୁର କଲେଜ ଓଡିଆ ବିଭାଗୀୟ ମୁଖ୍ୟ ପ୍ରକାଶ କୁମାର ସେଠ ମୁଖ୍ୟବକ୍ତା, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଜାତୀୟ କ୍ରୀଡା ଦିବସ ଓ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡା ସଫଳତା ପାଇଁ ପାଇଁ ସ୍ୱପ୍ନ ଦେଖାଏ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ୧୦୦ମିଟର ଦୌଡ, ୪୦୦ମିଟର ଦୌଡ, ଲମ୍ବଡିଆଁ, ବକ୍ତୃତା, ପିକ ଏଣ୍ଡଟକ, କୁଇଜ, କ୍ରୀଡା ଚିତ୍ରାଙ୍କନ ଆଦି ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କହ୍ନେଇ ଚରଣ ପ୍ରଧାନ, ସମ୍ପିତ ପ୍ରଧାନ ଓ ସମ୍ପିତ ପ୍ରଧାନ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଶ୍ୟାମ ସୁନ୍ଦର ସେଠୀ ସଭା ସଂଯୋଜନା କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଖଣ୍ଡହତା ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଅଖୋଜ କୁମାର ପ୍ରଧାନ ପତାକା ଉତ୍ତୋଳନ କରି ଜାତୀୟ କ୍ରୀଡା ଦିବସ ପାଳନ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏହି ଅବସରରେ ସ୍କୁଲର ଉଭୟ ବାଳିକା ଓ ବାଳକ ବର୍ଗର ନବମ ଓ ଦଶମ ଶ୍ରେଣୀ ମଧ୍ୟରେ କବାଡି ପ୍ରତିଯୋଗିତା ହୋଇଥିଲା। ବାଳକ ବର୍ଗରେ ଦଶମ ଶ୍ରେଣୀ, ବାଳିକା ବର୍ଗରେ ନବମ ଶ୍ରେଣୀ ବିଜୟୀ ହୋଇଥିଲା। କ୍ରୀଡା ଶିକ୍ଷକ ବ୍ରଜଗୋପାଳ ମହାପାତ୍ର ଓ ସନ୍ତୋଷ ରଥ ଖେଳ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠିତ ସଭାରେ ବିଜୟୀ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଅହିଂସା ରଥକୁ ଲୋଇସିଂହାରେ ବିପୁଳ ସମ୍ବର୍ଦ୍ଧନା



ଲୋଇସିଂହା କଲେଜ ଛକରେ ରଥକୁ ସ୍ୱାଗତ ଜଣାଇବା ଅବସରରେ ବିଧାୟକ ଏବଂ ଅନ୍ୟମାନେ।

**ଲୋଇସିଂହା, ୨୯।୮(ଡି.ଏନ.ଏ.)**

ସ୍ୱାଧୀନତାର ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ରୁ ଭୁବନେଶ୍ୱରରୁ ବାହାରିଥିବା ଅହିଂସା ରଥ ସୋମବାର ଲୋଇସିଂହାରେ ପହଞ୍ଚିଥିଲା। ଲୋଇସିଂହା କଲେଜ ଛକରେ ବିଧାୟକ ମୁକେଶ ମହାଲିଙ୍ଗ, ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା, ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ, କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ, ଲୋଇସିଂହା କଲେଜର ଛାତ୍ରୀଛାତ୍ର, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କଲେଜ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। କଲେଜ ପରିସରରେ ଓଡିଶାର ସ୍ମାରକୀ ବହନ କରୁଥିବା ଏହି ରଥ ଓଡିଶାର ବୀର ସଂଗ୍ରାମ ଓ ବଳିଦାନ ଉପରେ ଭିଡିଓ ବାର୍ତ୍ତାକୁ ପ୍ରଦର୍ଶିତ କରାଯାଇଥିଲା। ବିଶେଷ କରି ମହାତ୍ମା ଗାନ୍ଧୀଙ୍କ ଓଡିଶା ଗସ୍ତ ସମୟର ବାର୍ତ୍ତା ରହିଥିଲା। ଏଠାରେ କାର୍ଯ୍ୟକ୍ରମ ସରିବା ପରେ ରଥ ବୁର୍ଡା ଅଭିମୁଖେ ବହାରିଥିଲା। ବୁର୍ଡା ଏବଂ ବୁଢୀପଦର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ସୁଦୀପ କୁମାର ସା, ଲକ୍ଷ୍ମୀ ପଧାନ, କର୍ମଚାରୀ ଏବଂ ମହିଳା ଗୋଷ୍ଠୀ ସ୍ୱାଗତ ଜଣାଇଥିଲେ। ଲୋଇସିଂହା ବ୍ଲକ କାର୍ଯ୍ୟକ୍ରମ ସରିବା ପରେ ରଥ ଆଗଲପୁର ଅଭିମୁଖେ ଯାଇଥିଲା। ଆଗଲପୁର ବ୍ଲକ ପ୍ରଶାସନ ପକ୍ଷରୁ ରାମପୁରଠାରେ ରଥକୁ ସ୍ୱାଗତ ଜଣାଇ ବ୍ଲକ ମୁଖ୍ୟାଳୟ ଡୁଡୁକାକୁ ପାଛୋଟି ନିଆଯାଇଥିଲା। ଅହିଂସା ରଥ ରାଜ୍ୟ ସଂଯୋଜକ ଏବଂ ଜିଲା ସଂସ୍କୃତି ଅଧିକାରୀ ରଶିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଲୋଇସିଂହା ଓ ଆଗଲପୁର ବ୍ଲକରେ ରଥ ପରିକ୍ରମା କରୁଛି।

# ଲାଞ୍ଜିଗଡ଼ ପ୍ରେସ୍ କ୍ଲବର ବୈଠକ

**ଲାଞ୍ଜିଗଡ଼,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଓ ଅଗ୍ରଣୀ ସାମ୍ବାଦିକ ସଙ୍ଗଠନ ଲାଞ୍ଜିଗଡ ପ୍ରେସ କ୍ଲବର ଏକ ବୈଠକ ଲାଞ୍ଜିଗଡଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି କୈଳାସ ସାହୁଙ୍କ ଅଧକ୍ଷତାରେ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ତଥା ଶାସନ ପ୍ରଶାସନ ମଧ୍ୟରେ ଯୋଗସୂତ୍ର ପାଲଟି ଅଞ୍ଚଳର ବିକାଶ ଦିଗରେ ପ୍ରେସ କ୍ଲବର ଭାଗିଦାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲାଞ୍ଜିଗଡ଼ ପ୍ରେସ କ୍ଲବର ଦଶମ ପ୍ରତିଷ୍ଠା ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କ୍ଲବର ବିଭିନ୍ନ ବୈଠକ ଓ କାର୍ଯ୍ୟକ୍ରମରେ ଦୀର୍ଘ ଦିନ ଧରି ସକ୍ରିୟ ଭାବେ ଯୋଗଦେଉ ନ ଥିବା ବି. ତ୍ରିପତି ପାତ୍ରଙ୍କ ସଦସ୍ୟତା ରଦ୍ଦ ପ୍ରସ୍ତାବ ଆଗତ କରାଯାଇ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସେହିପରି କ୍ଲବର ନୂତନ ଉପସଭାପତି ଭାବେ ସାମ୍ବାଦିକ କ୍ଷମାନିଧି ମହାକୁଡଙ୍କୁ ମନୋନୀତ କରାଯାଇଥିଲା। ପ୍ରେସ କ୍ଲବ ସମସ୍ତ ସଦସ୍ୟ ତାଙ୍କୁ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ। ଏଥିରେ ପ୍ରେସ କ୍ଲବ ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସକ୍ରିୟ ସଦସ୍ୟ ଏମ. ଚନ୍ଦ୍ରଶେଖର, ରମେଶ ଚନ୍ଦ୍ର ନାୟକ, କୋଦଣ୍ଡଧର ପ୍ରଧାନ, ଧର୍ମେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏମ. ଚନ୍ଦ୍ରଶେଖର ଧନ୍ୟବାଦ ଅର୍ପଣ କରିଥିଲେ।

# କାଉଡୋଲା ପଞ୍ଚାୟତରେ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଜଣେ ମହିଳା ନିଜର ଅଭିଯୋଗ ଜଣାଉଛନ୍ତି।

**କୋକସରା,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର କାଉଡୋଲା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ମନୀଷା ଦାସ, ତହସିଲଦାର ରାକେଶ ପାରୁଆ, ସରପଞ୍ଚ ଦେବୀସିଂ ତାଣ୍ଡି, ସମିତି ସଭ୍ୟା ବୈଦେହୀ ବେଶ୍ରା, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ବିଆରସିସି ତୋଫାନ ମାଝି, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ନାଏବ ସରପଞ୍ଚ ଜୟନ୍ତି ବେଶ୍ରା ଉପସ୍ଥିତ ରହି ପଞ୍ଚାୟତର ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ସହ ଆଗକୁ ତାହାର ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି। ଶିବିରରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟକ ହିତାଧିକାରୀମାନେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ପିଡିଏସ ସାମଗ୍ରୀ ସହିତ ଅନ୍ୟାନ୍ୟ ଅଭିଯୋଗ ଓ ଆବେଦନ କରିଛନ୍ତି। କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋହିତ ଠାକୁର, ଯୋଗାଣ ସହାୟକ ବିକ୍ରମ ସାହୁ, ଗ୍ରାମ ରୋଜଗାର ସେବକ ଦୁର୍ଯ୍ୟୋଧନ ଦାସ ଓ କର୍ମଚାରୀ ସହଯୋଗ କରିଥିଲେ।

# ବିଜେଡି ପ୍ରତିଷ୍ଠାର ୨୫ବର୍ଷ ପୂର୍ତ୍ତିରେ ଚାରାରୋପଣ

**ଲୋଇସିଂହା, ୨୯।୮(ଡି.ଏନ.ଏ)**

ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିଜୁ ମହିଳା, ଯୁବ ଛାତ୍ର ଜନତା ଦଳ ତରଫରୁ ସୋମବାର କୁଶଙ୍ଗ ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ବିଜେଡି ବ୍ଲକ ସଭାପତି ହୃଦାନନ୍ଦ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ପରମେଶ୍ୱର ସିଂ ଅଧକ୍ଷତା କରିଥିଲେ। ଯୁବନେତା ନିହାର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ଲୋଇସିଂହା ପଞ୍ଚାୟତ ସମିତି ଅଧକ୍ଷ ଯତୀନ ପଟେଲ, କୈଳାସ ବରିହା, ସରଗଡ଼ ସରପଞ୍ଚ ସରୋଜ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କଲେଜର ବିଭିନ୍ନ ସମସ୍ୟା ଉପରେ ଛାତ୍ରୀଛାତ୍ରମାନେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ୨୯ ଦିନ ପରେ ସ୍କୁଲ ଗଲେ ଛାତ୍ରୀଛାତ୍ର

**ଶିକ୍ଷକଙ୍କ ଦ୍ୱାରା ଦୁର୍ନୀତି ଅଭିଯୋଗ ଘଟଣା**

- ବ୍ଲକ ଅଧକ୍ଷା ବାଣ୍ଟିଲେ ପୋଷାକ

**କର୍ଲାମୁଣ୍ଡା,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ଦାଣ୍ଡିଭଜା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବ୍ୟାପକ ଦୁର୍ନୀତି ଅଭିଯୋଗ ଘଟଣାର ୨୯ ଦିନ ପରେ ସୋମବାର ଛାତ୍ରୀଛାତ୍ରମାନେ ଅଧ୍ୟୟନ ପାଇଁ ଆସିଥିବା ଦେଖିବାକୁ ମିଳିଛି। ଗତ ଶନିବାର ବ୍ଲକ ଅଧକ୍ଷା କୁନି ସାହୁ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବିଇଓ ତପିମଣି ଜାନୀ, ସରପଞ୍ଚ ଦୀପ୍ତି ମୟୀ ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସମେତ ଅନ୍ୟମାନେ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଅଭିଭାବକମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ପରେ ପିଲାଙ୍କୁ ସ୍କୁଲ ଛାଡିବାକୁ ଅଭିଭାବକମାନେ ରାଜି ହୋଇଥିଲେ। ସୋମବାର ବ୍ଲକ ଅଧକ୍ଷା କୁନି ସାହୁ ଦାଣ୍ଡିଭଜା ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରିବା ସହ ନୂତନ ପୋଷାକ ମଧ ବଣ୍ଟନ କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଦୀପ୍ତି ରାଣୀ ସାହୁ, ଏବିଇଓ ସହଦେ ସୁନା, ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୁଭକେଶୀ କୁମାର ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ପକ୍ଷରୁ ଅତିଥି ଓ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ ଅଧକ୍ଷ୍ୟାଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହେଲା ବୋଲି ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ତତ୍କାଳୀନ ପ୍ରଧାନ ଶିକ୍ଷକ ସରକାରୀ ଅନୁଦାନ ଓ ଏମ୍‌ଡିଏମ୍ ଅର୍ଥ ହଡପ କରିବା ଅଭିଯୋଗ କରିବା ସହ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ ଓ ଅର୍ଥ ରିକୋଭରି ଦାବି କରି ଗତ ୧ ତାରିଖରୁ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡି ନ ଥିଲେ। ତତ୍କାଳୀନ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯିବା ପରେ ମଧ ପିଲାଙ୍କୁ ବିଦ୍ୟାଳୟକୁ ଛାଡି ନ ଥିଲେ ଗ୍ରାମବାସୀ। ଶିକ୍ଷା ବିଭାଗର ବହୁ ଚେଷ୍ଟା ପରେ ବି କୌଣସି ସମାଧାନ ହେଇ ପାରି ନ ଥିଲା।



ସ୍କୁଲରେ ପିଲାମାନେ ପାଠପଢୁଛନ୍ତି।

## ସଂକ୍ଷେପରେ

### ହୀରାକୁଦରେ ଜାତୀୟ ସମୂହ ଗାନ ପ୍ରତିଯୋଗିତା

**ସମ୍ବଲପୁର,୨୯।୮(ବ୍ୟୁରୋ):** ଜାତୀୟ ସମୂହ ଗାନ ସଂଗୀତ ଓ କୁଇଜ୍ ପ୍ରତିଯୋଗିତା ସମ୍ବଲପୁର ଜିଲା ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ହୀରକୁଦ ହଣ୍ଡାଲ୍‌କୋ ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସମ୍ମାନିତ ଅତିଥି, ପ୍ରାନ୍ତିୟ ନିରୀକ୍ଷକ ଭାବେ ବୁର୍ଲା ଶାଖାର ସଭାପତି ରାଜକୁମାର ଶର୍ମା, ପ୍ରାନ୍ତିୟ ଅର୍ଥ ସଚିବ ଅବନୀ କୁମାର ପାଣିଗ୍ରାହୀ, ଶାଖା ସଭାପତି ଇଂ ବ୍ରହ୍ମାନନ୍ଦ ସାହୁ, ସମ୍ପାଦକ ପ୍ରଫୁଲ୍ଲ ଭୋଇ ମଞ୍ଚାସୀନ ଥିଲେ। ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଧୁଶ୍ୱେତା ହୋତା, ସଞ୍ଜୁ ସାହୁ ଓ ରାଜେନ୍ଦ୍ର କୁମାର ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ହିମାଂଶୁ ହୋତା, ଅନୁପ କୁମାର ସାହୁ, ପ୍ରଭାକର ନାଏକ, ରମେଶ ଚନ୍ଦ୍ର ଦେବର୍ତ୍ତି, ଟିଙ୍କଲ ପ୍ରିୟଦର୍ଶିନୀ ସାହୁ ସହଯୋଗ କରିଥିଲେ।

### କୁଟୁରାଚୁଆଁ ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର



**କୁଚିଣ୍ଡା,୨୯।୮(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ହାଇସ୍କୁଲଠାରେ ସୋମବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲପଙ୍ଗା ଆଦିତ୍ୟ ଆଲୁମିନିୟମ, ହୀରାକୁଦ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ହୋଇଥିବା ଶିବିରକୁ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ସରପଞ୍ଚ ପଦ୍ମାବତୀ କିଷାନ ଉଦ୍‌ଘାଟନ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ, ସିଏସ୍‌ଆର ଆସିଷ୍ଟାଣ୍ଟ ମ୍ୟାନେଜର ମନୋରଞ୍ଜନ ବେହେରାଙ୍କ ସମେତ ଆଦିତ୍ୟ ଆଲୁମିନିୟମ ସିଏସ୍‌ଆର୍ ଓ ହୀରାକୁଦ ସିଏସ୍‌ଆର୍ ଟିମ୍ ଏଥିରେ ଯୋଗଦେଇଥିଲେ। ଶିବିରରେ କୁଟୁରାଚୁଆଁ ଓ କୁଲେଇଗଡ ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଡିଓ ନିରଞ୍ଜନ ସା କୁଚିଣ୍ଡାଠାରେ ହୋଇଥିବା ଅଭିଯୋଗ ଶୁଣାଣି ପରେ ଏହି ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଡା. ରାମନାରାୟଣ ସାହୁ, ଡା.ଅର୍ପିତା ପଟେଲ, ତ୍ରିଲୋଚନ ନେତ୍ରାଳୟର ଡା. ସ୍ୱପ୍ନିକା କାୟାକର, ଡା. ମାୟାଦର ସାହୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କ ଦ୍ୱାରା ପୁଷ୍ଟିକର ଖାଦ୍ୟ, ପନିପରିବା, ଫଳ ଏବଂ ବିଭିନ୍ନ ରୋଷେଇ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ପୋଷଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ଥିଲା। ଗ୍ରାମାଞ୍ଚଳରେ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ବିଡିଓ ସା କହିଛନ୍ତି।

### ବଳାରଙ୍ଗା ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ସମ୍ବଲପୁର,୨୯।୮(ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସ୍ଥିତ ବଳାରଙ୍ଗା ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ଆଥ୍‌ଲେଟିକ କ୍ଲବ ଅଧକ୍ଷ ସୁନ୍ଦରମଣୀ ବାରିକ ମୁଖ୍ୟଅତିଥି ଓ କ୍ରୀଡାବିତ ଝିଲି ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗତ ତିନିଦିନ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଦୀପାଲି ଚୌଧୁରୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଶିକ୍ଷକ ଗଙ୍ଗାଧର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଦିଲୀପ ସାହୁ, ବି. ପୋଡ଼ ପରିଚାଳନାରେ ସହଯୋଗ କରିଥିଲେ। ମୀନା ସାହୁ, ଜ୍ୟୋତି ରାଉତ, ସ୍ୱାଗତିକା ପଣ୍ଡା, ପୂର୍ଣ୍ଣିମା ଭୋଇ ସହଯୋଗ କରିଥିଲେ।

# ବିଡିଓଙ୍କୁ ଦାବିପତ୍ର, ରାସ୍ତାରୋକୋ ଚେତାବନୀ

## ପାନୀୟଜଳରୁ ବଞ୍ଚିତ ହୁମା ଗ୍ରାମବାସୀ

**ସମ୍ବଲପୁର,୨୯।୮(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ମହାନଦୀ ତଟ ହୁମା ଗ୍ରାମବାସୀ ୧୫ଦିନ ହେଲା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେମାନେ ସୋମବାର ବିଡିଓ ଅଜୟ ତିୱାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହାସହ ୨ଦିନ ଭିତରେ ସମାଧାନ ନ ହେଲେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଡିଓ ତିୱାରୀ ଦାୟିତ୍ୱରେ ଥିବା ଜେଇଙ୍କ ସହ ଆଲୋଚନା କରି ଶୀଘ୍ର ସମସ୍ୟା ସମାଧାନ କରିବାକୁ ତାଗିଦ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ହୁମା ଗ୍ରାମବାସୀଙ୍କୁ ପ୍ରକଳ୍ପ ଜରିଆରେ ପାଣି ଯୋଗାଇ ଦିଆଯାଇଥିଲା। ଏଥିପାଇଁ ପରିବାର



ବିଡିଓଙ୍କ ସହ ଆଲୋଚନା କରୁଛନ୍ତି ହୁମା ଗ୍ରାମବାସୀ।

ପିଛା ୧ ହଜାର ଟଙ୍କା ଜମା ରାଶି ଓ ପ୍ରତି ମାସରେ ଟଙ୍କା ଦିଆଯାଇଛି। ହେଲେ ୧୫ଦିନ ହେଲା ପାଣି ଯୋଗାଣ ବନ୍ଦ ହୋଇଯାଇଛି। ମହାନଦୀ ପାଣି ଏବେ ଗୋଳିଆ ରହିଛି। ବନ୍ଦ ନାଳରେ ପାଣି ମଧ୍ୟ ବ୍ୟବହାର ଅନୁପଯୋଗୀ। ଏଭଳି ପରିସ୍ଥିତିରେ ଲୋକମାନେ କେଉଁ ପାଣି ବ୍ୟବହାର କରିବେ ଦ୍ୱନ୍ଦ୍ୱରେ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଜଣା ରୋଗ ହେବା ଭୟ ମଧ୍ୟ ରହୁଛି। ମହାନଦୀ ତଟ ଗ୍ରାମ ହୋଇ ଲୋକମାନେ ପାଣି ପାଇଁ ସମସ୍ୟା ଭୋଗୁଛନ୍ତି। ଅଭିଯୋଗ କଲେ ବିଦ୍ୟୁତ୍ ବିଭାଗକୁ ଦାୟୀ କରୁଛନ୍ତି ପଞ୍ଚାତୟର ଅଧିକାରୀମାନେ। ପଞ୍ଚାତୟ ଅଫିସରେ କେହି ନ ଶୁଣିବା ପରେ ବ୍ଲକ ଅଫିସକୁ ଆସିଛୁ। ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି ।

# ୧୧୯ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**କୁଚିଣ୍ଡା,୨୯।୮(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ପ୍ରଥମେ କୁଚିଣ୍ଡା ଏନ୍‌ଏସିରେ ଏଗ୍ରିମଲ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ସାର୍ବଜନୀନ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଏହାପରେ ଜିଲାପାଳ ଦାସ ଅଭିଯୋଗ ଶୁଣାଣି ଆରମ୍ଭ କରିଥିଲେ। ଏଥିରେ ଏସ୍‌ପି ବାତୁଲା ଗଙ୍ଗାଧର, ଉପଜିଲାପାଳ ଆଦିତ୍ୟ ଗୋୟଲ, ପିଡି ଦିଲୀପ କୁମାର ବଳ, ବିଡିଓ ନିରଞ୍ଜନ ସା, ତସିଲଦାର ପ୍ରତିମା ପିଙ୍ଗ, ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୧୧୯ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ୧୦୭ଟି ବ୍ୟକ୍ତିଗତ ଓ ୧୨ଗୋଟି ଅଭିଯୋଗ ଗୋଷ୍ଠୀଗତ ରହିଥିଲା। ଏହି ଅବସରରେ ୫ଜଣଙ୍କୁ ବସୁନ୍ଧରା ଜମିପଟ୍ଟା, ୬ଜଣଙ୍କୁ ନୂତନ ଭତ୍ତା, ୪ଜଣଙ୍କୁ ହ୍ୱିଲ ଚେୟାର, ୨ଜଣଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ୪ଗୋଟି ଉତ୍ପାଦିକା ଗୋଷ୍ଠୀକୁ ୨ଲକ୍ଷ ୪ ହଜାର ଟଙ୍କା ଲେଖାଏଁ ସହାୟତା ବ୍ୟାଙ୍କ ଚେକ୍ ବ୍ଲକ ଅଧକ୍ଷ କିଷାନ ପ୍ରଦାନ କରିଥିଲେ। ଧିପରେ ଜିଲାପାଳ କୁଚିଣ୍ଡାଠାରେ ହେବାକୁ ଥିବା ସରକାରୀ ଆଇଟିଆଇ ପାଇଁ ପ୍ରସ୍ତାବିତ ଜମି ପରିଦର୍ଶନ କରିଥିଲେ। ପରେ କୁସୁମୀ ପଞ୍ଚାୟତକୁ ଯାଇ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ଜିଲାପାଳ ସିକଲପୋଷି ଗ୍ରାମର ସରକାରୀ ବିଦ୍ୟାଳୟ, କୁଟୁରାଚୁଆଁ ଗ୍ରାମର ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ଗୋୟଲ ଉପସ୍ଥିତ ରହିଥିବା ବେଳେ ଏବିଡିଓ ସହଦେବ ନନ୍ଦ, ମୁଖ୍ୟ କିରାଣି ତରୁଣ ବିଶ୍ୱାଳ, ଓଡିଶା ଜୀବିକା ମିଶନର ବିପିଏମ୍ ଟିପେନ୍‌ସନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଦୁଗ୍ଧ ସମବାୟ ସମିତିର ଗଣଧାରଣା

**କୁଚିଣ୍ଡା,୨୯।୮(ଡି.ଏନ.ଏ.)**

ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତର ଗୌଡପାଲି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ରରେ ସ୍ଥାୟୀ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଦାବିରେ ସୋମବାର ଚାଷୀମାନେ ଗଣଧାରଣା ଦେଇଥିଲେ। ଏଠାରେ ଅବସ୍ଥାପିତ ପ୍ରାଣୀଧନ ନିରୀକ୍ଷକ ବିଶ୍ୱଜିତ କୁଅଁରଙ୍କ ପଦୋନ୍ନତି ହେବାରୁ ଦୀର୍ଘ ୬ମାସ ଧରି ଏହି ପଦବୀ ଖାଲି ରହିଛି। ଫଳରେ ଗୋପାଳକ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଦୁଗ୍ଧ ସମବାୟ ସମିତି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସମିତିର ପୂର୍ବତନ ସଭାପତି ବସନ୍ତ କୁମାର କଉଡିଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଭ୍ୟମାନେ ଧାରଣାରେ ବସିଥିଲେ।

ମୁଣ୍ଡେନପାଲି ପ୍ରାଣୀଧନ ନିରୀକ୍ଷକଙ୍କୁ ଗୌଡପାଲି ଓ ବଡରମା ଦାୟିତ୍ୱ ଦିଆଯାଇଥିବା ବେଳେ ସେ ୩ଟି କେନ୍ଦ୍ରର ଦାୟିତ୍ୱ ଭଲଭାବେ ନିର୍ବାହ କରିପାରୁ ନାହାନ୍ତି। ଆନ୍ଦୋଳନରେ ସମିତି ସଭାପତି



ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀମାନେ।

## ସ୍ଥାୟୀ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଦାବି

କିଶୋର ମେହେର, ଉପସଭାପତି ପ୍ରକାଶ ପଧାନ, କୁଲୁଣ୍ଡି ପଞ୍ଚାୟତ ନାଏବ ସରପଞ୍ଚ ସୁମନ୍ତ ଗଡତିଆ, ପ୍ରସନ୍ନ ପ୍ରଧାନ, ଧର୍ମୁ ଗଡତିଆ, ଗିଜିନ୍ଦ୍ର ସାଲିମା, ସୁଦାମ ଚରଣ ପ୍ରଧାନ, ମହେନ୍ଦ୍ର ମେହେର, ସୁବାସ ସିଂ,ରାଜୀବ ଭୋଇ,ପ୍ରଶାନ୍ତ ସାହୁ, ଅର୍ଜୁନ ପଧାନ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ଣରେ ଜମନକିରା ବିଡିଓ ଟୁନୁ ମେହେର, ତହସିଲଦାର ସୌମ୍ୟରୂପା ରଥ, ବ୍ଲକ ପ୍ରାଣୀ ଚିକିତ୍ସକ ଶିଶିର ଲେଙ୍କା, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅଧିକାର ରଞ୍ଜନ ଷଡଙ୍ଗୀ, ଗୌଡପାଲି ଫାଣ୍ଡି ଅଧିକାରୀ ସୁଧିର କୁମାର ମହାକୁଲ ପ୍ରମୁଖ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ ନିଜ ଜିଦରେ ଅଟଳ ରହିବାରୁ ତହସିଲଦାର ରଥ ସମ୍ବଲପୁର ଏଡିଏମ୍‌ଙ୍କ ସହ କଥା ହୋଇ ଆସନ୍ତା ୪ତାରିଖରେ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କ ସହ ଏବାବଦରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ୧୪୧ ଅଭିଯୋଗ ପଞ୍ଜୀକୃତ

**ନାକଟିଦେଉଳ,୨୯।୮(ଡି.ଏନ୍.ଏ.)**

ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର କିସିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଯାଇଛି। ଏଥିରେ ସମୁଦାୟ ୧୪୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୩୪ ବ୍ୟକ୍ତିଗତ ଓ ୭ ସାମୂହିକ ଥିଲା। ଆବାସ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା, ରାଶନ କାର୍ଡ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ସମସ୍ୟା ନେଇ ଅଭିଯୋଗ ରହିଥିଲା। ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ଏବିଡିଓ ବିଦ୍ୟାଧର ରାଉତରାୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ଜଙ୍ଗଲଜମି ପଟ୍ଟା ଯୋଜନାରେ ୧୫ଜଣ, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ୧୫ଜଣ, ହୁଇଲ ଚେୟାର ୨ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। କିସିଣ୍ଡା, ପାଣିମୁରା, ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ବ୍ଲକ ଯୋଗାଣ ନିରୀକ୍ଷକ ତନୁରଞ୍ଜନ, କିସିଣ୍ଡା ସରପଞ୍ଚ ରୀନା ନାଏକ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ, ପାଣିମୁରା ସରପଞ୍ଚ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାଯାଉଛି।

# ହାଇସ୍କୁଲରେ ଛାତ୍ରୀଙ୍କ ପ୍ରତିଭା ସମ୍ମାନ

**କୁଚିଣ୍ଡା,୨୯।୮(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ହାଇସ୍କୁଲରେ ସୋମବାର ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଗତ ମାଟ୍ରିକ ପରୀକ୍ଷାରେ ହାଇସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ବିକାଶ ଅଭିଯାନ ସଭାପତି ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ.ବିହାରୀ ଲାଲ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଭା ବିକାଶ ଏବେ ଅଞ୍ଚଳର ଜନ ଆନ୍ଦୋଳନରେ ପରିଣତ ହୋଇଥିବା କହିଥିଲେ। ଶିକ୍ଷକ ପ୍ରତାପ କୁମାର ପୁରୋହିତ ସଭା ପରିଚାଳନା ଓ ଶିକ୍ଷକ ଶ୍ୟାମଳ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଛାତ୍ରୀ ଅନୁସା ତାଣ୍ଡିଆ, ପୁନମ ସାହୁ ଓ ରତନା ଭଞ୍ଜଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ସମ୍ବଲପୁର,୨୯।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ବିଦ୍ୟାମନ୍ଦିରରେ ସୋମବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଲାମାନେ ଗଣିତ ଓ ବିଜ୍ଞାନ ପ୍ରଶ୍ନମଞ୍ଚ, ପତ୍ର ବାଚକ, ଭିଭିନ୍ନ ପ୍ରୟୋଗ ପ୍ରକଳ୍ପ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚରେ ଭାଗ ନେଇଥିଲେ। ବିଦ୍ୟାଳୟ ପ୍ରଧାନ ଅଚାର୍ଯ୍ୟ ତଥା ସଙ୍କୁଳ ଦିଲୀପ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ପ୍ରାଧ୍ୟାପକ ଦେବେନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଓ ପାର୍ଥ ସାରଥି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଗ୍ରନ୍ଥାଗାରିକ ପଦବୀ ପୂରଣ ନେଇ ଦାବିପତ୍ର



ବିରୋଧୀ ଦଳ ନେତାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସମ୍ବଲପୁର,୨୯।୮(ବ୍ୟୁରୋ)**

ସଂପ୍ରତି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଗ୍ରନ୍ଥାଗାରିକ ପଦବୀ ଖାଲି ପଡିଛି। ରାଜ୍ୟରେ ଥିବା ସାର୍ବଜନୀନ ଗ୍ରନ୍ଥାଗାରଗୁଡିକରେ ମଧ ଅନୁରୂପ ସମସ୍ୟା ଲାଗିରହିଛି। ଏହିସବୁ ପଦବୀ ପୂରଣ ପାଇଁ ସୋମବାର ପାଠାଗାର ଓ ସୂଚନା ବିଜ୍ଞାନର ଛାତ୍ରୀଛାତ୍ର ସମ୍ବଲପୁରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହି ମର୍ମରେ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଭବାନୀଶଙ୍କର ରାଉତ, ମଟିନ ସାହୁ, ଏ. ହୋତା, ଅନନ୍ତ କୁମ୍ଭାର, ଆଶିଷ ନାଏକ ପ୍ରମୁଖ ସାମିଲ ଥିଲେ।

# ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ସମ୍ବଲପୁର ୨୯।୮ (ବ୍ୟୁରୋ)**

ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲଠାରେ ସୋମବାର କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ପୂର୍ବତନ ବିଧାୟିକା ତଥା ଆସୋସିଏଶନ ପରାମର୍ଶଦାତା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଜିଲାର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତାବର୍ଷର ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଶେଷ ହୋଇଥିବା କୁହାଯାଇଥିଲା।

# କିନ୍ନରଙ୍କୁ ମାନସିକ ଚାପମୁକ୍ତ, ରୋଜଗାରକ୍ଷମ ଲକ୍ଷ୍ୟ

**ସମ୍ବଲପୁର,୨୯।୮(ବ୍ୟୁରୋ)**

ସମ୍ବଲପୁର ଇନରହୁଇଲ କ୍ଲବ ହ୍ୟାଣ୍ଡଲୁମ ସିଟି ପକ୍ଷରୁ କିନ୍ନରମାନଙ୍କୁ ନେଇ ଏକ ଅଭିନବ ପ୍ରୟାସ କରାଯାଇଛି। ସେମାନଙ୍କୁ ମାନସିକ ଚାପ ମୁକ୍ତ କରି ମୁଖ୍ୟ ସୋତ୍ରରେ ସାମିଲ କରିବା ସହ ରୋଜଗାରକ୍ଷମ କରିବା ଲକ୍ଷ୍ୟ ନେଇ ଅନୁଷ୍ଠାନ ପକ୍ଷରୁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର କିନ୍ନରମାନେ ଯୋଗ ଦେଇଥିଲେ। ଗୀତ, ନାଚ ଭଳି ମନରୋଞ୍ଜନ କାର୍ଯ୍ୟକ୍ରମ ସହ ବିଭିନ୍ନ ସଚେତନତା ଧର୍ମି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ କିନ୍ନରଙ୍କୁ ସମ୍ମାନିତ କରି ଉତ୍ସାହିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶୋଭାଗିନି ପଟେଲ, ସମ୍ପାଦକ ମମତା ବାରିକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଭାପତି ପଟେଲ କହିଛନ୍ତି, କିନ୍ନରମାନେ ଅବହେଳିତ ହୋଇ ରହିଛନ୍ତି। ଶିକ୍ଷିତ ହେଲେ ମଧ ଚାକିରି କିମ୍ବା ରୋଜଗାରକ୍ଷମ ହୋଇ ପାରୁନାହାନ୍ତି। ପେଟପାଟଣା ପାଇଁ ବିଭିନ୍ନ ଟୋଲଗେଟ, ରାସ୍ତା କଡ, ଭିଡ ସ୍ଥାନକୁ ଯାଇ ଭିକ୍ଷା ବୃତ୍ତି କରୁଛନ୍ତି। ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଯଥାସମ୍ଭବ ସହଯୋଗ କରାଯିବ। ସେମାନେ ଯେଭଳି ସରକାରୀ ଯୋଜନାର ଲାଭ ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।




ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ କିନ୍ନରମାନେ ।

# ଖଣି ଖନନ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

**ଝାରସୁଗୁଡ଼ା ଅଫିସ,୨୯।୮**

ନେଭେଲି ଲିଗଲାଇଟ୍ କର୍ପୋରେଶନ (ଏନ୍‌ଏଲ୍‌ସି)କୁ ଝାରସୁଗୁଡା ଜିଲା ମଳଦା ପଞ୍ଚାୟତରେ କୋଲ୍‌ବ୍ଲକ୍ ମିଳିଥିବାବେଳେ ଏବେ କମ୍ପାନୀ ତରଫରୁ କୋଇଲା ଖଣି ଖନନ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ପଞ୍ଚାୟତବାସୀ ବିରୋଧ କରିଆସୁଛନ୍ତି। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି କମ୍ପାନୀ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି।

ଜିଲା ପ୍ରଶାସନ ଆହ୍ୱାନକ୍ରମେ ଉପଜିଲାପାଳ ଦୟାମୟ ପାଢୀଙ୍କ ଅଧ୍ୟକ୍ଷତାରେ ମଳଦା ଗ୍ରାମରେ ସୋମବାର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ପାଢୀ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ବସନ୍ତ କୁମାର ହାତୀ ଓ ଏନ୍‌ଏଲ୍‌ସି କମ୍ପାନୀ ତରଫରୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ହେମନ୍ତ କୁମାର, ଜମି ଅଧିଗ୍ରହଣ ଅଧିକାରୀ ପି ମହେଶ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ସରପଞ୍ଚ ରିଙ୍କି ସିଂହ, ନରେନ୍ଦ୍ର ସିଂହ, ପ୍ରମୋଦ କୁମାର ସାହୁ, ପ୍ରଦୀପ କୁମାର ସିଂହ ପ୍ରମୁଖ



ବୈଠକରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ।

- ପ୍ରଶାସନ ହସ୍ତକ୍ଷେପରେ ତ୍ରିପାକ୍ଷିକ ବୈଠକ
- ଏକର ପ୍ରତି କୋଟିଏ ଟଙ୍କା ଦାବି କଲେ ଗ୍ରାମବାସୀ

ଉପସ୍ଥିତ ଥିଲେ। ପ୍ରାରମ୍ଭରେ କମ୍ପାନୀ ଜମି ଅଧିଗ୍ରହଣ ନେଇ ଉପଜିଲାପାଳ ପାଢୀ ଉପସ୍ଥିତ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ସେ କହିଥିଲେ କମ୍ପାନୀ କୋଲ୍‌ବିଅରିଂ(ସିବି) ଆକ୍ଟ ଜରିଆରେ ଜମି ଅଧିଗ୍ରହଣ କରିବା ପାଇଁ ଯାଉଛି। ଏହି ଆଇନ ଅନୁଯାୟୀ କମ୍ପାନୀ ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇଦେବ। ଏହାକୁ ଗ୍ରାମବାସୀ ଅଗ୍ରାହ୍ୟକରି ୧୮ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମଳଦା ଗ୍ରାମରେ ଅଧିକାଂଶ ଆଦିବାସୀ, ଦଳିତ ଶ୍ରେଣୀ ଲୋକେ ବାସବାସ କରୁଛନ୍ତି। ଏମାନଙ୍କ ମଧ୍ୟରେ ଭୂମିହୀନ, କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ରହିଛନ୍ତି। ଏଠାରେ କୋଇଲା ଖଣି ଖନନ ହେଲେ ଲୋକେ ଜୀବିକା ହରାଇବେ । ଏଣୁ ଗ୍ରାମର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ, ସ୍ଥାୟୀ ନିଯୁକ୍ତି ଓ ଥଇଥାନ ଆଦି ପ୍ରଦାନ, ପ୍ରତ୍ୟେକ ପରିବାରକୁ ମାଗଣାରେ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ପ୍ରତି ଏକର ଜମିର କ୍ଷତିପୂରଣ ମୂଲ୍ୟ ୧କୋଟି ଟଙ୍କା ପ୍ରଦାନ, ଚାକିରି ଅନାଗ୍ରହ ଲୋକଙ୍କୁ ୫୦ଲକ୍ଷ ଟଙ୍କା ଅର୍ଥିକ ସହାୟତା ଦିଆଯାଉ। ଜିଲା ପ୍ରଶାସନ ବୈଠକ ଡକାଇ ଗ୍ରାମବାସୀଙ୍କ ଦାବି ସମୂହକୁ ବିଚାରକରି କମ୍ପାନୀ, ଗ୍ରାମବାସୀ ଓ ଜିଲା ପ୍ରଶାସନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସବୁ ଦାବି ପୂରଣ ନ ହେଲେ ଗ୍ରାମବାସୀ ଖଣି ଖନନ କରିବାକୁ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଅପରାଧୀ ବ୍ରହ୍ମା ମହାନ୍ତି ଗିରଫ

**ତରଭା, ୨୯।୮(ଡି.ଏନ.ଏ. ):** ଲୁଟ୍, ହତ୍ୟା ଉଦ୍ୟମ, ଡକାୟତି, ଚୋରି, ରାହାଜନୀ ଆଦି ୧୯ଟି ଫୌଜଦାରୀ ମାମଲାରେ ଜଡିତ ବଲାଙ୍ଗୀର ରାଜୀବନଗର ନିବାସୀ ସୁବ୍ରତ ମହାନ୍ତିଙ୍କ ପୁଅର ସୁବ୍ରତ ମହାନ୍ତି ଓରଫ ଯୋଶବନ୍ତ (୨୨)ଙ୍କୁ ତରଭା ପୋଲିସ ସୋମବାର ଗିରଫ କରିଛି। ୨୦୨୧ ମସିହାରେ ତରଭା ବ୍ରାହ୍ମଣୀ ରାସ୍ତାରେ ଥିବା କ୍ରସର ନିକଟରେ ଶୁକ୍ରୁ ନାଏକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ନଗଦ ୪୫ ହଜାର ଓ ଗୋଟିଏ ମୋବାଇଲ ଲୁଟ ହେବା ଘଟଣାରେ ବ୍ରହ୍ମା ଜଡିତ ଥିଲା। ଏ ସମ୍ବନ୍ଧେ ତରଭା ଥାନାରେ ମାମଲା ରୁଜୁ ହୋଇଥିଲା। ଅନୁସନ୍ଧାନ ଚଳାଇ ପୋଲିସ ଜଣେ ନାବାଳକଙ୍କଠାରୁ ମୋବାଇଲ ଜବତ କରି ବ୍ରହ୍ମାକୁ ଖୋଜୁଥିଲା। ରବିବାର ମଧ୍ୟାହ୍ନରେ କୌଣସି ସୂତ୍ରରୁ ଖବର ପାଇ ତରଭା ଥାନା ଆଇଆଇସି ସୁବ୍ରତ ପାଣିଗ୍ରାହୀ ଓ ଟିମ୍ ବ୍ରହ୍ମାଙ୍କୁ ଧରିଥିଲେ।

### ଚୋରା ଗଞ୍ଜେଇ ଚାଲାଣ ମାମଲା
### ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୯।୮(ସ୍ୱପ୍ର):** ବୌଦ୍ଧ ଜିଲା ଦୌରାଜଜ ତଥା ସ୍ୱେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଚୋରା ଗଞ୍ଜେଇ ଚାଲାଣ ମାମଲାକୁ ବିଚାରକରି ସୋମବାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାର ମାଧପୁର କଲୋନୀ ସାହିର ବିଶିକେସନ କହଁର ନିଜ କିରାନା ଦୋକାନରେ ଗଞ୍ଜେଇ ରଖିଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଜାଣିବା ପରେ ଗତ ୨୬।୯।୨୦୨୦ରେ ଚଢାଉ କରି ୨୩ କେଜି ଗଞ୍ଜେଇ ଜବତ ସହ ମାମଲା ରୁଜୁ କରି ବିଶିକେସନଙ୍କୁ କୋର୍ଟ ଚାଲାଣ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ମାମଲା ଜିଲା ଦୌରାଜଜଙ୍କ ଅଦାଲତରେ ସ୍ୱେଶାଲ କେସ ନଂ (୨ଏସିସି ୭/୨୦) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜିଲା ଦୌରାଜଜ ବିଶିକେସନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ମାମଲାକୁ ଆଇନଜୀବୀ ରାଜିବ କୁମାର ଦଲାଲ ପରିଚାଳନା କରୁଥିଲେ।

### କେ.ଭି. କଲେଜରେ ଜାତୀୟ କ୍ରୀଡ଼ା ଦିବସ

**କଣ୍ଟାବାଞ୍ଜି, ୨୯।୮(ଡି.ଏନ.ଏ.):**



ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେ.ଭି. କଲେଜରେ ଜାତୀୟ କ୍ରୀଡା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଯୁକ୍ତ୨ ପ୍ରତିଯୋଗିତା ମଧ୍ୟରେ ବକ୍ତୃତାରେ ମହମ୍ମଦ ମୋହସିନ ଖାନ ପ୍ରଥମ, ବରୁଣ ଅଗ୍ରୱାଲ ଦ୍ୱିତୀୟ, ପ୍ରିତି ସାହୁ ତୃତୀୟ, ଯୁକ୍ତ ୩ ପ୍ରତିଯୋଗୀତା ରଚନା ଅନମୋଲ ପାରେଖ ପ୍ରଥମ, ଉତ୍କଳମଣି ବେହେରା ଦ୍ୱିତୀୟ, ରୋଶନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ଯୁକ୍ତ ୨ ଓ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତରେ ଚନ୍ଦୁ ଖୁରା ପ୍ରଥମ, କ୍ଷମାନିଧି ସେଠ ଦ୍ୱିତୀୟ ଓ ପ୍ରିୟଙ୍କା ଶବର ତୃତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଦୀନବନ୍ଧୁ କର ମୁଖ୍ୟବକ୍ତା, କ୍ରୀଡା ଅଧ୍ୟାପକ ଡି. ପଧାନ, ରାଜେଶ ମହାନ୍ତି ମଞ୍ଚାସୀନ ଥିଲେ।

### ପଞ୍ଚାୟତସ୍ତରୀୟ ଜନଶୁଣାଣି

**କର୍ଲାମୁଣ୍ଡା,୨୯।୮(ଡି.ଏନ.ଏ.):** କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଭାରପ୍ରାପ୍ତ ତହସିଲଦାର ଦିଲୀପ ପାତ୍ର, ସରପଞ୍ଚ ଯସୋଶ୍ୱିନୀ ଧରୁଆ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ କେଦାର ନାଥ ଖମାରି, ବିଏସ ଏସ ଓ ସସ୍ମିତା ପଟେଲ, ଯୋଗାଣ ଅଧିକାରୀ ସନ୍ତାକାର ପ୍ରଧାନଙ୍କ ସମେତ ବ୍ଲକସ୍ତରୀୟ ଅନ୍ୟ ସମସ୍ତ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୨୨୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବରାଜ ରଣା, ଗ୍ରାମ ରୋଜଗାର ସେବକ ଗଜାନନ ଗହୀର, ଯୋଗାଣ ସହାୟକ ତରୁଣ ସେନ ସାହୁ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଆୟୋଜନ କରିଥିଲେ।

# ବରଗଡ଼ରେ ସୁପର୍ ମମ୍ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ,୨୯।୮**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରକ୍ ଏଣ୍ଡ ରୋଲ୍ ସାଂସ୍କୃତିକ ଏକାଡେମୀ ଆନୁକୂଲ୍ୟରେ ସୁପର ମମ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଏମ୍‌ଡି ବବଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବରଗଡ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ ଓ ସଙ୍ଗୀତା ପଣ୍ଡା ଷଡଙ୍ଗୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏଭଳି ଅନନ୍ୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସୁଜାତା ମେହେର ଏବଂ ସୋମେଶ୍ୱ ଶର୍ମାଙ୍କୁ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମା'ମାନଙ୍କ ବିଭିନ୍ନ ପ୍ରକାରର କଳା ପ୍ରଦର୍ଶନ ଓ ନୃତ୍ୟ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ରହିଥିଲା। ପ୍ରାର୍ଥନା ଗୁରୁ, ପ୍ରିୟଙ୍କା ଯାଦବ, ତୁଳସୀ ଭେଣ୍ଡ୍ରା, ପ୍ରଦେଶ ଯାଦବ, ମୋହନ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।




ବରଗଡ଼ରେ ଅନୁଷ୍ଠିତ ସୁପର ମମ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ସୋହେଲାରେ ଅହିଂସା ରଥକୁ ସ୍ୱାଗତ

**ସୋହେଲା,୨୯।୮(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲାରେ ଅହିଂସା ରଥକୁ ସ୍ଥାନୀୟ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ସୋହେଲାରେ ରଥ ପହଞ୍ଚିବା ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ବିରାଟ ଶୋଭାଯାତ୍ରାରେ ଥାନା ଛକରୁ ଦୁର୍ଗାମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଯୁବନେତା ସୁଶାନ୍ତ ମିଶ୍ର, ଶିକ୍ଷାବିତ୍ ଗିରିଜା ଶଙ୍କର ଆଚାର୍ଯ୍ୟ, ନିଲୁ ଝାଙ୍କର ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ବିଡ଼ିଓ ବିଶ୍ୱରଞ୍ଜନ କର, ଅତିରିକ୍ତ ତହସିଲଦାର ଅଂଶୁମାନ ଷଡ଼ଙ୍ଗୀ, ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୋହେଲା ବ୍ଲକର ଦଶମାଇଲ ଛକରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଦଶମାଇଲ ସ୍ଥିତ ସେବାଶ୍ରମ ଉଚ୍ଚ ବିଦ୍ୟାଳୟ, ଲେବିଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତା ପାର୍ଶ୍ୱରେ ଜାତୀୟ ପତାକା ଧରି ରଥକୁ ସ୍ୱାଗତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଏବିଇଓ ଗୋଲାପ ମିଶ୍ର, ରଞ୍ଜନ ପଣ୍ଡା, ରବି ପଧାନ, ଗୋବିନ୍ଦ ସାହୁ, ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ସୋହେଲାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

# ଜିଲାପାଳ, ଡିଇଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର।

**ସୋନପୁର,୨୯।୮(ନି.ପ୍ର.)**

### ପଦ୍ମପୁର ପ୍ରାଥମିକ ବିଦ୍ୟାଳୟରେ ତାଲା

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟରେ ଗତ ଦୁଇ ଦିନ ହେଲା ତାଲା ଝୁଲୁଛି। ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଶିକ୍ଷକ ଆସୁନାହାନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ରାଜ୍ୟ ସରକାର ଏହି ବିଦ୍ୟାଳୟକୁ ବନ୍ଦ କରିଛନ୍ତି। ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବିଦ୍ୟାଳୟରେ ପଢୁଥିବା ଛୋଟ ପିଲାଙ୍କୁ ନେଇ ସୋମବାର ଜିଲା ସଦର ମହକୁମାକୁ ଆସିଥିଲେ। ଗ୍ରାମବାସୀ ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଲକ୍ଷ୍ମଣ କୁମାର ଭୋଇଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟକୁ ବନ୍ଦ ନ କରିବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟରେ ୨୨ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ଗ୍ରାମବାସୀ କହିଛନ୍ତି। ତେବେ ବିଦ୍ୟାଳୟରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ପାଠ ପଢୁଥିବା ପ୍ରଶାସନ ଦର୍ଶାଇବା ପରେ ସରକାର ଏହି ବିଦ୍ୟାଳୟକୁ ନିକଟସ୍ଥ ମନହିରା ବିଦ୍ୟାଳୟରେ ମିଶ୍ରଣ କରିଛନ୍ତି। ତେବେ ଗ୍ରାମବାସୀ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଶିବତୁଲା-ମେଣ୍ଡା ରାସ୍ତା ପାର ହୋଇ ପଦ୍ମପୁର ଗ୍ରାମର ଛାତ୍ରୀଛାତ୍ର ମନହିରା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯିବାକୁ ଅଭିଭାବକମାନେ ରାଜି ହେଉ ନାହାନ୍ତି। ମନହିରା ବିଦ୍ୟାଳୟର ଭିତ୍ତିଭୂମିଠାରୁ ପଦ୍ମପୁର ବିଦ୍ୟାଳୟର ଭିତ୍ତିଭୂମି ଯଥେଷ୍ଟ ଉନ୍ନତ। ପଦ୍ମପୁର ବିଦ୍ୟାଳୟ ମଧ୍ୟ ଏକ ପୁରାତନ ବିଦ୍ୟାଳୟ। ତେଣୁ ସରକାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିଦ୍ୟାଳୟ କମିଟିର ସଭପତି ଗୌନ୍ତିଆ ପଧାନ, ବାଲଗୋପାଳ ପଧାନ, ଲିଲି ସରଭଙ୍ଗ ଓ ନାରାୟଣ ସେଠ୍ ପ୍ରମୁଖ ଦାବି କରିଛନ୍ତି।

# ଜିଲା ହକି ସଂଘ ପାଳିଲା ଜାତୀୟ କ୍ରୀଡ଼ା ଦିବସ

**ବଲାଙ୍ଗୀର ଅଫିସ,୨୯।୮**

ସ୍ଥାନୀୟ ଏବିଏସ୍ଏସ୍ କ୍ଲବ ସଭାଗୃହରେ ବଲାଙ୍ଗୀର ଜିଲା ହକି ସଂଘ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ସୋମବାର ପାଳନ କରାଯାଇଥିଲା। ସଂଘ ସମ୍ପାଦିକା ସୁଶ୍ରୀ ଆନନ୍ଦିନୀ ଦର୍ଜୀଙ୍କ ଆବାହକତ୍ୱ ତଥା କ୍ରୀଡା ସଙ୍ଗଠକ ପ୍ରଫୁଲ୍ଲ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ସଂଘ ସଭାପତି ବେଲାଲସେନ ଭୋଇ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ହକି ଖେଳାଳି ସୁରେଶ ପରିଛା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ ତଥା ଜିଲା କ୍ରୀଡା ସଂସଦ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ମୁକେଶ ବହିଦାର, ଗୋପବନ୍ଧୁ ଶତପଥୀ ଓ ଡ. ଗୋପାଳ ମିଶ୍ର ମଞ୍ଚାସୀନ ଥିଲେ। ସଂଘ ବରିଷ୍ଠ ସଭ୍ୟ ତଥା ପୂର୍ବତନ ବିଧାୟକ ରମାକାନ୍ତ ସେଠ, ସୁଧାଂଶୁ ପାତ୍ର, ଗୋପବନ୍ଧୁ ରଥ, ରାଜପଲିଆ ତଥା ସହରର ବହୁ ବିଶିଷ୍ଟ ବ୍ୟକ୍ତି କ୍ରୀଡାବିତ୍ ଉପସ୍ଥିତ ଥିଲେ। ସେହିପରି ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚବିଦ୍ୟାଳୟରେ ଅନୀଲ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଓ ମଦନ ମୋହନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସାଧନା ପଣ୍ଡା ଓ ଲଲାଟ କେଶରୀ ପ୍ରଧାନ ବକ୍ତବ୍ୟ ରଖିଥିଲେ।

# ସୁବର୍ଣ୍ଣପୁରରେ ମାରାଥନ-୨୦୨୨

**ସୋନପୁର,୨୯।୮(ନି.ପ୍ର.)**

### ମହିଳା ବର୍ଗରେ ପୂଜା, ପୁରୁଷରେ ଦୟାନିଧି ପ୍ରଥମ

ଜାତୀୟ କ୍ରୀଡା ଦିବସ ଅବସରରେ ସୁବର୍ଣ୍ଣପୁରରେ ମାରାଥନ-୨୨ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲା ଓ ଜିଲା ବାହାରର ଶତାଧିକ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଏହି ମାରାଥନ କଳାପଥର ଛକ ଓ ହିରୋ ଶୋ ରୁମ୍ ନିକଟରୁ ଆରମ୍ଭ ହୋଇ ଗାନ୍ଧୀ ପଡିଆରେ ସରିଥିଲା। ୪ କିଲୋମିଟର ମାରାଥନ ମହିଳା ବର୍ଗରେ ବାଲେଶ୍ୱରର ପୂଜା ବେହେରା ପ୍ରଥମ, ଭୁବନେଶ୍ୱରର ପିଙ୍କି ସାହୁ ଦ୍ୱିତୀୟ ଓ ମୟୁରଭଞ୍ଜର ସୋନାଲି ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୭ କିଲୋମିଟର ମାରାଥନ ପୁରୁଷ ବର୍ଗରେ ସୁବର୍ଣ୍ଣପୁରର ଦୟାନିଧି ମୁଣ୍ଡା ପ୍ରଥମ, ବାଲେଶ୍ୱରର କୁନା ମାରାଣ୍ଡି ଦ୍ୱିତୀୟ ଓ ନୂଆପଡାର ଦିନେଶ କୁମାର ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଜିଲା କ୍ରୀଡା ଅଧିକାରୀ ଅଭିଲାଶ କୁମାର ପୁରୋହିତ, ଜିଲା କ୍ରୀଡା ସଂଘ ସମ୍ପାଦକ ପିୟୁଷ କୁମାର ପଣ୍ଡା, ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଗୋରେଖନାଥ ସାହୁ, ପୁରୁଷୋତ୍ତମ ପାଣିଗ୍ରାହୀ, ଗୌରିଶ୍ୟାମ ପଣ୍ଡା, ଦିଲ୍ଲିପ ଗୁରୁ, ସତ୍ୟନାରାୟଣ ରାଓ, ଦିଗାମ୍ବର ଶତପଥୀ, ଜିତେନ୍ଦ୍ର ସାହୁ, ଆଦିତ୍ୟ କିଶୋର ଦାନୀ, କମଳାକାନ୍ତ ସାହୁ, ପଠାଣ ପଣ୍ଡା, କଲିମ ମହମ୍ମଦ ପ୍ରମୁଖ ଯୋଗଦାନ କରିଥିଲେ। ମାରାଥନର ମୁଖ୍ୟ ପ୍ରଯୋଜକ ସଂସ୍କାର ଏଗ୍ରୋ ପ୍ରୋପାଇଟର ଲୋକନାଥ ରଥ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ତହସିଲ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା



ଖପ୍ରାଖୋଲ ତହସିଲ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ଖପ୍ରାଖୋଲ, ୨୯।୮(ଡି.ଏନ.ଏ.)**

୨୦୨୧ କୃଷିବୀମା କ୍ଷତିପୂରଣ ପ୍ରଦାନ ଦାବିରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଚାଷୀମାନେ ସୂର୍ଯ୍ୟକାନ୍ତ ସାହୁଙ୍କ ନେତୃତ୍ୱରେ ଧାରଣା ଦେଇଥିଲେ। ଗତବର୍ଷ ଚାଷୀମାନେ କୃଷି ବୀମା କରିଥିବା ବେଳେ ଆଜି ଯାଏ ବୀମା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ବ୍ଲକର ୮ଟି ପଞ୍ଚାୟତର ଚାଷୀ ବୀମା ଟଙ୍କା ପାଇଥିବା ବେଳେ ଅନ୍ୟ ୧୩ପଞ୍ଚାୟତର ଚାଷୀ ଏଥିରୁ ବଞ୍ଚିତ ଅଛନ୍ତି। ଏ ନେଇ ପୂର୍ବରୁ ଚାଷୀମାନେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ଜିଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ତହସିଲଦାର ମିଶ୍ର ଓ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର ଚାଷୀଙ୍କୁ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହରି ପୋଢ଼, ଗୁଣମଣି ଭୋଇ, ତାପସ ବେହେରା, ସମ୍ପତି ଭୋଇ, ଜନ୍ମ ଭୋଇ, ନିଲ ନିଆଲ, ବିଜୟ ବରିହା ପ୍ରମୁଖ ଚାଷୀ ସାମିଲ ହୋଇଥିଲେ। ଏଥିପୂର୍ବରୁ ବୀମା କମ୍ପାନୀର ଟାଳଟୁଳ ନୀତି ବିରୋଧରେ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରୁ ଚାଷୀମାନେ ଏକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବୌଦ୍ଧ,୨୯।୮(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକର ଶଗଡା ପଞ୍ଚାୟତରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନାଙ୍କ ଉପସ୍ଥିତିରେ ୭୧ଟି ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୩୮ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ୩ଟି ଅଭିଯୋଗର ଅନୁଧ୍ୟାନ କରାଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୩ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଜିଲାପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ବିଡିଓ ଅବିନାଶ ପାଣ୍ଡିଆ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଶଗଡା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ, ପୂର୍ବତନ ସରପଞ୍ଚ ସୁରଥ ମିଶ୍ର ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ରାଣାପ୍ରତାପ ସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

**ବରଗଡ଼ ଅଫିସ,୨୯।୮**

ବରଗଡ଼ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟରେ ସୋମବାର ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଭାରତ ଗୌରବ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି। କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ଼ଃ ସଦାନନ୍ଦ ଦୀକ୍ଷିତ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଯେକୌଣସି କ୍ଷେତ୍ରରେ ଏକାଗ୍ରତା କିପରି ସଫଳତା ଆଣିଦିଏ, ତାର ଜ୍ୱଳନ୍ତ ଉଦାହରଣ ବିଶିଷ୍ଟ ହକି ଖେଳାଳି ଧ୍ୟାନଚାନ୍ଦ ବୋଲି ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ବିଶିଷ୍ଟ କ୍ରୀଡ଼ାବିତ୍ ଖୁଦିରାମ ସାହୁ ଯୋଗଦେଇ ହକି ଖେଳରେ କିପରି ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା ସେ ବିଷୟରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁଧାଂଶୁ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ଭାବନା ସାହୁ, ସୁନିତା ମିଶ୍ର, ବବିତା ନାଏକ, ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

**ଜୁନାଗଡ,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ତହସିଲଦାର ବେଦବ୍ୟାସ ଭୋଇ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏଇଇ ସୁଜିତ କୁମାର ଭୁୟାଁ, ଡା.ବିବେକାନନ୍ଦ ମହାନନ୍ଦ,ଏଇଇ ଆରଡି ବର୍ଷାରାଣୀ ପାଗଡା, ପିଣ୍ଟୁଡି ଏଇଇ ସୁନାରାମ ମୁର୍ମୁ, କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଗାୟସ ସୁରେନ୍, ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆ, ସ୍ଥାନୀୟ ସରପଞ୍ଚ ଯାଜ୍ଞସିନୀ ପଣ୍ଡା ପ୍ରମୁଖଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜନଶୁଣାଣିରେ ମୋଟ ୨୮୯ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୭୩ଜଣଙ୍କ ଅଭିଯୋଗର ସମାଧାନ ତତ୍କାଳ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ପତ୍ରକୁ ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବା ପାଇଁ ପ୍ରେରଣା କରାଯାଇଥିଲା। କାର୍ଯ୍ୟକ୍ରମ ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ।



ଜନଶୁଣାଣି ଶିବିରରେ ଜନପ୍ରତିନିଧି ଓ ଅଧିକାରୀମାନେ।

# ଜାତୀୟ କ୍ରୀଡ଼ା ଦିବସରେ ମିନି ମାରାଥନ

**କେସିଙ୍ଗା,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସରେ ମିନି ମାରାଥନ ସୋମବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସାହା ଏହି ମାରା ଥାନକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ମାରାଥନ କେସିଙ୍ଗା ମିନି ଷ୍ଟାଡିୟମରୁ ବାହାରି ମହାବିଦ୍ୟାଳୟରେ ଶେଷ ହୋଇଥିଲା। ଏହି ଗଣଦୌଡ଼ରେ ଛାତ୍ରୀମାନଙ୍କ ମଧ୍ୟରେ କରିସ୍ମା ଗହୀର ପ୍ରଥମ, ଦ୍ୱିତୀୟରେ ବୈଶାଳୀ ସା, ତୃତୀୟରେ ଗୀତାଞ୍ଜଳି ପୋଢ଼ ବିଜେତା ହୋଇଥିଲେ। ଛାତ୍ରଙ୍କ ମଧ୍ୟରେ ପ୍ରଥମ ଖଗେଶ୍ୱର ମାଝି, ଦ୍ୱିତୀୟ ପୀତାମ୍ବର ବାରିକ, ତୃତୀୟରେ ସହିଲ କୁମାର ମହଲା ଗଣଦୌଡ଼ରେ ବିଜୟ ହୋଇଥିଲେ। ବିଜେତାଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଅଶ୍ୱନୀ କୁମାର ପାଇକରାୟ ପରିଚାଳନା କରିଥିଲେ। ଶେଷରେ ଇଂଲିଶ ଅଧ୍ୟାପକ ସୁଶାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।




କେସିଙ୍ଗା ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସରେ ମିନି ମାରାଥନରେ ସାମିଲ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଲହୁଣୀପଡା,୨୯।୮(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବ୍ରହ୍ମଣୀଦର ଗ୍ରାମରେ ରବିବାର ରାତି ପ୍ରାୟ ସାତଟାରେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ବ୍ରହ୍ମଣୀଦର ଗ୍ରାମର ସୋନୁ କିଷାନଙ୍କ ଝିଅ ପାଣି ଆଣିବା ପାଇଁ ନିକଟସ୍ଥ ନଳକୂଅକୁ ରବିବାର ସନ୍ଧ୍ୟାରେ ଯାଇଥିଲେ। ଉକ୍ତ ଯୁବତୀଙ୍କୁ ଏକୁଟିଆ ଦେଖି ସେହି ଗ୍ରାମର କୁଶ କିଷାନ (୨୨)ଅଶ୍ଳୀଳ ମନ୍ତବ୍ୟ ଦେଇ ଥିବାରୁ ସେ କାନ୍ଦିକାନ୍ଦି ଆସି ଘରେ ପ୍ରକାଶ କରିଥିଲେ। ଫଳରେ ଯୁବତୀଙ୍କ ବାପାମାଆ ଘଟଣା ସମ୍ପର୍କରେ ପଚାରିବା ପାଇଁ କୁଶଙ୍କ ଘରକୁ ଯାଇଥିଲେ। ସେ ଘରେ ନ ଥିବାରୁ ତାର ବାପା ମାଆଙ୍କୁ ଏ ଘଟଣା ସମ୍ପର୍କରେ କହିବା ସହିତ ତାଙ୍କୁ ବୁଝେଇ ଦେବା ପାଇଁ ଅନୁରୋଧ କରି ପଳେଇ ଆସିଥିଲେ। କିନ୍ତୁ କିଛି ସମୟ ପରେ କୁଶ କିଷାନ ଆସି ଯୁବତୀ ଘର ସାମ୍ନାରେ ଅଭଦ୍ର ଭାଷାରେ ଗାଳିଗୁଲଜ କରିବାରୁ ଯୁବତୀଙ୍କ ବାପା ସୋନୁ ମାଆ ମନ୍ଦୋଦରି ବିରୋଧ କରିବାରୁ କୁଶ ରାଗିଯାଇ ଏକ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ମନ୍ଦୋଦରୀଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବାବେଳେ ସୋନୁଙ୍କ ବାମ ଗାଲରେ ଆଘାତ ବାଜି ଫୁଲିଯାଇଛି। ବାପା ମାଆଙ୍କୁ ଛଡେଇବାକୁ ଯାଇ ଯୁବତୀ ଜଣକ ମଧ ଆଘାତ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ସୋନୁ କିଷାନ ସୋମବାର ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଆହତ ତିନି ଜଣଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

### ହକି ଆସୋସିଏଶନ ପକ୍ଷରୁ ଜାତୀୟ କ୍ରୀଡା ଦିବସ

**ସୁନ୍ଦରଗଡ଼,୨୯।୮(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ହକି ଆସୋସିଏସନ ତରଫରୁ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଜିଲା ହକି ଆସୋସିଏସନର କାର୍ଯ୍ୟକାରୀ ଉପସଭାପତି ରାମେଶ୍ୱର ଟପ୍ପୋଙ୍କ ସଭାପତିତ୍ୱରେ ଭବାନୀପୁରସ୍ଥିତ କ୍ରୀଡା ଛାତ୍ରାବାସ ପ୍ରାଙ୍ଗଣରେ ଆୟୋଜିତ ସଭା ପ୍ରାରମ୍ଭରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ସିଲଭେଷ୍ଟର ତିର୍କୀ, କୋଷାଧକ୍ଷ ଫ୍ରାନସିସ କୁଜୁର, ବରିଷ୍ଠ ହକି ପ୍ରଶିକ୍ଷକ ମିଲଟନ ବିଲୁଙ୍ଗ, ଏନସି ଦଣ୍ଡସେନା, ତ୍ରିନାଥ ଖାଲକୋ, ରଣଜିତ କିଣ୍ଡୋ ପ୍ରମୁଖ ଏହି ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ।

### ବ୍ଲକସ୍ତରୀୟ ଶିଶୁଅଧିକାର ସମନ୍ୱୟ କମିଟି ଗଠନ

**ଲେଫ୍ରିପଡ଼ା,୨୯।୮(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବୈଠକ ଗୃହରେ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ୟୁଥ ଫର ସୋସିଆଲ ଡେଭଲପମେଣ୍ଟ ସଂସ୍ଥା ସହାୟତାରେ ବ୍ଲକସ୍ତରୀୟ ଶିଶୁ ଅଧିକାର କମିଟି ବ୍ଲକ ଅଧକ୍ଷ ନରେଶ ପ୍ରତାପ ସିଂଙ୍କ ଅଧକ୍ଷତାରେ ସୋମବାର ଗଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା ପରିଚାଳନା କରିଥିଲେ। ଏଥିରେ ଲେଫ୍ରିପଡ଼ା ଶିଶୁ ବିକାଶ ଯୋଜନା ଅଧିକାରୀ କିରଣବାଲା ଷଡ଼ଙ୍ଗୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ମହେନ୍ଦ୍ର କୁମାର ପଟେଲ, ବ୍ଲକ ଉପାଧକ୍ଷା ରୁପାବତୀ ସେଠ, ଏକ୍ସନଏଡ଼ ସଂସ୍ଥାର ଜିଲା ସଂଯୋଜକ ମିନାକ୍ଷୀ ପ୍ରଧାନ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ, ବ୍ଲକ ଶିକ୍ଷା ଅଧିକାରୀ ପ୍ରତିନିଧି ତେଜରାମ ସା ପ୍ରମୁଖ ଯୋଗଦାନ କରିଥିଲେ। ବୈଠକରେ ଶିଶୁ ବିକାଶ ଯୋଜନା ଅଧିକାରୀ ତୃଣମୂଳସ୍ତରରେ ସମସ୍ତେ ମିଳିମିଶି ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ଶିଶୁ ମଙ୍ଗଳ ସମିତି ଓ ଜୁଭାଇନାଲ ଜଷ୍ଟିସ ବୋର୍ଡ଼ର କାର୍ଯ୍ୟ ଉପରେ ଆଲୋକପାତ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଁସଦା ସମସ୍ତେ ମିଳିମିଶି ଶିଶୁ ଅଧିକାରକୁ ସୁନିଶ୍ଚିତ କରି ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ,ବ୍ଲକ ଓ ଜିଲା ଗଠନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ବ୍ଲକ ସଂଯୋଜକ ସଂସାର ବାଗ ଶିଶୁ ଅଧିକାର କମିଟିର ଉଦ୍ଦେଶ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ ମତାମତ ପ୍ରଦାନ କରି କିପରି ଭାବେ ଶିଶୁର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବ ସେହି ଦିଗରେ ଆଲୋକପାତ କରିଥିଲେ। ଶେଷରେ ବ୍ଲକ ଉପାଧକ୍ଷା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଲେଫ୍ରିପଡ଼ା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଆଇସି ସୁପରଭାଇଜର,ଅଙ୍ଗନବାଡି କର୍ମୀ, କିଶୋର କିଶୋରୀ ଶିଶୁ ପ୍ରମୁଖ ଭାଗ ନେଇଥିଲେ ।



ସୁନ୍ଦରଗଡ଼ ମାରାଥନ ଶୁଭାରମ୍ଭ ମୁହୂର୍ତ୍ତ।

# ସୁନ୍ଦରଗଡ଼ ମାରାଥନ: ଭାଗନେଲେ ୬୫୦ ପ୍ରତିଯୋଗୀ

**ସୁନ୍ଦରଗଡ଼,୨୯।୮(ଡି.ଏନ.ଏ.)**

ଯୁଗାନ୍ତକାରୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ ସାରା ଦେଶ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରି ଆସୁଅଛି। ଏହି ଅବସରରେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ହୋଇଥିଲା ସୁନ୍ଦରଗଡ଼ ମାରାଥନ। ଏହି ମାରାଥନରେ ୬୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ଓ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମାରାଥନ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ସହିତ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉତ୍ସବରେ ପ୍ରାକ୍ତନ ଖେଳାଳୀ ପ୍ରସନ୍ନ ଠାକୁର ଏବଂ ସୁନ୍ଦରଗଡ଼ର ସୁନାମଧନ୍ୟ ଦୌଡକୁଦ କୋଚ ସସ୍ମିତା ଦତ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ କ୍ରୀଡ଼ାପ୍ରତି ତାଙ୍କ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଉଦଘାଟନୀ

### ଜାତୀୟ କ୍ରୀଡ଼ା ଦିବସ ପାଳିତ

ଭାଷଣ ପରେ ମୁକ୍ତ ଆକାଶର ବେଲୁନ ଛଡ଼ା ଯାଇଥିଲା ଯାହାକି ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହାପରେ ଆଠଟି ପୃଥକ ବର୍ଗରେ ମାରାଥନ ପାଇଁ ଦୌଡ ଆରମ୍ଭ ହୋଇଥିଲା। ଏହି ମାରାଥନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ନଗଦ ଦଶ ହଜାର ପୁରସ୍କାର ରାଶି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ନଗଦ ପାଞ୍ଚ ହଜାର ପୁରସ୍କାର ରାଶି ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ନଗଦ ତିନି ହଜାର ଟଙ୍କା ସହିତ ସହିତ ମେଡାଲ ଓ ପୁଷ୍ପଗୁଚ୍ଛ ଦେଇ ପୃଥକ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମଞ୍ଚରେ ଅତିଥି ଭାବରେ ସୁନ୍ଦରଗଡ଼ ଏସପି ସାଗରିକା ନାଥ, ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଏବଂ ଜୟଜଗନ୍ନାଥ ଟ୍ରକ ମାଲିକ ସଂଘର ଅଧ୍ୟକ୍ଷ ସଞ୍ଜୟ ନନ୍ଦ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଏହି ମାରାଥନ ପରିଚାଳନାରେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ସହସମ୍ପାଦକ ଜୟଦେବ ପାତ୍ର, ଉପସଭାପତି ରାଜେନ୍ଦ୍ର ମହାନ୍ତି, ସଦସ୍ୟ ବିମଳ ବୋଷ, ଅନିଲ ବହିଦାର, ବୀରମିତ୍ର କାଲୋ, ଆଶିଷ ଦେ, ଅଜୟ ବହିଦାର, ଦୁର୍ଗାମାଧବ ନାଏକ, ଶିଶିର ପଟେଲ, ପ୍ରଶାନ୍ତ ପଟେଲ, ରୋମାଞ୍ଚ ଭାଇଁସାଲ, ସୁରଜ ଭୈଇଁସାଲ, ନିତ୍ୟ କୁମାର ବଳ, ଅକ୍ଷୟ ନାଏକ, ପ୍ରସାଦ ନାଏକ, ଅଶୋକ ବରାଇ ତଥା କ୍ରୀଡ଼ା ସଂଗଠକ ରାଜେନ୍ଦ୍ର ପଣ୍ଡା ଓ ରାଜା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ରୀଡ଼ା ସଂସଦର ସଦସ୍ୟ ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ।

### ସୁନ୍ଦରଗଡ଼ ମାରାଥନ ଦୌଡର କୃତୀ ପ୍ରତିଯୋଗୀ

**ସୁନ୍ଦରଗଡ଼,୨୯।୮(ଡି.ଏନ.ଏ.)**

ଜାତୀୟ କ୍ରୀଡା ଦିବସ ଅବସରରେ ଆୟୋଜିତ ମାରାଥନ ଦୌଡ ପ୍ରତିଯୋଗିତାରେ ସିନିୟର ପୁରୁଷ ବର୍ଗରେ ଆକାଶ ସିଂ ପ୍ରଥମ, ପ୍ରଶାନ୍ତ ଲାକ୍ରା ଦ୍ୱିତୀୟ ଓ ସୁରେଶ ଲାକ୍ରା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସିନିୟର ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ତେଜସ୍ୱିନୀ କିସପଟ୍ଟା ଦ୍ୱିତୀୟ ଓ ଅମ୍ବିକା ଡିଲା ତୃତୀୟ ସ୍ଥାନ ହାସଲ କରିଛନ୍ତି। ୧୬ ବର୍ଷ ବାଳିକା ବର୍ଗରେ ବାସନ୍ତୀ ମାଝୀ, ରଶ୍ମିତା ଲାକ୍ରା ଓ ମୁସକାନ ଏକ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୧୬ ବର୍ଷ ବାଳକ ବର୍ଗରେ ସୁନୀଲ ଲାକ୍ରା, ଆଲୋକ ବାର୍ଲା ଓ ପବନ କୁମାର ଯାଦବ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ୧୮ ବର୍ଷ ବାଳିକା ବର୍ଗରେ ସ୍ୱର୍ଣ୍ଣଲତା ଶର୍ମା, ରଞ୍ଜିତା ମିଞ୍ଜ ଓ ରେଶମା କୁଜୁର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ। ୧୮ ବର୍ଷ ବାଳକ ବର୍ଗରେ ନିଖିଳ ସାହୁ, ଆନସେଲେନ ଲୁଗୁନ ଓ ଆଜାଦ ଓରାମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ୨୦ବର୍ଷ ବାଳିକା ବର୍ଗରେ ସୁସ୍ମିତା ଟିଗା, ଇତିଶ୍ରୀ ମହନ୍ତ, ସୁଭଦ୍ରା ମହାରଣା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ୨୦ ବର୍ଷ ବାଳକ ବର୍ଗରେ ଟିଙ୍କୁ ତିର୍କୀ, ଆଶିଶ ଦାସ ଓ ଜଗମୋହନ ପୂର୍ତ୍ତି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି।

### ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ଲହୁଣୀପଡ଼ା, ୨୯।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ବଣେଇ ସଙ୍କୁଳର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାରେ ଶିଶୁ, ବାଲ, କିଶୋର ବର୍ଗରୁ ମୋଟ ୪୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ମୋଟ ୪୫ ଜଣ, ବିଜ୍ଞାନ ପ୍ରଶ୍ନମଞ୍ଚରେ ୪୨, ବୈଦିକ ଗଣିତ ପ୍ରଶ୍ନମଞ୍ଚରେ ୪୦, ଗଣିତ ପ୍ରୟୋଗ ଓ ବିଜ୍ଞାନ ପ୍ରୟୋଗରେ ୮, ସର୍ବମୋଟ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ବିଚାରକ ମଣ୍ଡଳୀ ଭାବରେ ଶିକ୍ଷକ ରଞ୍ଜନ କୁମାର ପାତି, କାର୍ତ୍ତିକ ଚନ୍ଦ୍ର ସାହୁ, ନୃସିଂହ ଚରଣ ସାହୁ ,ପଞ୍ଚାନନ ସାହୁ, ସଂଘମିତ୍ରା ମାହାନ୍ତ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ବାଲ ବର୍ଗ ଓ କିଶୋର ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ମାସ ୮ ତାରିଖ ରାଉରକେଲା କୁଲୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହେବାକୁ ଥିବା ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରିବା ସହିତ ଆଜିକାର କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ପ୍ରଦାନ ଉତ୍ସବ ଶଶୀଭୂଷଣ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଅନୀଲ କୁମାର ମାହାନ୍ତ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯଶୋବନ୍ତ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବଣେଇ ସଙ୍କୁଳ ସଂଯୋଜକ ଦିନେଶ କୁମାର ମାହାନ୍ତ ବିବରଣୀ ପଠନ କରିଥିଲେ। ସଭା ଶେଷରେ ମାନସ କୁମାର ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ଯମୁନା ମାହାନ୍ତ, ମଞ୍ଜୁବାଳା ମାହାନ୍ତ, ଯସ୍ମିତା ମାହାନ୍ତ, ଭାରତୀ ମାହାନ୍ତ, ସସ୍ମିତା ମାହାନ୍ତ, ସୁନିତା ମାହାନ୍ତ, ପ୍ରିୟମ୍ବଦା ମାହାନ୍ତ, ରୁବିବାଳା ମାହାନ୍ତ, ପ୍ରଣତି ମାହାନ୍ତ, ଅମରେନ୍ଦ୍ର ମାହାନ୍ତ,ଦୀପକ ମାହାନ୍ତ, ସସ୍ମିତା ମିଶ୍ର, ବିଜୟ ଲକ୍ଷ୍ମୀ ମିଶ୍ର, ସୋନାଲି ପରିଡା ,ହେମନ୍ତ ରାୟ, ବବିତା ସାମଲ,ଦୁର୍ଗେସି ନନ୍ଦିନୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟରେ କମ୍ପାନୀ ସ୍ୱୀକୃତିପ୍ରାପ୍ତି ପାଇଁ ୟୁନିୟନ ନିର୍ବାଚନ

**ରାଜଗାଙ୍ଗପୁର, ୨୯।୮(ଡି.ଏନ.ଏ)**

ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଣ୍ଟ କାରଖାନାର ରିଫ୍ୟାକଟ୍ରି ତଥା ସିମେଣ୍ଟ କାରଖାନାରେ କମ୍ପାନୀ ସ୍ୱୀକୃତି ପ୍ରାପ୍ତପାଇଁ ୟୁନିୟନ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ରିଫ୍ୟାକଟ୍ରିରେ ବିଏମ୍‌ଏସ (ଗାଙ୍ଗପୁର ମଜଦୁର ସଂଘ) ୧୯୦ଟି ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସିଆଇଟିୟୁ ମାତ୍ର ୧୩୦ଟି ଭୋଟ ପାଇଥିଲେ। ସେହିପରି ସିମେଣ୍ଟ କାରଖାନାରେ ବିଏମଏସ୍ ୨୬୪ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଏସ୍‌ଏମଏସ୍ ମାତ୍ର ୧୧୦ ଖଣ୍ଡ ଭୋଟ ପାଇଥିଲେ। ଡାଲମିଆ ସିମେଣ୍ଟର ଦୁଇଟି ଯାକ କାରଖାନାରେ ବିଏମ୍‌ଏସ୍ ୟୁନିୟନ ବାଜିମାତ ମାରିଛି। ବିଏମ୍‌ଏସ୍‌ର ନେତୃବୃନ୍ଦଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ସମନ୍ୱୟ କମିଟି ବୈଠକ

**ଦେବଗଡ, ୨୯।୮(ଡି.ଏନ.ଏ)**

ଦେବଗଡ଼ ଜିଲାର ପ୍ରସିଦ୍ଧ ଗଣେଶ ପୂଜା ଉତ୍ସବ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପୂଜା କମିଟିର ସଭ୍ୟ ଓ ଜିଲା ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମନ୍ୱୟ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ଦେବଗଡ଼ଠାରେ ପ୍ରସିଦ୍ଧ ଗଣେଶ ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ପୂଜା କମିଟିର ସଭାପତିଶମ୍ଭୁନାଥ ଗୋୟେଲ ଗଣେଶ ପୂଜା ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ପୂଜା ପୂର୍ବରୁ ସହରର ବିଭିନ୍ନ ରାସ୍ତାଘାଟରେ ବିଜୁଳିର ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା,ଜଳଯୋଗାଣ ସୁବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର, ଆଇନଶୃଙ୍ଖଳା ପାଇଁ ପୋଲିସ କଣ୍ଟ୍ରୋଲ ରୁମ ଓ ଆବଶ୍ୟକ ପୋଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ରାସ୍ତାଘାଟରେ ଅଳିଆ ଆବର୍ଜନା ପାଇଁ ଡ଼ଷ୍ଟବିନର ବ୍ୟବସ୍ଥା, ପ୍ଲାଷ୍ଟିକ ବର୍ଜନ, ପ୍ରତ୍ୟେକ ଷ୍ଟଲ ପାଖରେ ପାଣି ଓ ବାଲିର ବ୍ୟବସ୍ଥା, ଗାଡ଼ି ପାର୍କିଂର ବ୍ୟବସ୍ଥା, ସଚେତନତା ପାଇଁ କଣ୍ଟ୍ରୋଲ ରୁମର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଜିଲାସ୍ତରୀୟ ଅଧିକାରୀ ଗଣେଶ ପୂଜା କମିଟିର ସମ୍ପାଦକ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସାର୍ବଜନୀନ ଗଣେଶ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ପାଳନ ପାଇଁ ଉଦ୍ୟମ



ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

### ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

**ସୁନ୍ଦରଗଡ଼,୨୯।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ ଅଦାଲତର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ୨୦୧୪ ମସିହାରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ସୋମବାର ଶୁଣାଣି କରି ଅଭିଯୁକ୍ତ ମଙ୍ଗଲୁ ଖେସ (୪୦)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ସକାଶେ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବିଜାଖମଣ ମଝାପଡା ଗ୍ରାମର ମଙ୍ଗଲୁ ଗତ ତା ୯।୮।୨୦୧୪ ରାତି ପ୍ରାୟ ସାଢ଼େ ୯ ବେଳକୁ ନାବାଳିକାଙ୍କ ଘରେ ପହଞ୍ଚି ଥିଲେ। ସେତେବେଳେ ୧୧ବର୍ଷୀୟ ନାବାଳିକା ଝିଅ ସହ ମାଆ ବାପା ଖାଇପିଇ ସାରି ଶୋଇବାକୁ ଯାଉଥିଲେ। ଅଭିଯୁକ୍ତଙ୍କୁ ଆସିବାର କାରଣ ପଚାରିବାରୁ ସେ କହିଥିଲେ,ତାଙ୍କର ଏକ ନୂଆ ପିଲା ଛୁଆ ଜନ୍ମ ହୋଇଛି। ହେଲେ ତାର ଦେହ ଭଲ ନ ଥିବାରୁ ଜଣେ ଛୋଟ କୁଆରୀ ଝିଅ ଦରକାର। ବୈଦ୍ୟ ଔଷଧ ତିଆରି କରିବ। ଗାଁ ପଡିଶା ଲୋକ ଭାବି ଝିଅର ମାଆବାପା ଝିଅକୁ ତାଙ୍କ ସାଙ୍ଗରେ ଛାଡି ଦେଇଥିଲେ। ହେଲେ ଝିଅକୁ ରାତିରେ ମଙ୍ଗଲୁ ଆଉ ତାଙ୍କର ଘରକୁ ଫେରାଇ ଆଣି ନ ଥିଲେ। ତହିଁ ପରଦିନ ସକାଳେ ଗ୍ରାମର ଏକ ବରକୋଳି ଗଛ ମୂଳରୁ ଝିଅକୁ ଉଦ୍ଧାର କରି ଗ୍ରାମର ଏକ ଦମ୍ପତି ଆଣି ତାଙ୍କ ଘରେ ଛାଡି ଥିଲେ। ରାତିରେ ମଙ୍ଗଲୁ ତାଙ୍କୁ ଜଙ୍ଗଲକୁ ନେଇ ଦେହରୁ ଲୁଗାପଟା ଖୋଲି ତାସହିତ ବଳାତ୍କାର କରିଥିବା ପ୍ରକାଶ କରିଥିଲା। ଏହା ପରେ ପୀଡିତା ନାବାଳିକାଙ୍କ ବାପା ଘଟଣା ସମ୍ପର୍କରେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତ ମଙ୍ଗଲୁ ଖେସଙ୍କୁ କୋର୍ଟ ଚାଲାଣ କରିଥିଲା। ଅଦାଲତ ଏହି ମାମଲାର ବିଚାର ପରେ ସୋମବାର ଶୁଣାଣି କରି ୧୦ବର୍ଷ ଜେଲ ଦଣ୍ଡାଦେଶ ସହ ପୀଡିତାଙ୍କୁ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧୀକରଣଙ୍କୁ ଆଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

### ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ

**ରାଜଗାଙ୍ଗପୁର ୨୯।୮(ଡି.ଏନ.ଏ.)**

ରାଜଗାଙ୍ଗପୁର ସହରରେ ଥିବା ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ସୋମବାର ଜାତୀୟ କ୍ରୀଡା ଦିବସ ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନୂତନ ଖମାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧାପକ ସପନ ପଣ୍ଡା, ସୁକାନ୍ତ ଖାଲଖୋ, ବିକାଶ ଲତା ସରେଙ୍ଗ ଓ କ୍ରୀଡା ଶିକ୍ଷୟିତ୍ରୀ ପୁଷ୍ପଲତା ଷଡଙ୍ଗୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟର କ୍ରୀଡାବିତଙ୍କୁ ନେଇ ଏକ ମାରାଥନ ରନ ଅନୁଷ୍ଠିତ ହୋଇଥିଲା। ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



କ୍ରୀଡାବିତଙ୍କୁ ନେଇ ଏକ ମାରାଥନ ରନ କରାଯାଇଥିଲା।

# କୋଇଲା ପରିବହନ ଯୋଗୁ ରାସ୍ତା ଜାମ୍

### ନିୟନ୍ତ୍ରଣ ପାଇଁ ବିଧାୟିକା କୁସୁମ ରାସ୍ତାରେ

**ସୁନ୍ଦରଗଡ଼,୨୯।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଏମ୍‌ସିଏଲଠାରୁ ସୁନ୍ଦରଗଡ଼ ଓ କନିକା ସାଇଡିଂ ପର୍ଯ୍ୟନ୍ତ ବିଭିନ୍ନ ଟ୍ରକ ଯୋଗେ କୋଇଲା ପରିବହନ ହେଉଛି। ପ୍ରତିଦିନ ଏମ୍‌ସିଏଲ୍‌ରୁ ହଜାର ହଜାର ଟ୍ରକ ଲାଇନ କରି ବିଭିନ୍ନ କଳକାରଖାନାକୁ କୋଇଲା ପରିବହନ କରୁଛନ୍ତି। ଏହି କୋଇଲା ବୋଝେଇ ଟ୍ରକ ଏତେ ମାତ୍ରାରେ ହେଉଛି ଏହାର କୌଣସି ଟ୍ରାଫିକ ନିୟମ ନ ହେବାରୁ ଘଣ୍ଟା ଘଣ୍ଟା ରାସ୍ତା ଉପରେ ଟ୍ରକଗୁଡିକ ଲମ୍ବା ଧାଡିକରି ଠିଆ ହେଉଛି। ଫଳରେ ବିଭିନ୍ନ ସ୍ଥାନରେ ସାଧାରଣ ଜନତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆମ୍ବୁଲାନ୍ସ ଯିବାକୁ ମଧ୍ୟ ରାସ୍ତା ମିଳୁନାହିଁ। ଏପରିକି ସୋମବାର ସନ୍ଧ୍ୟାରେ ଗର୍ଜନବାହାଲଠାରେ ଦୀର୍ଘ ସମୟ ରାସ୍ତା ଜାମ ହୋଇଥିଲା।



ବିଧାୟିକା କୁସୁମ କୋଇଲା ଟ୍ରକ ଯୋଗୁ ରାସ୍ତା ଜାମ ହୋଇଥିବା ସ୍ଥାନରେ।

ଫଳରେ ସେହି ରାସ୍ତା ଦେଇ ଯାଉଥିବା ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ରାସ୍ତା ଉପରେ ଠିଆ ହୋଇ ରାସ୍ତା ଜାମ ଖାଲି କରେଇଥିଲେ। କିଛି ଦିନ ପୂର୍ବରୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପ୍ରଶାସନ, ବିଧାୟିକା କୁସୁମ ଟେଟେଙ୍କ ଉପସ୍ଥିତିରେ ଏହି ଦୁଇ ଲେନ ବିଶିଷ୍ଟ ରାସ୍ତାରେ ଗୋଟିଏ ପଟେ ଜନସାଧାରଣ ଓ ଅନ୍ୟ ପଟଟି କୋଇଲା ବୋଝେଇ ଟ୍ରକ ଚଳାଚଳ ବ୍ୟବହାର କରିବା ପାଇଁ ସ୍ଥିର ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ପାଳନ କରାଯାଉ ନ ଥିବାରୁ ଯଥାପୂର୍ବଂ ତଥା ପରଂ ପରିସ୍ଥିତି ଲାଗି ରହିଛି। ଏହାର ଶୀଘ୍ର ସମାଧାନ ପାଇଁ ଜନସାଧାରଣ ଦାବି ଜଣାଇଛନ୍ତି।

## ସଂକ୍ଷେପରେ

### ୩ରୁ ୬ ଯାଏ କଳାହାଣ୍ଡି ଜିଲାରେ ବୁଲିବ ଅହିଂସା ରଥ

ଭବାନୀପାଟଣା,୨୯।୮(ସ୍ୱ.ପ୍ର.): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଗତ ୧୫ ତାରିଖରୁ ଭୁବନେଶ୍ୱରରୁ ଅହିଂସା ରଥ ବିଭିନ୍ନ ଜିଲା ପରିକ୍ରମା କରି ଆସନ୍ତା ୩ ତାରିଖରେ କଳାହାଣ୍ଡି ଜିଲାରେ ପହଞ୍ଚିବ। ଜିଲାର ଗୋଲାମୁଣ୍ଡା ବ୍ଲକରେ ଏହି ୨ଟି ଅହିଂସା ରଥ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ସ୍ୱାଧୀନତାର ସ୍ମାରକୀ ବହନ କରୁଥିବା ଏହି ରଥ ଓଡ଼ିଶାର ବିର ସଂଗ୍ରାମୀ ଓ ବଳିଦାନର ବାର୍ତ୍ତା ପ୍ରଚାର କରିବ। ଏହି ୨ଟି ରଥ ଜିଲାରେ ୬ ତାରିଖ ପର୍ଯ୍ୟନ୍ତ ବୁଲିବା ପରେ ୭ ତାରିଖ ନବରଙ୍ଗପୁର ଜିଲା ଅଭିମୁଖେ ବାହାରିବ। ଏହି ରଥକୁ ସ୍ୱାଗତ, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ବିଡିଓ/ଇଓ, ଏନ୍ଏସି/ମ୍ୟୁନିସିପାଲଟି/ଡିଇଓ/ଡିଏସଡବ୍ଲୁଓ/ଡି ସି ଓ/ଡି ଏସ ଓ/କୁଳପତି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ/ନେହେରୁ ଯୁବ କେନ୍ଦ୍ର/ଡିଡବ୍ଲୁଓ/ ସମନ୍ୱୟ ଅଧିକାରୀ ତଥା ଡିଆଇପି ଆରଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ସାମାଜିକ ଓ ସାଂସ୍କୃତିକ ଅନଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ପଞ୍ଚାୟତିରାଜ ପ୍ରତିନିଧି ତଥା ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

### ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ

ଖଡ଼ିଆଳ,୨୯।୮(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଆରଏମ୍‌ସି ଗୋଦାମଠାରେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ବଣିକ ସଂଘ ସଭାପତି ରଶ୍ମିରଞ୍ଜନ ଚଲାନ, ପ୍ରବୀଣ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସରୋଜ କୁମାର ପଣ୍ଡା ଖେଳ ପରିଚାଳନା କରିଥିଲେ। ୨ଦିନ ଧରି ଚାଲିବାକୁ ଥିବା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଜିଲାର ୨୧ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏଥିରେ ସଂଘ ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ମାହାଣା, ରିତେଶ ବାବୁ, କୁନୁ କରୁଆଁ, ଆଲୋକ ରଥ, ସୁଦୀପ୍ତ ବିଶୋଇ, ବିଜୁ ସେଠୀ, ଅଙ୍କିତ ସାହୁ, ବନବିହାରୀ ବେହେରା, ମାନସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### କାୟାକଳ୍ପ ପକ୍ଷରୁ ସମ୍ବର୍ଦ୍ଧନା ସଭା

କେସିଙ୍ଗା,୨୯।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨୦୧୯-୨୦ ଏବଂ ୨୦୨୧-୨୨ ବର୍ଷର କାୟାକଳ୍ପ ସମ୍ବର୍ଦ୍ଧନା ସଭା କେସିଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌ସିଏଚ୍ କୋଠାରେ ଅନୁଷ୍ଠିତ ହୋଇଯାଇଛି। ଡା. ସୁବାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ତ ଡାକ୍ତର ଏବଂ କର୍ମଚାରୀଙ୍କ ସହିତ ଜିଲା ଚିକିତ୍ସାଳୟର ହସ୍ପିଟାଲ ମ୍ୟାନେଜର ଡା. ଶ୍ରୀରାମ ମହାନ୍ତି ଯୋଗଦେଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। କେସିଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡ. ସୁବାସ ଚନ୍ଦ୍ର ବେହେରା ସମସ୍ତ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ଜିଲା ଚିକିତ୍ସାଳୟ ସର୍ବଦା କେସିଙ୍ଗା ଡାକ୍ତରଖାନାଙ୍କୁ ସହଯୋଗ କରି ଆସୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରିଚାଳନା କରିଥିଲେ ବିଶ ଭୂଷଣ ପଧାନି ଏବଂ ଏଲଟି ଜେ. ଏଲ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

# ଅହିଂସା ଶବ୍ଦରେ ନୁହେଁ, କାର୍ଯ୍ୟରେ ପ୍ରଦର୍ଶିତ ହେଉ

## ବଲାଙ୍ଗୀର ଜିଲାରେ ପହଞ୍ଚିଲା ଅହିଂସା ରଥ

ବଲାଙ୍ଗୀର ଅଫିସ,୨୯।୮

ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ପରିକ୍ରମା କରୁଥିବା ଦୁଇ ଅହିଂସା ରଥ ସୋମବାର ବଲାଙ୍ଗୀର ଜିଲାରେ ପହଞ୍ଚିଥିଲା। ସୁବର୍ଣ୍ଣପୁର ଜିଲାରୁ ଆସିଥିବା ଏହି ରଥ ବଇରାସରଠାରେ ବଲାଙ୍ଗୀର ଜିଲାକୁ ପ୍ରବେଶ କରିଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ କୁମାର ନାଗଭୂଷଣ, ପୁଇଁତଲା ବିଡିଓ ଯୁଧିଷ୍ଠିର ନାଏକ, ପଞ୍ଚାୟତିରାଜ ପ୍ରତିନିଧି, ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍ଏଚ୍‌ଜି ମହିଳା ଓ ଜନସାଧାରଣ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରିଥିଲେ।

ରଥ ବଲାଙ୍ଗୀର ପହଞ୍ଚିବା ପରେ ମୁଖ୍ୟରାସ୍ତାରେ ପରିକ୍ରମା କରି ପ୍ରଥମ ରଥ ପିପି ଏକାଡେମୀ ଓ ଦ୍ୱିତୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲା। ଟିକ୍ରାପଡା ଗାନ୍ଧୀ ପାଠାଗାର ସମ୍ମୁଖରୁ ବରିଷ୍ଠ ନାଗରିକଗଣ ରଥକୁ ସ୍ୱାଗତ କରି ପିପି ଏକାଡେମୀକୁ ଆଣିଥିଲେ। ଏକାଡେମୀରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା ଯୋଗ ଦେଇଥିଲେ। ମୁଖ୍ୟଅତିଥି



ପିପି ଏକାଡେମୀରେ ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା ବୁଣାକାରଙ୍କୁ ଚରଖା ପ୍ରଦାନ କରୁଛନ୍ତି।

ବିଧାୟକ ମିଶ୍ର କହିଥିଲେ ଯେ, ଜାତିର ଜନକ ମହାତ୍ମା ଗାନ୍ଧୀ ଅହିଂସାକୁ ଅସ୍ତ୍ର କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସମ୍ବିଧାନ ମୁଖବନ୍ଧରେ ଅହିଂସା ଶବ୍ଦକୁ ଯୋଡିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଜି ରାଜ୍ୟ ସରକାର ଅହିଂସା ରଥକୁ ସମଗ୍ର ରାଜ୍ୟରେ ପରିକ୍ରମା କରି ଏହି ଉତ୍ସବକୁ ଆହୁରି ବ୍ୟାପକ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦର ପାତ୍ର। ଅହିଂସା ଶବ୍ଦରେ ନୁହେଁ, କାର୍ଯ୍ୟରେ ପ୍ରତିଫଳିତ ହେଲେ ଯାଇ ଆମର ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଚିତ୍ ସମ୍ମାନ ହେବେ ଏବଂ ଦେଶବାସୀ ଗାନ୍ଧୀଙ୍କୁ ମନେ ରଖିଛନ୍ତି ବୋଲି ବୁଝାପଡିବ ବୋଲି ବିଧାୟକ ମିଶ୍ର କହିଥିଲେ।

ଜିଲା ପରିଷଦ ଅଧକ୍ଷ ସାହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇଥିଲେ। ଜିଲାପାଳ ରାଣା ରାଜ୍ୟ ସରକାରଙ୍କ ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ୫ ଜଣ ବୁଣାକାରଙ୍କୁ ଅତିଥିମାନେ ଚରଖା ପ୍ରଦାନ କରିଥିଲେ। ସଭାରେ ବରିଷ୍ଠ ସମାଜସେବୀ ବିକ୍ରମାନନ୍ଦ ବହିଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ନୀଳମଣି ମିଶ୍ର, ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ସନ୍ଦୀପ କୁଅଁର, ଏକାଡେମୀ ପ୍ରଧାନ ଶିକ୍ଷକ ସିନ୍ଧୁସୁନ୍ଦର ପାଢ଼ୀ ଓ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଏକାଡେମୀ ଛାତ୍ରମାନେ ଦେଶାତ୍ମବୋଧକ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟରେ ପୌରାଧକ୍ଷା ଲିକା ସାହୁ, ମହାବିଦ୍ୟାଳୟ ଅଧକ୍ଷ ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିଲେ। ପ୍ରଥମ ରଥକୁ ଛତାମଖନା ଓ ଲୋଇସିଂହାରେ ସ୍ୱାଗତ କରାଯାଇଥିଲା। ଲୋଇସିଂହା ମହାବିଦ୍ୟାଳୟରେ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଲୋଇସିଂହା ବିଡିଓ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିଲେ। ସେଠାରୁ ରଥଟି ରାମପୁର, ସାଲେଭଟା, ଡୁଡୁକା, ରୋଥ ଦେଇ ଆଗଲପୁର ଯାଇଥିଲା। ଦ୍ୱିତୀୟ ରଥଟି କୁରୁଲ, ଆଟଗାଁ, ମହୀମୁଣ୍ଡା, ରୁଷୁଡା ଦେଓ ତୁଷରା ଯାଇଥିଲା। ବିଭିନ୍ନ ସ୍ଥାନରେ ରଥକୁ ଶତାଧିକ ଜନସାଧାରଣ, ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ମଙ୍ଗଳବାର ଏହି ରଥ ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର, ପାଟଣଗଡ, ଦେଓଗାଁ, ସଇଁତଲା, ଟିଟିଲାଗଡ ବ୍ଲକ୍‌ର ବିଭିନ୍ନ ଗାଁର ଓ ସହରାଞ୍ଚଳ ପରିକ୍ରମା କରିବ।

# ଗୁଡ଼ଭେଲା, ତୁଷୁରାରେ ଅହିଂସା ରଥକୁ ସ୍ୱାଗତ

ଗୁଡ଼ଭେଲା,୨୯।୮(ଡି.ଏନ.ଏ.)

ଅହିଂସା ରଥ ସୋମବାର ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନଏସିରେ ପହଞ୍ଚିଛି। ରଥ ରୁଷୁଡା ପଞ୍ଚାୟତରେ ପହଞ୍ଚିବା ପରେ ସରପଞ୍ଚ କୈଳାସ ବେହେରା, ବ୍ଲକ ଉପାଧକ୍ଷ ଟିଙ୍କୁ ପାଣିଗ୍ରାହୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ନାଏକ ଓ ଜନସାଧାରଣ ସ୍ୱାଗତ କରିଥିଲେ। ଏହାପରେ ତୁଷୁରା ଏନଏସିର ୫ଟି ହାଇସ୍କୁଲ ଓ ମହିପୁରଠାରେ ରଥକୁ ଏନଏସି ଅଧକ୍ଷ ଅଜୟ କୁମାର ଜୟସ୍ୱାଲ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତ ଚରଣ ଦାଶ, ସ୍କୁଲ ପରିଚାଳନ କମିଟି ସଭାପତି ବିଚିତ୍ରାନନ୍ଦ ପଟ୍ଟନାୟକ ସ୍ୱାଗତ କରିଥିଲେ। ଏହି ତିନୋଟି ସ୍ଥାନରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ଗୁଡ଼ଭେଲା ବିଡିଓ ବିନୋଦ ବିହାରୀ ନାୟକ ଉପସ୍ଥିତ ଥିଲେ।



ରୁଷୁଡା ଗ୍ରାମପଞ୍ଚାୟତରେ ରଥକୁ ସ୍ୱାଗତ କରାଯାଉଛି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

ଖଡ଼ିଆଳ,୨୯।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ସୋମବାର ପାଳିତ ହୋଇଯାଇଛି। ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବର ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଜିତେନ୍ଦ୍ର ନାଥ ପାଢ଼ୀ ଓ ନବୀନ କିଶୋର ପାଢ଼ୀ ଯୋଗଦାନ କରି କ୍ରୀଡ଼ାର ଗୁରୁତ୍ୱ ଓ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ, ସୁରବିଜୟ କାନ୍ତ ତାଣ୍ଡି ଓ କ୍ରୀଡ଼ା ଶିକ୍ଷକ ରତନ ସିଂ ବାରିକ ଯୋଗଦେଇ ଶାରୀରିକ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା କ୍ରୀଡ଼ା ଦିବସ ଉପରେ ସ୍ୱରଚିତ ଗୀତ ଗାୟନ କରିଥିଲେ। ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ନୀଳିମା ରାଣୀ ସାଗର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଦ୍ୟାଳୟ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ପ୍ରଶାନ୍ତ କୁମାର ପଣ୍ଡା, ନିରଞ୍ଜନ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ଗଜେନ୍ଦ୍ର ହରିଜନ, ସାଗର ବାଗ, ମହମ୍ମଦ କଲାମ, ବୈଷ୍ଣବ ମେହେର ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀ ଧରିତ୍ରୀ ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କବାଡି, ଖୋଖୋ, ମ୍ୟୁଜିକ୍‌କାଲ ଚେୟାର୍, ଅଖା ଦୌଡ଼ ଓ ଛୁଞ୍ଚିସୁତା ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲାରେ ପଥର କୋଇଲା କଳାବଜାର ବୃଦ୍ଧି

ନୂଆପଡ଼ା ଅଫିସ,୨୯।୮

ନୂଆପଡା ଜିଲାରେ ପଥର କୋଇଲା କଳାବଜାରି ବୃଦ୍ଧି ପାଇବାରେ ଲାଗିଛି। ଏହି କାରବାର ଆନ୍ଧ୍ରପ୍ରଦେଶରୁ ଛତିଶଗଡ ପର୍ଯ୍ୟନ୍ତି ଲମ୍ବିଛି। ଜିଲାରେ ଦୀର୍ଘ ଦିନରୁ ଏହି କାରବାର ଚାଲିଛି। ହେଲେ ପୋଲିସ ପ୍ରଶାସନ ସବୁ ଜାଣିଶୁଣି ମଧ୍ୟ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ପ୍ରାପ୍ତ ସୂଚନାମତେ ବିଶାଖାପାଟଣା ବନ୍ଦରରୁ ବିଭିନ୍ନ ଟ୍ରକ୍ ମାଧ୍ୟମରେ ପଥର କୋଇଲା ଛତିଶଗଡକୁ ୩୫୩ ନମ୍ବର ଜାତୀୟ ରାଜପଥ ଦେଇ ରପ୍ତାନୀ ହୋଇଥାଏ। ସେଠାରୁ ବଦଳରେ ମାଙ୍ଗାନିଜ ଓ ଲୁହା ଗୁଳି ବିଶାଖାପାଟଣାକୁ ଆମଦାନୀ ହୋଇଥାଏ। କିନ୍ତୁ କିଛି ଜାଗାରେ ତସ୍କରମାନେ ମାଲାମାଲ ହେଉଛନ୍ତି। ଜିଲାରେ ପ୍ରଥମେ କୋମନା ବ୍ଲକର ବଞ୍ଜାରୀ, ତରବୋଡ, ରେଙ୍ଗାବାହାଲ ଅଞ୍ଚଳରେ ଚାଲିଥିବା ବେଳେ ବର୍ତ୍ତମାନ ଜାତୀୟ ରାଜପଥ କଡରେ ଥିବା ଢାବା ମାଲିକଙ୍କ ସହ ସଲାସୁତୁରାରେ ଏହି କାରବାର ଜୋର ଧରୁଥିବା ଅଭିଯୋଗ ହେଉଛି। ଖଡିଆଳ ବ୍ଲକ ୩୫୩ ନମ୍ବର ଜାତୀୟ ରାଜପଥ କଡରେ ଥିବା ରାଇସ ମିଲକୁ ଭଡା ସୂତ୍ରରେ ନେଇ ଏହି କାରବାର ଚାଲୁଥିବା ସୂଚନା ମିଳିଛି। ମାଲ



ରଙ୍ଗଦିଆ ପଥର।

ଧରି ଆସୁଥିବା ଟ୍ରକ ଡ୍ରାଇଭରମାନଙ୍କୁ ହାତ ବାରିସି କରି ଟ୍ରକରୁ ମାଲ ଖଲାସ କରି ସେହି ଓଜନର ରଙ୍ଗଦିଆ ପଥର ଓ ଗୋଡି ଭରି ଦିଆଯାଏ। ଫଳରେ ମାଲ ବୋଝେଇ ଟ୍ରକରେ କିଛି ଫରକ ପଡି ନ ଥାଏ। ତସ୍କରମାନେ ଫ୍ୟାକ୍ଟ୍ରି ସହିତ ଯୋଗାଯୋଗ କରି ଖଲାସ ହୋଇଥିବା ମାଲରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି। ଟିଖାଳିସ୍ଥିତ ଏକ ଢାବା ସାମ୍ନାରେ କୋଇଲା ଖଣ୍ଡ ପଡିଥିବା ସତ୍ୟ ପ୍ରମାଣିତ କରୁଛି। ରାଜପଥ ଉପରେ ଜାଗା ଜାଗାରେ ଲୁହା ଗୁଳି ପଡି ରହିଛି। ପୋଲିସ ଉପଯୁକ୍ତ ପଦକ୍ଷେପ ନେଇ ଏହି ରାକେଟ୍‌ର ପର୍ଦ୍ଦାଫାଶ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ନୂଆପଡା ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଆମ ପାଖକୁ ଏହି ଅଭିଯୋଗ ଆସିନାହିଁ। ଆସିଲା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ପ୍ରତ୍ୟେକ ଥାନାକୁ ଜଣାଇ ଦେଉଛି ଏହା ଉପରେ ନଜର ରଖିବେ ବୋଲି ପ୍ରକାଶ କରିଥିଲେ।

### ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ତରଭା, ୨୯।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦୁବୁଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତିମୂର୍ତ୍ତି ତାଙ୍କ ନିଜ ଗ୍ରାମ କୁଟଶିରାରେ ସୋମବାର ଉନ୍ମୋଚିତ ହୋଇଯାଇଛି। ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ମନୋଜ ଝଙ୍କାରଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ କମ୍ପ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ତରଭା ଏନଏସିର ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ସରଗଜ ସରପଞ୍ଚ ନର୍ମଦା ମିଶ୍ର, ବଘିଆ ସରପଞ୍ଚ ଅଶ୍ୱିନୀ ବିଶି ଓ ପ୍ରିୟରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ନୀଳକଣ୍ଠ ବଗର୍ତ୍ତୀ ସ୍ୱାଗତ ଭାଷଣ ଓ ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରି ତାଙ୍କୁ ଜିଲାର ଜଣେ ଶ୍ରେଷ୍ଠ ଚାଷୀ ଓ ସଫଳ ରାଜନେତା ଭାବେ ଅଭିହିତ କରିଥିଲେ। ସ୍ୱର୍ଗତ ସାହୁ ୧୯୯୨ରୁ ୨୦୦୨ ପର୍ଯ୍ୟନ୍ତ ଦୁବୁଲା ପଞ୍ଚାୟତର ସରପଞ୍ଚ ଥିବା ସମୟରେ ପଞ୍ଚାୟତର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ସେ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ସଭାପତି, କୁଟଶିରା ପାଣି ପଞ୍ଚାୟତର ସଭାପତି ଭାବେ ତାଙ୍କର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ଜନପ୍ରିୟ ହୋଇଥିଲେ।

# ମଲମଣ୍ଡାରେ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗୀର ଅଫିସ,୨୯।୮

ପୁଇଁତଲା ବ୍ଲକ ମଲମଣ୍ଡା କଲ୍ୟାଣ ମଣ୍ଡପରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ମଲମଣ୍ଡା ବାବାସାହେବ ଆମ୍ବେଦକର କ୍ଲବ୍ ଏବଂ ବଲାଙ୍ଗୀରର ସ୍ୱରାଜ ହସ୍ପିଟାଲ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମଲମଣ୍ଡା ଓ ରଣ୍ଡା ପଞ୍ଚାୟତର ପ୍ରାୟ ୧୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମେଡିସିନ୍ ବଣ୍ଟନ କରାଯାଇଥିଲା। ଶିବିରରେ ପୂର୍ବତନ ସିଡିଏମ୍ଓ ତଥା ସ୍ୱରାଜ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡା ସୁଜ୍ଞାନେନ୍ଦ୍ର ମିଶ୍ର, ଗେଷ୍ଟ୍ରୋ ବିଶେଷଜ୍ଞ ଡା. ପ୍ରଦୀପ ପାଣିଗ୍ରାହୀ, ହୃଦ୍‌ରୋଗ ଡା ବିକ୍ରମାଦିତ୍ୟ ପାଢ଼ୀ, ଭେଷଜ ବିଶେଷଜ୍ଞ ଛୋଟରାୟ ମରାଣ୍ଡି, ସ୍ତ୍ରୀରୋଗ ବିଶେଷଜ୍ଞ ସ୍ୱାଧୀନ ମିଶ୍ର, ଶିଶୁରୋଗ ବିଶେଷଜ୍ଞ ପୁଷ୍ପାଞ୍ଜଳି ମିଶ୍ର, ଶଲ୍ୟ ବିଶେଷଜ୍ଞ ଭୂପେଶ ନାଥ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସରପଞ୍ଚ ବିଷ୍ଣୁ ପ୍ରସାଦ ପୁଟେଲ, ସାମାଜିକ କର୍ମୀ ଦୌଣ କୁମ୍ଭାର, ସଭାପତି ସନ୍ଦୀପ ନାଗ, ସମ୍ପାଦକ ଦାମୋଦର ବିଭାର, ଉପସଭାପତି ଦେବରାଜ ମହାନନ୍ଦ, ଗୋବିନ୍ଦ ବିଭାର, ଭକ୍ତ ମୁନା, ଅର୍ଜୁନ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜୀବିକା କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର




ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜୀବିକା କର୍ମକର୍ତ୍ତା ପ୍ରଶିକ୍ଷଣ ନେଉଛନ୍ତି।

ଦେଓଗାଁ,୨୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଓଡିଶା ଜୀବିକା ମିଶନ ଓ ରିଲାଏନ୍ସ ଫାଉଣ୍ଡେସନ ସହଯୋଗରେ ଆଜୀବିକା କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦିପ ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ରିଲାଏନ୍ସ ଫାଉଣ୍ଡେସନର ଜିଲା ପ୍ରକଳ୍ପ ଅଧିକାରୀ ପିହୁରାଣୀ ମଲ, ଶୈଳେନ୍ଦ୍ର ଏକ୍କା, ବିବିସି ଭକ୍ତି ଭୂଷଣ ପଣ୍ଡା ଯୋଗଦେଇ ନିଜେ କେମିତି ସ୍ୱାବଲମ୍ବୀ ହୋଇପାରିବା ସେ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଆତ୍ମ ବିଶ୍ୱାସର ସହ ଯେଉଁ କାର୍ଯ୍ୟ କଲେ ତାହା ସଫଳତା ମିଳିଥାଏ ବୋଲି କହିଥିଲେ। ଏ ଅବସରରେ ଉପସ୍ଥିତ ଏମବିକେ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ହୋଇଥିଲା। ଅନୁମିତା ପଧାନ ପ୍ରଥମ, ଧରିତ୍ରୀ ନାଏକ ଦ୍ୱିତୀୟ ଓ ମମତା ସା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ସବ୍ୟାରାଣୀ ମହାଲିଙ୍ଗ ଓ କସ୍ତୁରୀ ତରାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସନ୍ଧ୍ୟା ହେଲେ ଦୁର୍ଗମ ଅଞ୍ଚଳରେ ହାତୀ ଭୟ

## ପୁଣି ଘର, ଫସଲ ନଷ୍ଟ ସହ ଗାଡ଼ି ଭାଙ୍ଗିଲେ

ଲାଞ୍ଜିଗଡ଼,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ପ୍ରତ୍ୟେକ ଦିନ ହାତୀ ଗୋଟିଏ ପରେ ଗୋଟିଏ ଗାଁରେ ପଶି ଗରିବଙ୍କ ଘର ଭାଙ୍ଗିବା ସହ କଷ୍ଟ ଉପାର୍ଜିତ ଫସଲ ନଷ୍ଟ କରୁଛନ୍ତି। ଫଳରେ ଅଞ୍ଚଳବାସୀ ରାତିରେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେଡାଗାଁ ପଞ୍ଚାୟତ ଆଦିବାସୀ ସାହିରେ ପୁଣି ଏକ ଘଟଣା ଘଟିଛି। ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ବେଡାଗାଁର ଆଦିବାସୀ ସାହିରେ ହାତୀପଲ ପଶି ୪ରୁ ୫ଏକର ମକା ଚାଷ ମାଡି ଚକଟି ନଷ୍ଟ କରିଦେଇଛନ୍ତି। ପରେ ଗାଁର ଧନୁ ମାଝି, ରମେଶ ମାଝି, ଆନ୍ଧୁ ମାଝି ଓ ସାଲୁପୁ ମାଝିଙ୍କ ଘର ଭାଙ୍ଗି ଦେଇଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ ବିଳମ୍ବିତ ରାତିରେ ଧନୁ ମାଝିଙ୍କ ବାଡିରେ ପଶି ମକାଚାଷ ନଷ୍ଟ କରିବା ପରେ ହାତୀପଲ ଗର୍ଜନ କରିଥିଲେ। ଗର୍ଜନ ଶୁଣି ଧନୁ ସ୍ତ୍ରୀ ପିଲାଛୁଆଙ୍କୁ ଧରି ବାହାରକୁ ଚାଲିଆସିଥିଲେ। ପଡାର ସମସ୍ତେ ବାହାରକୁ ଚାଲି ଆସି ହାତୀ ଘଉଡେଇବା ପାଇଁ ନିଆଁ ଲଗାଇଥିଲେ। ହେଲେ ହାତୀପଲ କିଛି ଭ୍ରୁକ୍ଷେପ ନ କରି ଧନୁଙ୍କ ଘର ଭିତରେ ପଶି ଖାଦ୍ୟଶସ୍ୟ ସବୁ ନଷ୍ଟ କରିବା ସହ ଛେଳି ଗୋଟିଏ ମାଡି ଦେବା ସହ ଘର ଭାଙ୍ଗି ଦେଇଥିଲେ ଏବଂ ରମେଶ ମାଝିଙ୍କ ଗୋଟିଏ ବାଇକ୍ ଭାଙ୍ଗି ଦେଇଛନ୍ତି। ପରେ ରମେଶ, ଆଙ୍ଗୁ ମାଝି ଓ ସାଲୁପୁ ମାଝିଙ୍କ ଘର ମଧ ନଷ୍ଟ କରିଦେଲେ। ବର୍ତ୍ତମାନ ଏହି ୪ଟି ପରିବାର ପୋଡଷୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବିଶ୍ୱନାଥପୁର ରେଞ୍ଜର ନରତ୍ତୋମ ମାଝିଙ୍କ ନେତୃତ୍ୱରେ ଏକ ଟିମ ଯାଇ ତଦାରଖ କରିଥିବା ବେଳେ ତହସିଲଦାର ମୁନିନ୍ଦ୍ର ହୁନ୍ନାଗାଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

ସୂଚନା ଥାଉକି ଗତ ୨୮ତାରିଖରେ ପିଡେଲବାଜୁ ଗାଁର ୪ଟି ଘର ହାତୀପଲ ଭାଙ୍ଗି ଦେଇଛନ୍ତି। ହାତୀ ଯୋଗୁ ଦୁର୍ଗମ ଅଞ୍ଚଳବାସୀ ରାତିରେ ଅନିଦ୍ରା ରହି ପହରା ଦେଉଛନ୍ତି। ବନବିଭାଗ ପକ୍ଷରୁ ହାତୀର ଗତିପଥକୁ ଲକ୍ଷ୍ୟ କରିବା ଓ ହାତୀ ଘଉଡେଇବା ପାଇଁ ଏଲିଫେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି, ହେଲେ ଏହା କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି ସତ ହେଲେ ହାତୀ ଘର ଭାଙ୍ଗିବାର ମାସ ମାସ ବିତିଯାଉଥିଲେ ହେଁ କ୍ଷତିପୂରଣ ମିଳିପାରୁନାହିଁ । ଏହାକୁ ନେଇ ଦୁର୍ଗମ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି।




ହାତୀ ଭାଙ୍ଗିଦେଇଥିବା ଘର।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୯।୮:** ରାଉରକେଲା ଅବକାରୀ ପୋଲିସ ବେଦବ୍ୟାସ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିବ ଶଙ୍କର ସାହୁ ଓ ମୁକେଶ ସାହୁ। ସେମାନଙ୍କଠାରୁ ୩୬.୭୫୦ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି। ଶିବ ଓ ମୁକେଶ ଏକ ସ୍କୁଟି (ନଂ.ଓଡି୧୪ଜି/୦୨୮୦) ଯୋଗେ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ବେଦବ୍ୟାସ ମନ୍ଦିର ରୋଡ ଛକରେ ନକଲି ମଦ ସହ ଧରାପଡିଥିଲେ।

### ଶିକ୍ଷାର୍ଥୀଙ୍କ ଆବର୍ଜନା ପରିଚାଳନା କେନ୍ଦ୍ର ପରିଦର୍ଶନ

**ସୁନ୍ଦରଗଡ,୨୯।୮(ଡି.ଏନ.ଏ):** ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୪୬ ଜଣ ଛାତ୍ରୀଛାତ୍ର ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ଆବର୍ଜନା ପରିଚାଳନା କେନ୍ଦ୍ର ପରିଦର୍ଶନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ସସ୍ମିତା ଯୋଷୀ, ବିଧୁଭୂଷଣ ନାଏକ, ଅନିତା ଦାସ ଓ ପର୍ଶୁରାମ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସୁନ୍ଦରଗଡ଼ ମ୍ୟୁନିସିପାଲଟି ଦ୍ୱାରା ପରିଚାଳିତ ଆବର୍ଜନା ପରିଚାଳନା କେନ୍ଦ୍ର ପରିଦର୍ଶନ କରିବାକୁ ଯାଇଥିଲେ। ଏହି ଅଭିନବ କାର୍ଯ୍ୟକ୍ରମ ସୁନ୍ଦରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦିତା ନାଏକଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର ସାଇକେଲ ଯୋଗେ ଯାଇ ସେଠାରେ ଚାଲୁଥିବା ଆବର୍ଜନା ପରିଚାଳନା ପଦ୍ଧତି ବିଷୟରେ ସବିଶେଷ ଧାରଣାପ୍ରାପ୍ତ କରିଥିଲେ। ଆବର୍ଜନା ପରିଚାଳନା କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ତେଜସ୍ୱୀ ପ୍ରସାଦ ଶର୍ମା ଛାତ୍ରୀଛାତ୍ରଙ୍କୁ ଆଗ୍ରହ ସହକାରେ ସମଗ୍ର ପ୍ରକ୍ରିୟା ବୁଝାଇ ଦେବା ସହିତ ସେମାନଙ୍କ ଅନେକ ପ୍ରଶ୍ନର ଉତ୍ତର ସହଜ ଭାବରେ ବୁଝାଇଥିଲେ। ଆବର୍ଜନା ସଂଗ୍ରହ ଓ ତାହାର ପରିଚାଳନା ପଦ୍ଧତି ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ କରି ଶିକ୍ଷାର୍ଥୀମାନେ ଉପକୃତ ହୋଇପାଇଛନ୍ତି ବୋଲି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମତ ପ୍ରକାଶ କରିଥିଲେ।

### ୩ ରୁ ୬ ଯାଏ କଳାହାଣ୍ଡି ଜିଲାରେ ବୁଲିବ ଅହିଂସା ରଥ

**ଭବାନୀପାଟଣା,୨୯।୮(ସ୍ୱ.ପ୍ର.):** ଅମୃତ ମହୋତ୍ସବ ଅବସରରେ ଗତ ୧୫ ତାରିଖରୁ ଭୁବନେଶ୍ୱରରୁ ଅହିଂସା ରଥ ବିଭିନ୍ନ ଜିଲା ପରିକ୍ରମା କରି ଆସନ୍ତା ୩ ତାରିଖରେ କଳାହାଣ୍ଡି ଜିଲାରେ ପହଞ୍ଚିବ। ଜିଲାର ଗୋଲାମୁଣ୍ଡା ବ୍ଲକରେ ଏହି ୨ଟି ଅହିଂସା ରଥ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ସ୍ୱାଧୀନତାର ସ୍ମାରକୀ ବହନ କରୁଥିବା ଏହି ରଥ ଓଡ଼ିଶାର ବିର ସଂଗ୍ରାମୀ ଓ ବଳିଦାନର ବାର୍ତ୍ତା ପ୍ରଚାର କରିବ। ଏହି ୨ଟି ରଥ ଜିଲାରେ ୬ ତାରିଖ ପର୍ଯ୍ୟନ୍ତ ବୁଲିବା ପରେ ୭ ତାରିଖ ନବରଙ୍ଗପୁର ଜିଲା ଅଭିମୁଖେ ବାହାରିବ। ରଥକୁ ସ୍ୱାଗତ, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ବିଡିଓ/ଇଓ, ଏନ୍‌ଏସି/ମ୍ୟୁନିସିପାଲଟି/ଡିଇଓ/ଡି ଏସଡବ୍ଲୁ ଓ/ଡି ସି ଓ/ଡି ଏସ ଓ/କୁଳପତି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ/ଡିଡବ୍ଲୁଓ/ ସମନ୍ୱୟ ଅଧିକାରୀ ତଥା ଡିଆଇପି ଆରଓଙ୍କୁ ଦାୟିତ୍ୱ ଦିଆଯାଇଛି।

# ଅହିଂସା ଶବ୍ଦରେ ନୁହେଁ, କାର୍ଯ୍ୟରେ ପ୍ରଦର୍ଶିତ ହେଉ

## ବଲାଙ୍ଗୀର ଜିଲାରେ ପହଞ୍ଚିଲା ଅହିଂସା ରଥ

**ବଲାଙ୍ଗୀର ଅଫିସ,୨୯।୮**

ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ପରିକ୍ରମା କରୁଥିବା ଦୁଇ ଅହିଂସା ରଥ ସୋମବାର ବଲାଙ୍ଗୀର ଜିଲାରେ ପହଞ୍ଚିଥିଲା। ସୁବର୍ଣ୍ଣପୁର ଜିଲାରୁ ଆସିଥିବା ଏହି ରଥ ବଇରାସରଠାରେ ବଲାଙ୍ଗୀର ଜିଲାକୁ ପ୍ରବେଶ କରିଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ କୁମାର ନାଗଭୂଷଣ, ପୁଇଁତଲା ବିଡିଓ ଯୁଧିଷ୍ଠିର ନାଏକ, ପଞ୍ଚାୟତିରାଜ ପ୍ରତିନିଧି, ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍ଏଚ୍‌ଜି ମହିଳା ଓ ଜନସାଧାରଣ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରିଥିଲେ।

ରଥ ବଲାଙ୍ଗୀର ପହଞ୍ଚିବା ପରେ ମୁଖ୍ୟରାସ୍ତାରେ ପରିକ୍ରମା କରି ପ୍ରଥମ ରଥ ପିପି ଏକାଡେମୀ ଓ ଦ୍ୱିତୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲା। ଟିକ୍ରାପଡା ଗାନ୍ଧୀ ପାଠାଗାର ସମ୍ମୁଖରୁ ବରିଷ୍ଠ ନାଗରିକଗଣ ରଥକୁ ସ୍ୱାଗତ କରି ପିପି ଏକାଡେମୀକୁ ଆଣିଥିଲେ। ଏକାଡେମୀରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା ଯୋଗ ଦେଇଥିଲେ। ମୁଖ୍ୟଅତିଥି



ପିପି ଏକାଡେମୀରେ ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା ବୁଣାକାରଙ୍କୁ ଚରଖା ପ୍ରଦାନ କରୁଛନ୍ତି।

ବିଧାୟକ ମିଶ୍ର କହିଥିଲେ ଯେ, ଜାତିର ଜନକ ମହାତ୍ମା ଗାନ୍ଧୀ ଅହିଂସାକୁ ଅସ୍ତ୍ର କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସମ୍ବିଧାନ ମୁଖବନ୍ଧରେ ଅହିଂସା ଶବ୍ଦକୁ ଯୋଡିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଜି ରାଜ୍ୟ ସରକାର ଅହିଂସା ରଥକୁ ସମଗ୍ର ରାଜ୍ୟରେ ପରିକ୍ରମା କରି ଏହି ଉତ୍ସବକୁ ଆହୁରି ବ୍ୟାପକ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦର ପାତ୍ର। ଅହିଂସା ଶବ୍ଦରେ ନୁହେଁ, କାର୍ଯ୍ୟରେ ପ୍ରତିଫଳିତ ହେଲେ ଯାଇ ଆମର ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଚିତ୍ ସମ୍ମାନ ହେବେ ଏବଂ ଦେଶବାସୀ ଗାନ୍ଧୀଙ୍କୁ ମନେ ରଖିଛନ୍ତି ବୋଲି ବୁଝାପଡିବ ବୋଲି ବିଧାୟକ ମିଶ୍ର କହିଥିଲେ।

ଜିଲା ପରିଷଦ ଅଧ୍ୟକ୍ଷ ସାହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇଥିଲେ। ଜିଲାପାଳ ରାଣା ରାଜ୍ୟ ସରକାରଙ୍କ ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ୫ ଜଣ ବୁଣାକାରଙ୍କୁ ଅତିଥିମାନେ ଚରଖା ପ୍ରଦାନ କରିଥିଲେ। ସଭାରେ ବରିଷ୍ଠ ସମାଜସେବୀ ବିକ୍ରମାନନ୍ଦ ବହିଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ନୀଳମଣି ମିଶ୍ର, ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ସନ୍ଦୀପ କୁଅଁର, ଏକାଡେମୀ ପ୍ରଧାନ ଶିକ୍ଷକ ସିନ୍ଧୁସୁନ୍ଦର ପାଢ଼ୀ ଓ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଏକାଡେମୀ ଛାତ୍ରମାନେ ଦେଶାତ୍ମବୋଧକ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟରେ ପୌରାଧ୍ୟକ୍ଷା ଲିକା ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିଲେ। ପ୍ରଥମ ରଥକୁ ଛତାମଖନା ଓ ଲୋଇସିଂହାରେ ସ୍ୱାଗତ କରାଯାଇଥିଲା। ଲୋଇସିଂହା ମହାବିଦ୍ୟାଳୟରେ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଲୋଇସିଂହା ବିଡିଓ ଉପସ୍ଥିତ ରହି ଅହିଂସା ରଥକୁ ସ୍ୱାଗତ କରିଥିଲେ। ସେଠାରୁ ରଥଟି ରାମପୁର, ସାଲେଭଟା, ଡୁଡୁକା, ରୋଥ ଦେଇ ଆଗଲପୁର ଯାଇଥିଲା। ଦ୍ୱିତୀୟ ରଥଟି କୁରୁଲ, ଆଟଗାଁ, ମହୀମୁଣ୍ଡା, ରୁଷୁଡା ଦେଓ ଡୁଷରା ଯାଇଥିଲା। ବିଭିନ୍ନ ସ୍ଥାନରେ ରଥକୁ ଶତାଧିକ ଜନସାଧାରଣ, ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ମଙ୍ଗଳବାର ଏହି ରଥ ଦ୍ୱିତୀୟ ପର୍ଯ୍ୟାୟରେ ବଲାଙ୍ଗୀର, ପାଟଣଗଡ, ଦେଓଗାଁ, ସଇଁତଳା, ଟିଟିଲାଗଡ ବ୍ଲକ୍‌ର ବିଭିନ୍ନ ଗାଁର ଓ ସହରାଞ୍ଚଳ ପରିକ୍ରମା କରିବ।

# ଜାତୀୟ କ୍ରୀଡା ଦିବସରେ କ୍ରିକେଟ୍ ମ୍ୟାଚ୍

**ରାଉରକେଲା ଅଫିସ,୨୯।୮**

ରାଉରକେଲା ସିଆରପିଏଫ-୧୯ ବାଟାଲିୟନ ଖେଳ ପଡିଆରେ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଏକ କ୍ରିକେଟ୍ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ପାନପୋଷ ସିଭିଲ ଷ୍ଟ୍ରାଇକର ଦଳ ଓ ସିଆରପିଏଫ ୧୯ ବାଟାଲିୟନ ଦଳ ମଧ୍ୟରେ ଖେଳା ଯାଇଥିଲା। ସିଆର୍‌ପିଏଫ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ପାନପୋଷ ସିଭିଲ ଷ୍ଟ୍ରାଇକର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫୯ ରନ କରିଥିଲା। ଜବାବରେ ସିଆରପିଏଫ-୧୯ ବାଟାଲିୟନ ଦଳ ମାତ୍ର ୩୮ ରନ କରି ପରାଜିତ ହୋଇଥିଲା। ପାନପୋଷ ସିଭିଲ ଷ୍ଟ୍ରାଇକର ଦଳ ପକ୍ଷରୁ ଚାର୍ଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ରାଜୀବ ଏକ୍କାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ନ୍ତଜାତୀୟ ମହିଳା କ୍ରିକେଟ ଖେଳାଳି ଅଞ୍ଜୁଲତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବାଟାଲିୟନର କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା, ସିରାଜୁଲ ଆଲାମ, ଉପ କମାଣ୍ଡାଣ୍ଟ ଅମିତ କୁମାର ଉପସ୍ଥିତ ଥିଲେ। ସେହିପରି ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ଛେଣ୍ଡ ସ୍ଥିତ ହୃଷିକେଶ ରାୟ ମହାବିଦ୍ୟାଳୟ ପରିସରରେ ପାନପୋଷ କ୍ରୀଡା ସଙ୍ଗଠନ ପକ୍ଷରୁ ସଭାପତି ରଶ୍ମିତ ସାହାଣୀଙ୍କ ଅଧ୍ୟକ୍ଷତାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୋଲକ ବିହାରୀ ମଙ୍ଗରାଜ, କଲେଜର ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ, ବରିଷ୍ଠ ହକି ପ୍ରଶିକ୍ଷକ ସିଲଭେଷ୍ଟାର ଟପ୍ପୋ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ଉପସଭାପତି ମହେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଜେମ୍‌ସ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥଲେ। ସେହିପରି ରାଉରକେଲା ସାଇକେଲ ଆସୋସିଏଶନ ପକ୍ଷରୁ ଏକ ସାଇକେଲ ରାଲି ହୋଇଥିଲା।

# ରାଉରକେଲାରେ ଫେସୋନୋଭା ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୨୯।୮**

ନେକ୍ସଷ୍ଟ ଜେନ୍ ଫ୍ୟାଶନ ଟୁର ଆଣ୍ଡ ଲାଇଫ ଷ୍ଟାଇଲ ପକ୍ଷରୁ ଏକ ଘରୋଇ ହୋଟେଲ ପରିସରରେ ଚାଲିଥିବା ରାଉରକେଲା ଫେସୋନୋଭା ସୋମବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ବନ ବିଭାଗ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟ ଅତିଥି, ଏନ୍‌ଆଇଟି ପୁରାତନ ଛାତ୍ରସଂଘ ଅଧ୍ୟକ୍ଷ ବିମଳ ବିଶି, ଜୟହିନ୍ଦ୍ ସ୍ୱତ୍ତ୍ୱାଧିକାରୀ ରାଜେଶ ସାହୁ, ରାଉରକେଲା ଅବକାରୀ ଅଧିକାରୀ ସ୍ନେହଲତା ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୩ଟି ପର୍ଯ୍ୟାୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଡେଲମାନେ ଡିଜାଇନର ତରାଷଙ୍କ ପରିଧାନ ପିନ୍ଧି ରାମ୍ପରେ ଚାଲିଥିଲେ। ନେକ୍ସଷ୍ଟ ଜେନ୍‌ର ପ୍ରତିଷ୍ଠାତା ହିତେନ୍ଦ୍ର ସାହି ଓ ରତନ ସାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁବୋଧ ଚାନ୍ଦ, ସଚିନ ମହାନ୍ତି, ଡଲି ରାୟ ପ୍ରମୁଖ ସହଯୋଗ କରିଥିଲେ।

# ଦେବଗଡ଼ରେ ଜାତୀୟ କ୍ରୀଡ଼ା ଦିବସ

**ଦେବଗଡ଼ ୨୯।୮(ଡି.ଏନ୍.ଏ.)**

ସ୍ଥାନୀୟ ଇଣ୍ଡୋର୍ ହଲ ଠାରେ କିମ୍ବଦନ୍ତୀ ପୁରୁଷ, ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ତଥା ଜାତୀୟ କ୍ରୀଡା ଦିବସକୁ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ଯୋଗଦେଇ ସ୍ୱର୍ଗତ ମେଜର୍ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ହେମନ୍ତ କୁମାର ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ, କ୍ରୀଡ଼ା ଅଧିକାରୀ କୈବଲ୍ୟ କିଶୋର କର,





ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ ଉପସ୍ଥିତ ରହି ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଉପରେ ସ୍ମୃତି ଚାରଣ କରିଥିଲେ। ଅନ୍ୟାନଙ୍କ ମଧ୍ୟରେ ସଦସ୍ୟ ସୁଧୀର କୁମାର ଦାସ, କିଶୋର ରାଏ, ସହସମ୍ପାଦକ ପ୍ରଦୀପ ଛତ୍ରିଆ ,କିଶୋର ବେହେରା ଓ ଦିଲେଶ୍ୱର୍ ପ୍ରଧାନ ଉପସ୍ଥିତ ରହି ଯୁଗ ପୁରୁଷ ଧ୍ୟାନଚାନ୍ଦଙ୍କ ଫଟୋରେ ଶ୍ରଦ୍ଧା ପୁଷ୍ପ ଅର୍ପଣ କରିବା ସହ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏତଦ୍‌ବ୍ୟତୀତ ଅନେକ ବିଦ୍ୟାର୍ଥୀ, କ୍ରୀଡାବିତ କ୍ରୀଡ଼ା ପ୍ରେମୀ ଉପସ୍ଥିତ ରହିଥିଲେ। ଶ୍ରଦ୍ଧାର ସହ ଜାତୀୟ କ୍ରୀଡ଼ା ଦିବସକୁ ପାଳନ କରିଛନ୍ତି। ସଭା ଶେଷରେ ଦିଲେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ତରଭା, ୨୯।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦୁବୁଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତିମୂର୍ତ୍ତି ତାଙ୍କ ନିଜ ଗ୍ରାମ କୁର୍ଚ୍ଚିଶିରାରେ ସୋମବାର ଉନ୍ମୋଚିତ ହୋଇଯାଇଛି। ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ମନୋଜ ଝଙ୍କାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ କମ୍ପ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ତରଭା ଏନଏସିର ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ସରଗଜ ସରପଞ୍ଚ ନର୍ମଦା ମିଶ୍ର, ବଘିଆ ସରପଞ୍ଚ ଅଶ୍ୱିନୀ ବିଶି ଓ ପ୍ରିୟରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ନୀଳକଣ୍ଠ ବରର୍ଗ୍ତୀ ସ୍ୱାଗତ ଭାଷଣ ଓ ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରି ତାଙ୍କୁ ଜିଲାର ଜଣେ ଶ୍ରେଷ୍ଠ ଚାଷୀ ଓ ସଫଳ ରାଜନେତା ଭାବେ ଅଭିହିତ କରିଥିଲେ। ସ୍ୱର୍ଗତ ସାହୁ ୧୯୯୨ରୁ ୨୦୦୨ ପର୍ଯ୍ୟନ୍ତ ଦୁବୁଲା ପଞ୍ଚାୟତର ସରପଞ୍ଚ ଥିବା ସମୟରେ ପଞ୍ଚାୟତର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ସେ ଡୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ସଭାପତି, କୂର୍ଚ୍ଚିଶିରା ପାଣି ପଞ୍ଚାୟତର ସଭାପତି ଭାବେ ତାଙ୍କର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରି ଜନପ୍ରିୟ ହୋଇଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**କୁଆଁରମୁଣ୍ଡା,୨୯।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଜିଲାପାଳ ଡା.ଗଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରାଣୀ ସମ୍ପଦ, କୃଷି, ସମନ୍ୱିତ ଶିଶୁ ବିକାଶ, ପିଡବ୍ଲ୍ୟୁଡି, ଜଳସେଚନ, ରାସ୍ତା ଓ ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ,ବିଦ୍ୟୁତ, ଅବକାରୀ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରୁ ଲୋକେ ଆସି ସେମାନଙ୍କର ଲିଖିତ ଅଭିଯୋଗ ଜିଲାପାଳ ଡା.ହର୍ଷଦଙ୍କୁ ଜଣାଇବା ପରେ ସେ ସେଗୁଡିକର ସମାଧାନ ନିମନ୍ତେ ଉପସ୍ଥିତ ଥିବା ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନଙ୍କୁ ଡକାଇ ଅଭିଯୋଗ ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଏସପି ସାଗରିକା ନାଥ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବସିଂ ପଟେଲ,ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକାର, ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ପ୍ରମୁଖଙ୍କ ସହ ଅନ୍ୟାନ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅଟୋ ଚାଳକଙ୍କୁ ଥଇଥାନ ଦାବିରେ ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ,୨୯।୮**

ରାଉରକେଲା ବିଶ୍ରା ଛକା ଅଟୋ ଚାଳକମାନଙ୍କୁ ଥଇଥାନ ଦାବିରେ ସୋମବାର ମା’ ତାରିଣୀ ଅଟୋ ଷ୍ଟାଣ୍ଡ କମିଟି ପକ୍ଷରୁ ରାଉରକେଲା ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶ୍ରା ଛକରେ ଥିବା ଅଟୋ ଚାଳକମାନେ ଦୀର୍ଘ ଦିନରୁ ଉକ୍ତ ସ୍ଥାନରେ ଅଟୋ ଷ୍ଟାଣ୍ଡ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଉକ୍ତ ଷ୍ଟାଣ୍ଡଟି ଆରଏସ୍‌ପି ଜାଗାରେ ହୋଇଥିବାରୁ ଏହାକୁ କାରଖାନା କର୍ତ୍ତୃପକ୍ଷ ହଟାଇବାକୁ ନୋଟିସ କରିଛି। ତେଣୁ ଉକ୍ତ ସ୍ଥାନରେ ଦୀର୍ଘ ବର୍ଷ ଧରି ଅଟୋଷ୍ଟାଣ୍ଡ କରିଅଟୋ ରଖୁଥିବା ଚାଳକମାନେ ଏହାକୁ ବିରୋଧ କରିଛନ୍ତି। ଅଟୋ ଚାଳକମାନଙ୍କୁ ପ୍ରଥମେ ଥଇଥାନ କରି ଷ୍ଟାଣ୍ଡକୁ ହଟାଇବା ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ଅଟୋ ଚାଳକମାନେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇ ଏହାର ସମାଧାନ ଆଶା କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଅଟୋ ଚାଳକ ପ୍ରମୋଦ କୁମାର ପଣ୍ଡିତ, ଉପେନ୍ଦ୍ର ସିଂ, ଦିନୋ କୁମାର, କହ୍ନେୟା ସା, ଟି. ବାଲା ରାଜୁ, ରାଧେଶ୍ୟାମ, ବରୁଣ ମୁଖୀ, ଯାଦୁ ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକି ପ୍ରତିଯୋଗିତା

**ଦେବଗଡ,୨୯।୮(ଡି.ଏନ.ଏ)**

ଜାତୀୟ କ୍ରୀଡା ଦିବସ ଅବସରରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଓ ତିଲେଇବଣି ବ୍ଲକ ଶବରପାଲି ଗ୍ରାମର ସୁଧାର ସଂଘର ମିଳିତ ଆନୁକୂଲ୍ୟରେ ଶବରପାଲିରେ ହକି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ସୁଧାର ସଂଘର ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଚିନୁପ୍ରିୟା ନାୟକ, ସମ୍ମାନିତ ଅତିଥି ଭାବେ ନିର୍ଗୁଣୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ, ସୁଧାର ସଂଘର ସମ୍ପାଦକ ଏଜରା କୁଜୁର ଓ ସୁବାସ ଚନ୍ଦ୍ର ନାୟକ ଯୋଗଦେଇ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଜୀବନୀ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହା ପରେ ସଂଘର ସଦସ୍ୟ ପାଓନରାଇନ କୁଜୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୧୮ଟି ହକିଦଳକୁ ନେଇ ଏକ ଦିବସୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜିର ଫାଇନାଲ ମ୍ୟାଚ ମରଡଙ୍ଗ ଓ ଗଦାଧରପୁର ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗଦାଧରପୁର ଦଳକୁ ୧-୦ ଗୋଲରେ ପରାସ୍ତ କରି ମରଡଙ୍ଗ ହକି ଦଳ ଚାମ୍ପିୟନ ହୋଇଥିଲା । ରେଫରୀ ଭାବେ ଅଭତାର କୁଜୁର, ଉମଲାନ ଏକ୍କା ଓ ଆନନ୍ଦ ଲାକ୍ରା ମ୍ୟାଚଗୁଡିକୁ ପରିଚାଳନା କରିଥିଲେ।





ହକି ପ୍ରତିଯୋଗିତା ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

# ସନ୍ଧ୍ୟା ହେଲେ ଦୁର୍ଗମ ଅଞ୍ଚଳରେ ହାତୀ ଭୟ

## ପୁଣି ଘର, ଫସଲ ନଷ୍ଟ ସହ ଗାଡ଼ି ଭାଙ୍ଗିଲେ

**ଲାଞ୍ଜିଗଡ଼,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ପ୍ରତ୍ୟେକ ଦିନ ହାତୀ ଗୋଟିଏ ପରେ ଗୋଟିଏ ଗାଁରେ ପଶି ଗରିବଙ୍କ ଘର ଭାଙ୍ଗିବା ସହ କଷ୍ଟ ଉପାର୍ଜିତ ଫସଲ ନଷ୍ଟ କରୁଛନ୍ତି। ଫଳରେ ଅଞ୍ଚଳବାସୀ ରାତିରେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେଡାଗାଁ ପଞ୍ଚାୟତ ଆଦିବାସୀ ସାହିରେ ପୁଣି ଏକ ଘଟଣା ଘଟିଛି। ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ବେଡାଗାଁର ଆଦିବାସୀ ସାହିରେ ହାତୀପଲ ପଶି ୪ରୁ ୫ଏକର ମକା ଚାଷ ମାଡି ଚକଟି ନଷ୍ଟ କରିଦେଇଛନ୍ତି। ପରେ ଗାଁର ଧନୁ ମାଝି, ରମେଶ ମାଝି, ଆନ୍ଦୁ ମାଝି ଓ ସାଲୁପୁ ମାଝିଙ୍କ ଘର ଭାଙ୍ଗି ଦେଇଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ ବିଳମ୍ବିତ ରାତିରେ ଧନୁ ମାଝିଙ୍କ ବାଡିରେ ପଶି ମକାଚାଷ ନଷ୍ଟ କରିବା ପରେ ହାତୀପଲ ଗର୍ଜନ କରିଥିଲେ। ଗର୍ଜନ ଶୁଣି ଧନୁ ସ୍ତ୍ରୀ ପିଲାଛୁଆଙ୍କୁ ଧରି





ହାତୀ ଭାଙ୍ଗିଦେଇଥିବା ଘର।

ବାହାରକୁ ଚାଲିଆସିଥିଲେ। ପଡାର ସମସ୍ତେ ବାହାରକୁ ଚାଲି ଆସି ହାତୀ ଘଉଡେଇବା ପାଇଁ ନିଆଁ ଲଗାଇଥିଲେ। ହେଲେ ହାତୀପଲ କିଛି ଭ୍ରୁକ୍ଷେପ ନ କରି ଧନୁଙ୍କ ଘର ଭିତରେ ପଶି ଖାଦ୍ୟଶସ୍ୟ ସବୁ ନଷ୍ଟ କରିବା ସହ ଛେଳି ଗୋଟିଏ ମାଡି ଦେବା ସହ ଘର ଭାଙ୍ଗି ଦେଇଥିଲେ ଏବଂ ରମେଶ ମାଝିଙ୍କ ଗୋଟିଏ ବାଇକ୍ ଭାଙ୍ଗି ଦେଇଛନ୍ତି। ପରେ ରମେଶ, ଆଙ୍ଗୁ ମାଝି ଓ ସାଲୁପୁ ମାଝିଙ୍କ ଘର ମଧ୍ୟ ନଷ୍ଟ କରିଦେଲେ। ବର୍ତ୍ତମାନ ଏହି ୪ଟି ପରିବାର ପୋଡଷୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବିଶ୍ୱନାଥପୁର ରେଞ୍ଜର ନରତ୍ତୋମ ମାଝିଙ୍କ ନେତୃତ୍ୱରେ ଏକ ଟିମ ଯାଇ ତଦାରଖ କରିଥିବା ବେଳେ ତହସିଲଦାର ମୁନିନ୍ଦ୍ର ହୁନ୍ନାଗାଁଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

ସୁଚନା ଥାଉକି ଗତ ୨୮ତାରିଖରେ ପିଡେଲବାଜୁ ଗାଁର ୪ଟି ଘର ହାତୀପଲ ଭାଙ୍ଗି ଦେଇଛନ୍ତି। ହାତୀ ଯୋଗୁ ଦୁର୍ଗମ ଅଞ୍ଚଳବାସୀ ରାତିରେ ଅନିଦ୍ରା ରହି ପହରା ଦେଉଛନ୍ତି। ବନବିଭାଗ ପକ୍ଷରୁ ହାତୀର ଗତିପଥକୁ ଲକ୍ଷ୍ୟ କରିବା ଓ ହାତୀ ଘଉଡେଇବା ପାଇଁ ଏଲିଫେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି, ହେଲେ ଏହା କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି ସତ ହେଲେ ହାତୀ ଘର ଭାଙ୍ଗିବାର ମାସ ମାସ ବିତିଯାଉଥିଲେ ହେଁ କ୍ଷତିପୂରଣ ମିଳିପାରୁନାହିଁ । ଏହାକୁ ନେଇ ଦୁର୍ଗମ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି।

**ସେପ୍ଟେମ୍ବର ୧ରେ ବନ୍ଦ ରହିବ ବ୍ୟାଙ୍କ, ବିତ୍ତୀୟ ସଂସ୍ଥା**

**ଭୁବନେଶ୍ୱର:** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'କୁ ଆଖି ଆଗରେ ରଖି ରାଜ୍ୟ ସରକାର ଆସନ୍ତା ସେପ୍ଟେମ୍ବର ୧ ବା ନୂଆଁଖାଇ ପାଇଁ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କଗୁଡ଼ିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବ୍ୟାଙ୍କ ସହ ଜଡିତ ଅନ୍ୟ ସମସ୍ତ ବିତ୍ତୀୟ ସଂସ୍ଥାଗୁଡ଼ିକୁ ମଧ୍ୟ ନୂଆଁଖାଇ ଦିନ ବନ୍ଦ ରଖିବାକୁ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇଛି। ବିଶେଷକରି ଗତ ୨ବର୍ଷ ହେବ କୋଭିଡ ମହାମାରୀ ଯୋଗୁ ମହାଆଡମ୍ବରରେ ପଶ୍ଚିମ ଓଡ଼ିଶାବାସୀ ସେମାନଙ୍କର ଗଣପର୍ବ ନୂଆଁଖାଇକୁ ପାଳନ କରିପାରି ନ ଥିଲେ।

# ଦୀପାବଳିରୁ ୫-ଜି ସେବାର ଶୁଭାରମ୍ଭ

ମୁମ୍ବାଇ,୨୯।୮




- ରିଲାଏନ୍ସର ୪୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)
- ପ୍ରଥମ ପର୍ଯ୍ୟାୟରେ ୪ ମେଟ୍ରୋ ସିଟି ସମେତ ଅନ୍ୟ ପ୍ରମୁଖ ସହର
- ୨୦୨୩ ଶେଷ ସୁଦ୍ଧା ଦେଶର ପ୍ରତି ତହସିଲ ସ୍ତରରେ ମଧ୍ୟ ସେବା ଉପଲବ୍ଧ

ଚଳିତ ବର୍ଷ ଦୀପାବଳିରୁ ଦେଶର ପ୍ରମୁଖ ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇ ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜିର ସେବା ଆରମ୍ଭ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ୍)ର ୪୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ)କୁ ସମ୍ବୋଧିତ କରି ଆରଆଇଏଲର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ସେହିଭଳି ରିଲାଏନ୍ସ ଜିଓ ପକ୍ଷରୁ ୫-ଜି ନେଟ୍‌ୱର୍କରେ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଛନ୍ତି। କମ୍ପାନୀ ଚଳିତ ବର୍ଷ ଦୀପାବଳି ସୁଦ୍ଧା ଏହି ହାଇ-ସ୍ପିଡ୍ ସେବାକୁ ପ୍ରମୁଖ ସହରଗୁଡ଼ିକରେ ଆରମ୍ଭ କରିବା ସହ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଦେଶର ସମସ୍ତ ତହସିଲସ୍ତରରେ କମ୍ପାନୀର ୫-ଜି ସେବା ଉପଲବ୍ଧ କରାଇବ। ସେହିପରି ଏକ ସମ୍ପୂର୍ଣ୍ଣ ଭାରତୀୟ ୫ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ଭାରତ ଭଳି ଏକ ବିଶାଳ ଦେଶ ପାଇଁ ଜିଓ ପକ୍ଷରୁ ସର୍ବକାଳୀନ ଦ୍ରୁତ ଗତି ଓ ମହତ୍ତ୍ୱାକାଂକ୍ଷୀ ୫-ଜି ସେବା ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨ମାସ ଅର୍ଥାତ ଦୀପାବଳି ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ଦେଶର ୪ ପ୍ରମୁଖ ମେଟ୍ରୋ ସହର ସମେତ ଅନ୍ୟ ପ୍ରମୁଖ ସହରରେ ମଧ୍ୟ ଜିଓ ୫-ଜି ସେବା ଯୋଗାଇବ। ଏହା ପରେ ଦେଶର ପ୍ରତି ତହସିଲ ସ୍ତରରେ ଜିଓ ୫-ଜି ସେବା ପହଞ୍ଚାଇବା ଲାଗି କମ୍ପାନୀ ପ୍ରତି ମାସରେ ଏହାର ନେଟ୍‌ୱର୍କରେ ନୂଆ ନୂଆ ସହରକୁ ଯୋଡ଼ିବା କାର୍ଯ୍ୟ ମଧ୍ୟ ଜାରି ରଖିଛି। ଏପରିକି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ସାରା ଦେଶରେ ଏହି ସେବା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକ ଜାରି ରଖିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନିକଟରେ ଶେଷ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମୀରେ କମ୍ପାନୀ ଅଂଶ ଗ୍ରହଣ କରି ୮୮,୦୭୮ କୋଟି ଟଙ୍କାର ୫-ଜି ସ୍ପେକ୍ଟ୍ରମ୍ କିଣିବା ପରେ ରିଲାଏନ୍ସ ଜିଓ ଉନ୍ନତ ୫-ଜି ନେଟ୍‌ୱର୍କର ଶୁଭାରମ୍ଭ କରିବା ଲାଗି ଚଳିତ ମାସରେ ପ୍ରସ୍ତୁତ ହୋଇଛି। ସର୍ବଭାରତୀୟ ସ୍ତରରେ ଫାଇବର୍ ଉପସ୍ଥିତି, ଅଲ୍-ଆଇପି ନେଟ୍‌ୱର୍କ ସହିତ ସହାୟକ ଭିତ୍ତିଭୂମି, ସ୍ୱଦେଶୀ ୫-ଜି ଷ୍ଟାକ୍ ଓ ପ୍ରଯୁକ୍ତି ପରିବ୍ୟବସ୍ଥାରେ ଦୃଢ଼ ବିଶ୍ୱସ୍ତରୀୟ ସହଯୋଗିତାକୁ ନେଇ କମ୍ପାନୀ ସବୁଠୁ କମ୍ ସମୟ ଭିତରେ ୫-ଜି ସେବା ଆରମ୍ଭ କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ୫-ଜି ସେବା ଆରମ୍ଭ ହେବା ପରେ ଜିଓ ପକ୍ଷରୁ କନେକ୍ଟେଡ୍ ଇଣ୍ଟେଲିଜେନ୍ସ ଥିବା କୋଟି କୋଟି ସ୍ମାର୍ଟ ସେନ୍‌ସର ଶୁଭାରମ୍ଭ କରାଯିବ ଯାହା ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ଚତୁର୍ଥ ଶିଳ୍ପ ବିପ୍ଳବକୁ ଆଗକୁ ବଢ଼ାଇବ ବୋଲି ଅମ୍ବାନୀ କହିଛନ୍ତି, ଏହା ପ୍ରତ୍ୟକଙ୍କୁ, ପ୍ରତି ସ୍ଥାନ ଓ ସବୁକିଛିକୁ ଉଚ୍ଚମାନର ଓ ସବୁଠୁ ସୁଲଭ ଡାଟା ସହିତ ଯୋଡ଼ିବ। ଏପରିକି ୧୧ ଲକ୍ଷ ରୁଟ୍ କିଲୋମିଟରରୁ ଅଧିକ ସର୍ବଭାରତୀୟ ଫାଇବର ଅପ୍‌ଟିକ୍ ନେଟ୍‌ୱର୍କ ଯୋଗୁଁ କମ୍ପାନୀର ଫାଇବର୍ ଓ ଏଫ୍‌ଟିଟିଏଚ୍‌ରେ ଦୃଢ଼ ଉପସ୍ଥିତି ରହିଥିବା ମୁକେଶ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆକାଶ ଅମ୍ବାନୀ ଜିଓର ଅଭିନବ ସମାଧାନ ଜିଓ ଏୟାର ଫାଇବର ହୋମ୍ ଗେଟ୍‌ୱେ ପ୍ରଦର୍ଶିତ କରିଥିଲେ, ଯେଉଁଥିରେ କୌଣସି କେବୁଲ ନଥାଇ ଫାଇବର ଭଳି ହାଇ ସ୍ପିଡ୍ ଡାଟା ମିଳିପାରିବ।

## ଏନ୍‌ପିସିଆଇ ସହ ଆଇସିଆଇସିଆଇ ବ୍ୟାଙ୍କର ସହଯୋଗିତା ସ୍ଥାପନ




ନୂଆଦିଲ୍ଲୀ,୨୯।୮

ସ୍ୱଦେଶୀ ପେମେଣ୍ଟ ନେଟ୍‌ୱର୍କ ରୂପେରେ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିବା ଲାଗି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ସହ ସହଯୋଗିତା ସ୍ଥାପନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କର ଜେମ୍‌ଷ୍ଟୋନ୍ ସିରିଜ୍‌ରେ କୋରାଲ୍ ଭାରିଆଣ୍ଟରେ ଆଇସିଆଇସିଆଇ ବ୍ୟାଙ୍କ ରୂପେ କ୍ରେଡିଟ୍ କାର୍ଡ ଉପଲବ୍ଧ ହେବ ଏବଂ ତା'ପରେ ତାହା ରୁବିକ୍ସ ଓ ସାଫିରୋ ଭାରିଆଣ୍ଟରେ ଗ୍ରାହକଙ୍କୁ ମିଳିବ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡସ୍, ପେମେଣ୍ଟ ସଲ୍ୟୁସନ୍ସ ଓ ମର୍ଚାଣ୍ଟ ଇକୋସିଷ୍ଟମ୍ ମୁଖ୍ୟ ସୁଦୀପ୍ତ ରାୟ କହିଛନ୍ତି, ନିଜର ଗ୍ରାହକମାନଙ୍କୁ ଅଭିନବ, ଶକ୍ତିଶାଳୀ ଓ ନିର୍ଦ୍ଦିଷ୍ଟ ମୂଲ୍ୟ ଉପସ୍ଥାପନ କରିବାରେ ଆଇସିଆଇସିଆଇ ବ୍ୟାଙ୍କ ସର୍ବଦା ଆଗରେ ରହିଛି। ଷ୍ଟେଟ ଅଫ୍ ଆର୍ଟ ପ୍ରଯୁକ୍ତିରେ ପ୍ରସ୍ତୁତ ଭାରତୀୟ କାର୍ଡ ପେମେଣ୍ଟ ନେଟୱର୍କ ରୂପେ ନେଟ୍‌ୱର୍କରେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଲାଗି ଏନ୍‌ପିସିଆଇ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ।

## ୨.୭୫ ଲକ୍ଷ କୋଟି ନିବେଶ କରିବ ଆର୍‌ଆଇଏଲ୍

ମୁମ୍ବାଇ,୨୯।୮


ମୁକେଶ ଆମ୍ବାନୀ

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଆସନ୍ତା ବର୍ଷ ମଧ୍ୟରେ ତା'ର ବ୍ୟବସାୟିକ ସାମ୍ରାଜ୍ୟକୁ ସମ୍ପ୍ରସାରଣ କରିବା ଲାଗି ମୋଟ ୨.୭୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ସୋମବାର କମ୍ପାନୀର ୪୫ତମ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)କୁ ସମ୍ବୋଧିତ କରି ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏହା କହିଛନ୍ତି। ଏପରିକି ଚଳିତ ବର୍ଷ ଅକ୍ଟୋବର (ଦୀପାବଳି)ରୁ ୫-ଜି ସେବା ଆରମ୍ଭ ସାଙ୍ଗକୁ କମ୍ପାନୀର ମୂଳତଃ ତୈଳ ଏବଂ ରାସାୟନିକ ବ୍ୟବସାୟର କ୍ଷମତା ବୃଦ୍ଧି ସାଙ୍ଗକୁ ଏଫ୍‌ଏମ୍‌ସିଜି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ୫-ଜି ନେଟ୍‌ୱର୍କ ବିକଶିତ କରିବା ଲାଗି କମ୍ପାନୀ ମୋଟ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରତିବଦ୍ଧ ରହିଛି। ତା' ସାଙ୍ଗକୁ କମ୍ପାନୀର ମୂଳ ପେଟ୍ରୋକେମିକାଲ୍ ଏବଂ ତୈଳ ବ୍ୟବସାୟରେ ଦକ୍ଷତା ବୃଦ୍ଧି ପାଇଁ ରିଲାଏନ୍ସ ୭୫,୦୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି।

## ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟ ସେବାର ଶୁଭାରମ୍ଭ

ମୁମ୍ବାଇ,୨୯।୮




ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ସଂସ୍ଥା ମେଟା ଏବଂ ଦେଶର ପ୍ରମୁଖ ବାଣିଜ୍ୟିକ ଅନୁଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିର ସହଯୋଗୀ ସଂସ୍ଥା ଜିଓ ପ୍ଲାଟଫର୍ମ ମଧ୍ୟରେ ଏକ ଅଭିନବ ସହଯୋଗିତା ସ୍ଥାପନ ହୋଇଛି। ଏପରିକି ମେଟା ଓ ଜିଓ ପ୍ଲାଟଫର୍ମସ ପକ୍ଷରୁ ହ୍ୱାଟ୍‌ସଆପ୍ ଜରିଆରେ ପ୍ରଥମ ଧରଣର ଏଣ୍ଡ୍-ଟୁ-ଏଣ୍ଡ୍ ସପିଙ୍ଗ୍ ଅନୁଭୂତିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସେମାନଙ୍କ ହ୍ୱାଟ୍‌ସଆପ୍ ଚାଟ୍‌ରେ ରହି ଜିଓମାର୍ଟରୁ ଆବଶ୍ୟକ ସପିଙ୍ଗ କରିପାରିବେ। ଅପରପକ୍ଷରେ ପ୍ରଥମ କରି ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍‌ସଆପ୍‌ରେ ଜିଓମାର୍ଟ ସେବା ଉପଲବ୍ଧ ହେବ। ଏହା ଜରିଆରେ ପୂର୍ବରୁ କେବେ ଅନଲାଇନ୍‌ରେ ସପିଙ୍ଗ୍ କରି ନ ଥିବା ଗ୍ରାହକଙ୍କ ସମେତ ସମସ୍ତ ଭାରତୀୟ ଜିଓମାର୍ଟର ସମଗ୍ର ଗ୍ରୋସରି କାଟ୍‌ଲଗ୍‌କୁ ବ୍ରାଉଜ୍ କରିପାରିବେ। ଉକ୍ତ ଚାର୍ଟରେ ସାମଗ୍ରୀ ମଧ୍ୟ ଯୋଡ଼ି ପାରିବେ ଏବଂ କିଣାକିଣି ପ୍ରକ୍ରିୟାକୁ ଶେଷ କରିବା ଲାଗି ପେମେଣ୍ଟ (ଦେୟ ପ୍ରଦାନ) ମଧ୍ୟ କରିପାରିବେ। ଏସବୁ କାମ ପାଇଁ ସେମାନଙ୍କୁ ହ୍ୱାଟ୍‌ସଆପ୍ ଚାଟ୍ ଛାଡ଼ିଯିବାକୁ ପଡ଼ିବନି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି।

## ହିଣ୍ଡ୍‌ୱେର ପକ୍ଷରୁ ନୂତନ ଉତ୍ପାଦର ଶୁଭାରମ୍ଭ

ନୂଆଦିଲ୍ଲୀ,୨୯।୮

ହିଣ୍ଡ୍‌ୱେର ଲିମିଟେଡ୍‌ର ଲକ୍ସୁରି ବାଥ୍‌ରୁମ୍ ବ୍ରାଣ୍ଡ୍ କ୍ୟୁଓ ପକ୍ଷରୁ ଲକ୍ସୁରି ଫାଉସେଟ୍ ଓ ସାନିଟାରି ୱେର୍‌ର ଏକ ନୂତନ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହି ନୂଆ ରେଞ୍ଜ୍‌ରେ 'ଫୋର୍‌ଜା' ନାମକ ପ୍ରିଷ୍ଟିନ୍ ଫାଉସେଟ୍‌ର ଏକ ସମ୍ପୂର୍ଣ୍ଣ ପୋର୍ଟଫୋଲିଓ ମଧ୍ୟ ସାମିଲ ରହିଛି। ସେହିପରି ଆକର୍ଷଣୀୟ ସାନିଟାରି ୱେର ପୋର୍ଟଫୋଲିଓରେ ଟ୍ୟାଙ୍କଲେସ୍ ଇଡବ୍ଲ୍ୟୁସି, ୱାନ୍-ପିସ ୱାଟର୍ କ୍ଲୋଜେଟ୍, ୱାଲ୍ ମାଉଣ୍ଟେଡ୍ ଇଡବ୍ଲ୍ୟୁସି ଓ ଓଭର୍ ଦ କାଉଣ୍ଟର୍ ବେସିନ୍ ପାଇଁ ଏକ ପ୍ରଡକ୍ଟ ସିରିଜ୍ ରେଞ୍ଜ୍ ଅନ୍ତର୍ଭୁକ୍ତ ରହିଛି। ସେହିଭଳି କମ୍ପାନୀର ଲକ୍ସୁରି ବାଥ୍‌ୱେର ସେଗ୍‌ମେଣ୍ଟରେ ଏହାର ଉତ୍ପାଦଗୁଡିକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି । ନୂଆ ବାଥ୍‌ରୁମ୍ ରେଞ୍ଜ୍ ୟୁରୋପିଆନ୍ ବାଥ୍ ଲାଉଞ୍ଜ୍‌ଗୁଡିକର ପ୍ରିମିୟମ ଓ ମିନିମାଲିଷ୍ଟିକ୍ ଉପସ୍ଥାପନା ସୃଷ୍ଟି କରୁଛି। ଏ ସମ୍ପର୍କରେ ହିଣ୍ଡ୍‌ୱେର ଲିମିଟେଡ୍‌ର ବାଥ୍ ଆଣ୍ଡ୍ ଟାଇଲ୍ସ ଡିଭିଜନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୁଧାଂଶୁ ପୋଖ୍‌ରିଆଲ କହିଛନ୍ତି, ସାନିଟାରି ୱେର ଓ ଫାଉସେଟ୍ ସେଗ୍‌ମେଣ୍ଟରେ ଏକ ଅଗ୍ରଣୀ ପ୍ଲେୟର ଭାବେ ଆମେ ନୂଆ ଟ୍ରେଣ୍ଡ୍ ଓ ଅଭିଜ୍ଞତା ଧାର୍ଯ୍ୟ କରିବାରେ ସବୁବେଳେ ଆଗଧାଡିରେ ରହିଆସିଛୁ। ଏହି ସମାନ ବିଚାର ଆଜିର ଆମର ଲଞ୍ଚ ଉପରେ ମଧ୍ୟ ପ୍ରତିଫଳିତ ହୋଇଛି, ଉପଭୋକ୍ତାମାନେ ଏବେ ହିଣ୍ଡ୍‌ୱେର ଲିମିଟେଡ୍‌ର ପ୍ରିମିୟମ ବ୍ରାଣ୍ଡ୍ କ୍ୟୁଓ ସହ ନିଜ ଘରର ଆରାମରେ ୟୁରୋପିଆନ୍ ବାଥ ଲାଉଞ୍ଜ୍‌ର ଅନୁଭୂତି ପାଇପାରିବେ।

ଫୁର୍‌ସତ୍

# ଗଛରେ ଶୁଖିଗଲାଣି ଫଳ



- ଚାଇନାରେ ୬୦ ବର୍ଷର ରେକର୍ଡ ଭାଙ୍ଗିଲା ଗ୍ରୀଷ୍ମ ପ୍ରବାହ
- ରାତିରେ ଚାଷ, ଦିନରେ ବିଶ୍ରାମ

**ବେଜିଂ:** ଚାଇନାରେ ଗ୍ରୀଷ୍ମ ପ୍ରବାହ ୬୦ ବର୍ଷର ରେକର୍ଡ ଭାଙ୍ଗିଛି। ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ମରୁଡ଼ି ସ୍ଥିତି ଦେଖିବାକୁ ମିଳିଛି। ଟାଙ୍ଗରା ଭୂଇଁ ଫାଟି ଆଁ କରିଥିବାବେଳେ ଗଛରେ ଫଳସବୁ ଶୁଖି ଝଡ଼ିବା ଆରମ୍ଭ କଲାଣି। ସମ୍ଭାବ୍ୟ ଜଳ ସଙ୍କଟ ଯୋଗୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ମଧ୍ୟ ହୋଇଛି। ୫୦ ବର୍ଷରୁ ଅଧିକ ବର୍ଷ ଧରି ନିଜ ଜମିରେ ଡ୍ରାଗନ୍ ଫ୍ରୁଟ ଭଳି ଦାମୀ ଫଳ ଫସଲ କରିଆସୁଛନ୍ତି ୫୦ ବର୍ଷୀୟ କୁଇନ୍ ବିନ୍। ଚଳିତ ବର୍ଷର ଫସଲ ପାଇଁ କୁଇନ୍‌ଙ୍କ ମନରେ ଖୁସି ନାହିଁ। କାରଣ ରେକର୍ଡ ଭାଙ୍ଗିଥିବା ଏହି ଗ୍ରୀଷ୍ମ ପ୍ରବାହ ଖାଲି କୁଇନ୍ କାହିଁକି ଦେଶର ଅଧିକାଂଶ କୃଷକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। କାରଣ ତାପମାତ୍ରା ବୃଦ୍ଧି କାରଣରୁ ଦେଶରେ ଜଳର ଅଭାବ ଏବଂ ତା' ଦ୍ୱାରା ଫସଲ ପ୍ରଭାବିତ ହୋଇଛି। ଫସଲ ଅମଳ ସମୟରେ ମଳା ତଥା ଶୁଖିଲା ଫଳ ଚାଷୀଙ୍କ ମନୋବଳକୁ ଏକ ପ୍ରକାର ଭାଙ୍ଗି ନେଇଛି। ଦେଶରେ ବଢ଼ିଥିବା ବିଦ୍ୟୁତ୍ କାଟ୍ ମଧ୍ୟ ଚାଷୀକୁଳକୁ ଏକ ପ୍ରକାର ପ୍ରଭାବିତ କରିଛି। ଚାଷ କାର୍ଯ୍ୟ ପାଇଁ ଅଧିକାଂଶ ଚାଷୀ ବିଦ୍ୟୁତ୍ ଉପରେ ନିର୍ଭରଶୀଳ। ନିୟମିତ ବିଦ୍ୟୁତ୍ କାଟ୍ ଯୋଗୁ ଚାଷ କାମ ଅଟକି ରହିଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ଫସଲ ସାଙ୍ଗକୁ ଗଛ ମଧ୍ୟ ମରିବାକୁ ବସିଲାଣି। ସରକାର ଏ ନେଇ ଯେଉଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦ୍ୱାରା କେବଳ ଗଛ ବଞ୍ଚି ପାରିବ ଫସଲ ନୁହେଁ। ଏ ପ୍ରକାର ପ୍ରକୃତିକ ଦୁର୍ବିପାକ ଦ୍ୱାରା ହଜାର ଏକର ଜମିର ଫସଲ ନଷ୍ଟ ହେବାକୁ ବସିଲାଣି। ତାପମାତ୍ରା ବଢ଼ିବା କାରଣରୁ ଚାଷୀ ଏବେ ଦିନ ବଦଳରେ ରାତିରେ ଚାଷ କାମ କରିବା ଆରମ୍ଭ କଲେଣି। ସନ୍ଧ୍ୟାରେ ଜମିରୁ କାମ ସାରି ଫେରିବା ବଦଳରେ ସେମାନେ ଦିନରେ ବିଶ୍ରାମ ନେଇ ରାତିରେ ଜମିକୁ ହଳ ଧରି ବାହାରୁଥିବାର ଦେଖାଯାଉଛି। ଯଦି ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଦେଶରେ ଗ୍ରୀଷ୍ମର ପ୍ରବାହ ବଳବତ୍ତର ରୁହେ ତେବେ ସମ୍ପୂର୍ଣ୍ଣ ଚାରା ମରିଯିବ ବୋଲି କୃଷକ କହିଛନ୍ତି। ସୂଚନାଯୋଗ୍ୟ ଚାଇନାରେ ଜାରିରହିଥିବା ଗ୍ରୀଷ୍ମ ପ୍ରବାହ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଲାଗି ରହିବ।

### ବନ୍ୟା ଆଶଙ୍କା

ଚାଇନାର ଦକ୍ଷିଣାଞ୍ଚଳରେ ମରୁଡ଼ି ସ୍ଥିତି ସାଙ୍ଗକୁ ବନ୍ୟା ସ୍ଥିତି ମଧ୍ୟ ଘନାଉଥିବା ଦେଖିବାକୁ ମିଳିଛି। ରବିବାରଠୁ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଚାଇନା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତିନିଦିନର ଲଗାଣ ବର୍ଷା କାରଣରୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଆଶଙ୍କା କରାଯାଉଛି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଖାପାଖି ୪୬ ହଜାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବିସ୍ଥାପିତ କରାଯାଇଛି।

## ହଲ୍ ମାଲିକଙ୍କୁ ମୁଣ୍ଡିଆ ମାରିଲେ ବିଜୟ



**ମୁମ୍ବାଇ:** ମୁମ୍ବାଇ ସିନେମା ହଲ୍ ମାଲିକଙ୍କ ଗୋଡ଼ ଧରି ମୁଣ୍ଡିଆ ମାରିଲେ ସାଉଥ୍ ଫିଲ୍ମ ଅଭିନେତା ବିଜୟ ଦେବରକୋଣ୍ଡା। ଗତ ୨୫ରେ ରିଲିଜ୍ ହୋଇସାରିଥିବା 'ଲାଇଗର'ର ପ୍ରମୋଶନ୍‌ରେ ଏବେ ବିଜୟ ଖୁବ୍ ବ୍ୟସ୍ତ। ମୁମ୍ବାଇରେ ଲାଇଗରର ପ୍ରମୋଶନ୍ କରିବା ସମୟରେ ଖବରଦାତା ଟ୍ୱିଟରରେ ଟ୍ରେଣ୍ଡ ଚାଲିଥିବା ବୟକଟ ବଲିଉଡ୍ ବିଷୟରେ ବିଜୟଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଜୟ କହିଥିଲେ, ନିଜର ପରିଶ୍ରମ ଉପରେ ବିଶ୍ୱାସ ରହିବା ଦରକାର। ଯଦି ତୁମେ ଉଚିତ୍ ପରିଶ୍ରମ କରିଥିବ ତେବେ ତା'ର ଫଳ ତୁମକୁ ନିହାତି ମିଳିବ। ଆମକୁ କିଏ ରୋକିବ ଦେଖିବା କହି ନିଜ ଉତ୍ତର ଶେଷ କରିଥିଲେ ବିଜୟ। ନାୟକଙ୍କ ଏ ପ୍ରକାର ଉତ୍ତର କେତେଜଣଙ୍କୁ ପସନ୍ଦ ଆସି ନ ଥିବାବେଳେ ମୁମ୍ବାଇ ସିନେମା ହଲ୍ ମାଲିକ ମନୋଜ ଦେଶାଇ ତାଙ୍କୁ ଗର୍ବୀ ବୋଲି କହିଥିଲେ। ସୋସିଆଲ ମିଡିଆରେ ଏ ନେଇ ଖବର ପ୍ରଘଟ ହେବା ପରେ ବିଜୟ ସୋମବାର ହଲ୍ ମାଲିକ ମନୋଜଙ୍କୁ ଭେଟି ତାଙ୍କୁ ମୁଣ୍ଡିଆ ମାରିଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ନେଇ ହୋଇଥିବା ଭୁଲ୍ ବୁଝାମଣା ସମ୍ପର୍କରେ ଦୁହେଁ ଆଲୋଚନା କରିଥିଲେ। ଲାଇଗରରେ ବିଜୟଙ୍କ ବିପକ୍ଷୟରେ ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି। ଏଥିସହ ରାମ୍ୟା କ୍ରିଷ୍ଣନ୍, ରୋନିତ ରାୟ, ମାଇକ୍ ଟାଇସନ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ପୁରୀ ଜଗନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ହିନ୍ଦୀ ଓ ତେଲୁଗୁ ଭାଷାରେ ରିଲିଜ୍ ହୋଇଛି।

## ଆଇପିଏସ୍ ଦମ୍ପତିଙ୍କ ଝିଅ ହେଲେ ପୁଅ

**ନୂଆଦିଲ୍ଲୀ:** କାର୍ଯ୍ୟରତ ଆଇପିଏସ୍ ଦମ୍ପତିଙ୍କ ୨୨ ବର୍ଷୀୟା ଝିଅ ଲିଙ୍ଗ ପରିବର୍ତ୍ତନ କରି ଚର୍ଚ୍ଚାକୁ ଆସିଛନ୍ତି। ଲିଙ୍ଗ ପରିବର୍ତ୍ତନ ନେଇ କରାଯାଉଥିବା ସର୍ଜରି ବର୍ତ୍ତମାନ ସମୟରେ କୌଣସି ବିରଳ ଘଟଣା ନୁହେଁ। ଦେଶ ତଥା ଦେଶ ବାହାରେ ବହୁଳମାତ୍ରାରେ ଏହାର ବ୍ୟବହାର କରାଯାଉଥିବା ଏସ୍‌ସିବି ମେଡିକାଲ କଲେଜ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଡାକ୍ତର ଡା. ବିଭୂତି ନାୟକ କହିଛନ୍ତି। ସର୍ଜରି ଯେତେ କଠିନ ନୁହେଁ ତା'ଠାରୁ ଅଧିକ କଠିନ ଲିଙ୍ଗ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେବା। ଏ ନେଇ ଆଇପିଏସ୍ ଦମ୍ପତି କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଝିଅରୁ ପୁଅକୁ ପରିବର୍ତ୍ତନ ହେବା ଅସ୍ତ୍ରୋପଚାର ପ୍ରକ୍ରିୟାରେ ସବୁଠାରୁ ଜଟିଳ ପ୍ରକ୍ରିୟା ହେଉଛି ପୁରୁଷର ଲିଙ୍ଗ (ପେନିସ୍) ପ୍ରତିରୋପଣ କରିବା। ଜଣେ ଝିଅକୁ ସମ୍ପୂର୍ଣ୍ଣ ଭାବେ ପୁଅ ହେବା ପାଇଁ ୨ ବର୍ଷ ସମୟ ଲାଗିଥାଏ। ଶରୀରରେ ହର୍‌ମୋନାଲ ପରିବର୍ତ୍ତନ ହେବା ପାଇଁ ଅଧିକ ସମୟ ଲାଗିଥାଏ। ଓଡ଼ିଶାରେ ଝିଅରୁ ପୁଅ ହେବା ପାଇଁ କରାଯାଉଥିବା ଅସ୍ତ୍ରୋପଚାରରେ ୩.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପୁଅରୁ ଝିଅ ହେବା ଲାଗି ସାଢ଼େ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

## ବର୍ଷକ ପରେ ଖୋଲିଲା ସିନେମାଘର

କରାଚୀ

ନିକଟରେ ଆଫଗାନି ସ୍ଥାନରେ କଠୋରପନ୍ଥୀ ତାଲିବାନୀ ଶାସନକୁ ଏକ ବର୍ଷ ପୂରିଥିବାବେଳେ ପାଖାପାଖି ବର୍ଷକ ପରେ ଦେଶରେ ସିନେମା ଘର ଖୋଲିଛି। ଚଳଚ୍ଚିତ୍ରରେ ତାଲିବାନ ସରକାର ନୂଆ ନିୟମ ଲାଗୁ କରିଛନ୍ତି। ଫିଲ୍ମରେ ମହିଳାଙ୍କର ଅଧିକାଂଶ ସିନ୍ କାଟି ଦିଆଯାଇଥିବାବେଳେ ମହିଳାଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ସିନ୍ ହିଁ ଫିଲ୍ମରେ ଦେଖାଯିବ। ସିନେମା ହଲ ଖୋଲିବା ନେଇ ସ୍ଥାନୀୟ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ପାଖାପାଖି ୩୭ଟି ଫିଲ୍ମ ଓ ଡକ୍ୟୁମେଣ୍ଟାରି ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମ ତିଆରି ପାଇଁ ଆଫଗାନ କଳାକାର ନିଜ ଅର୍ଥ ଲଗାଇଥିବା କୁହାଯାଉଛି।

## ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ



### ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ

**ଜା**ତୀୟ କ୍ଷୁଦ୍ର ଶିଳ୍ପ ଦିବସ ହେଉଛି ଏକ ବାର୍ଷିକ ଉତ୍ସବ, ଯାହା ଆମ ସମାଜରେ ଛୋଟ ବ୍ୟବସାୟର ମୂଲ୍ୟକୁ ସ୍ୱୀକୃତି ଦେଇଥାଏ। ପ୍ରତିବର୍ଷ ଅଗଷ୍ଟ ୩୦ରେ ଭାରତରେ ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ପାଳନ କରାଯାଇଥାଏ। ଏହି ଦିନ ସାରା ଦେଶରେ ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ। ଛୋଟ ବ୍ୟବସାୟକୁ ଉତ୍ସାହିତ କରିବା ଏବଂ ବେକାରମାନଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ସହିତ ଏହି ଦିନ ପାଳନ କରାଯାଏ। ଭାରତ ପରି ବିକଶିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧିରେ କ୍ଷୁଦ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହିପରି କ୍ଷେତ୍ରଗୁଡ଼ିକର ରଣନୈତିକ ପ୍ରାସଙ୍ଗିକତାକୁ ଦୃଷ୍ଟିରେ ରଖି ଏହାର ବିକାଶ ପାଇଁ ତଥା ଏସବୁ ଶିଳ୍ପର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ କରାଯାଉଛି। ଫଳସ୍ୱରୂପ, କ୍ଷୁଦ୍ର ଶିଳ୍ପ ପାଇଁ ସରକାରୀ ନୀତି ସହାୟତାର ଧାରା କ୍ଷୁଦ୍ର ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଲାଭଦାୟକ ଏବଂ ଅନୁକୂଳ ହୋଇପାରିଛି। ୩୦ ଅଗଷ୍ଟ ୨୦୦୦ରେ କ୍ଷୁଦ୍ର ଶିଳ୍ପ କ୍ଷେତ୍ର ପାଇଁ ଏକ ବିସ୍ତୃତ ନୀତି ପ୍ୟାକେଜ୍ ଆରମ୍ଭ କରାଯାଇଥିଲା, ଯାହା ମାଧ୍ୟମରେ ଭାରତର ଛୋଟ ସଂସ୍ଥାଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯାଇଥିଲା।

# ପାରୁଛ ଯଦି ମୋତେ ଗିରଫ କର: ମମତା

## କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ ତଦନ୍ତ ଧମକ

**କୋଲକାତା,୨୯।୮:** ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ ବଢ଼ୁଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଥିବା କେନ୍ଦ୍ରୀୟ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ କରାଯିବ ବୋଲି ସେ ଧମକ ଦେଇଛନ୍ତି। ତୃଣମୂଳ କଂଗ୍ରେସ ଛାତ୍ର ସଂଗଠନର ଏକ ର୍‍ୟାଲିକୁ ସମ୍ବୋଧନ କରି ମମତା କହିଥିଲେ, ସିବିଆଇ, ଇଡି ଅଫିସରଙ୍କ ସମେତ ପଶ୍ଚିମବଙ୍ଗରେ ଥିବା ଅନ୍ୟ କେନ୍ଦ୍ରୀୟ ଅଧିକାରୀଙ୍କ ବିରୋଧରେ ମାମଲା ରହିଛି। ତେଣୁ ଯେସାକୁ ତେସା ନୀତିରେ ଯଦି ଆମ ଅଫିସରଙ୍କୁ ଦିଲ୍ଲୀ ଡକାଯାଏ, ତେବେ ମୁଁ ମଧ୍ୟ କେନ୍ଦ୍ରର ଅଫିସରମାନଙ୍କୁ ତଦନ୍ତ ପାଇଁ ଡାକିବି ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ସେମାନେ ସିବିଆଇ ଦ୍ୱାରା ଆମ ଲୋକଙ୍କୁ ଗିରଫ କରାଉଛନ୍ତି। ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଦୁର୍ନୀତି ମାମଲା ବିଚାରାଧୀନ ରହିଥିବାବେଳେ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ। ଭାଜପା ଗଣମାଧ୍ୟମ, ବିଚାର ବ୍ୟବସ୍ଥା ଓ ରାଜନୈତିକ ଦଳଗୁଡ଼ିକୁ ଭୟଭୀତ କରି ରଖିଛି। ପେଗାସସ୍ ବ୍ୟବହାର କରି ଲୋକଙ୍କ ସ୍ୱାଧୀନତା ଛଡ଼ାଇ ନିଆଯାଉଛି। ଲୋକଙ୍କ ଘରୁ ଟଙ୍କା ଲୁଟିବା ପାଇଁ ଇଡି ଏବଂ ସିବିଆଇକୁ ବ୍ୟବହାର କରାଯାଉଥିବା ମମତା କହିଛନ୍ତି। ତାଙ୍କ ସରକାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣୁଥିବା କେନ୍ଦ୍ର ସରକାର ପାରୁଛନ୍ତି ଯଦି ତାଙ୍କୁ ଗିରଫ କରି ଦେଖନ୍ତୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ବରିଷ୍ଠ ଟିଏମ୍‌ସି



ନେତା ପାର୍ଥ ଚାଟାର୍ଜୀ ଏବଂ ଗୋରୁ ଚୋରାଚାଲାଣ ମାମଲାରେ ଅନୁବ୍ରତ ମଣ୍ଡଳ ଗିରଫ ହେବା ପରେ ମମତା ଭାଜପାକୁ ଏଭଳି ଚ୍ୟାଲେଞ୍ଜ ଦେଇଛନ୍ତି।

# ଆସ୍ଥା ଭୋଟ ଲୋଡ଼ିଲେ କେଜ୍‌ରିୱାଲ

## ଏଏପି ଭାଙ୍ଗିବାକୁ ଅପରେଶନ ଲୋଟସ୍ ଚଳାଇଥିଲା ଭାଜପା

**ନୂଆଦିଲ୍ଲୀ,୨୯।୮:** ଭାଜପା ଏହାର 'ଅପରେଶନ ଲୋଟସ୍' ଜରିଆରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ବିଭାଜନ ସୃଷ୍ଟି ପାଇଁ କରିଥିବା ଉଦ୍ୟମରେ ବିଫଳ ହୋଇଛି। ସମସ୍ତ ଏଏପି ବିଧାୟକ ତାଙ୍କ ସହିତ ଅଛନ୍ତି, ଏହା ଦର୍ଶାଇବା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିଛନ୍ତି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଘୋଷଣା କରିଛନ୍ତି। ସୋମବାର ବିଧାନସଭା ପ୍ରବଳ ହଙ୍ଗାମା ସହ ଆରମ୍ଭ ହୋଇଥିଲା। ଅବକାରୀ ନୀତି ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ଦର୍ଶାଇ ଭାଜପା ବିଧାୟକମାନେ ଦାବି କରୁଥିବାବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ସେମାନଙ୍କୁ ଗୃହରୁ ବାହାର କରିଦିଆଯାଇଥିଲା। କେଜ୍‌ରିୱାଲ କହିଛନ୍ତି, ତାଙ୍କ ଦଳର ବିଧାୟକମାନେ ସଚ୍ଚୋଟ ଏବଂ ଦଳବିରୋଧୀ ଯାଉ ନାହାନ୍ତି, ଏହାର ଦର୍ଶାଇବା ଲାଗି ସେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ଯାଉଛନ୍ତି।



ଅରବିନ୍ଦ କେଜ୍‌ରିୱାଲ

କେତେଜଣ ଏଏପି ବିଧାୟକଙ୍କୁ ଦଳ ବଦଳ କରିବା ଲାଗି ଭାଜପା ୨୦ କୋଟି ଲେଖାଏଁ ଟଙ୍କା ଯାଚିଥିଲା ବୋଲି କେଜ୍‌ରିୱାଲ ପୁଣିଥରେ ଦୋହରାଇଛନ୍ତି। ଭାଜପା ବିଭିନ୍ନ ରାଜ୍ୟର ବିରୋଧୀ ଦଳ ସରକାରକୁ ଭାଙ୍ଗିଆସୁଛି। ମଧ୍ୟପ୍ରଦେଶ, ବିହାର, ଗୋଆ, ମହାରାଷ୍ଟ୍ର ଏବଂ ଆସାମରେ ସରକାର ଭାଙ୍ଗିବା ପାଇଁ ଏହି ଦଳ ୨୭୭ ବିଧାୟକଙ୍କୁ କିଣିଥିବା ବେଳେ ଏବେ ଝାଡ଼ଖଣ୍ଡ ସରକାରକୁ ଭାଙ୍ଗିବା ଲାଗି ଉଦ୍ୟମ ଚଳାଇଛି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି।

କେଜ୍‌ରିୱାଲଙ୍କ ଉଦ୍‌ବୋଧନ ପରେ ଏଏପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ଉପରାଜ୍ୟପାଳ ବିନୟ କୁମାର ସାକ୍ସେନାଙ୍କ ବିରୋଧରେ ୧,୪୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଥିଲେ। ସାକ୍ସେନା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଅଧ୍ୟକ୍ଷ ଥିବାବେଳେ ଏହି ଦୁର୍ନୀତି ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ଏହା ବ୍ୟତୀତ ୨୦୧୬ ବିମୁଦ୍ରୀକରଣ ବେଳେ ସାକ୍ସେନା ତାଙ୍କ କର୍ମଚାରୀମାନଙ୍କୁ ପୁରୁଣା ନୋଟ ବଦଳ କରିବା ଲାଗି ବାଧ୍ୟ କରିଥିଲେ ବୋଲି ଏଏପି ବିଧାୟକମାନେ ଅଭିଯୋଗ ଆଣିଥିଲେ। ସେମାନେ ବିଧାନସଭାରେ ସାରା ରାତି ବିକ୍ଷୋଭ କରିବେ ବୋଲି ଘୋଷଣା କରିଥିଲେ। ହଙ୍ଗାମା ଲାଗି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

# କଂଗ୍ରେସ ଛାଡିଲେ ଜମ୍ମୁକଶ୍ମୀରର ୩ ନେତା

**ଶ୍ରୀନଗର,୨୯।୮**

ଜମ୍ମୁକଶ୍ମୀର କଂଗ୍ରେସର ତିନିଜଣ ନେତା ଦଳ ଛାଡ଼ିଛନ୍ତି। ନିକଟରେ କଂଗ୍ରେସ ଛାଡିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦଙ୍କ ସମର୍ଥନରେ ପୂର୍ବତନ ଉପବାଚସ୍ପତି ଗୁଲାମ ହାଇଦର ମଲିକ, କାଥୁଆରୁ ସୁବାସ ଗୁପ୍ତା ଏବଂ ଡୋଡାରୁ ଶ୍ୟାମ ଲାଲ ଭାଗବତ ପୃଥକ ଭାବରେ ସେମାନଙ୍କ ଇସ୍ତଫା ପତ୍ର ସୋମବାର ପାର୍ଟି ହାଇକମାଣ୍ଡକୁ ପଠାଇଛନ୍ତି। ଆଜାଦ ଗତ ଶୁକ୍ରବାର ଦଳର ସମସ୍ତ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସର ପତନ ପାଇଁ ସେ ରାହୁଲ ଗାନ୍ଧୀଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଥିଲେ। ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଦଳ ଭଲ କାମ କରୁଥିଲା କିନ୍ତୁ ୨୦୧୩ରେ ରାହୁଲଙ୍କ ପ୍ରବେଶ ପରେ ହିଁ କଂଗ୍ରେସର ଆଜି ଏଭଳି ଅବସ୍ଥା ହୋଇଛି ବୋଲି ଆଜାଦ କହିଥିଲେ। ଉଲ୍ଲେଖନୀୟ କଥା ହେଉଛି, ବରିଷ୍ଠ ନେତା ଆଜାଦ କଂଗ୍ରେସରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ୩ପୂର୍ବତନ ମନ୍ତ୍ରୀଙ୍କ ସମେତ ୮ ବରିଷ୍ଠ ନେତା ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେମାନେ ଶୀଘ୍ର ଏକ ନୂତନ ଦଳ ଗଠନ କରିପାରନ୍ତି। ନିଜେ ଦଳ ଗଢି ଜମ୍ମୁ-କଶ୍ମୀରର ନିର୍ବାଚନକୁ ଓହ୍ଲାଇବେ ବୋଲି ପୂର୍ବରୁ ଆଜାଦ ସ୍ପଷ୍ଟ କରିଛନ୍ତି।

# କଂଗ୍ରେସକୁ ଔଷଧ ଆବଶ୍ୟକ: ଆଜାଦ୍

**ନୂଆଦିଲ୍ଲୀ,୨୯।୮(ପି.ଟି.):** ତିନି ଦିନ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ୍ ସୋମବାର ପୁଣି ଥରେ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳକୁ କମ୍ପାଉଣ୍ଡରମାନେ ଔଷଧ ଯୋଗାଉଛନ୍ତି। ଉପଯୁକ୍ତ ଚିକିତ୍ସା ପାଇଁ ଡାକ୍ତରଙ୍କଠାରୁ ଔଷଧ ଆବଶ୍ୟକ। ଦଳରେ ସାଂଗଠନିକ ଅଧିକାରର ସମାଧାନ ପାଇଁ ନେତୃତ୍ୱ ନିକଟରେ ସମୟ ନ ଥିବା ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ଛାଡ଼ିଥିଲେ ମଧ୍ୟ ସେ ଭାଜପାରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କାରଣ ଏହା ଜାମ୍ମୁ-କଶ୍ମୀରରେ ତାଙ୍କ ରାଜନୀତି ପାଇଁ ସହାୟକ ହେବ ନାହିଁ ବୋଲି ଆଜାଦ କହିଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଯେକୌଣସି ସମୟରେ ସେ ନୂଆ ଦଳ ଘୋଷଣା କରିବେ। ଆଜାଦ କଂଗ୍ରେସକୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଶୁଭେଚ୍ଛା ଅପେକ୍ଷା ଦଳ ପାଇଁ ଔଷଧର ଅଧିକ ଆବଶ୍ୟକତା ଥିବା ସେ କହିଛନ୍ତି। କଂଗ୍ରେସର ମୂଳଦୁଆ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲାଣି ଏବଂ ଯେକୌଣସି ସମୟରେ ଏହି ସଂଗଠନ ଭୁଶୁଡ଼ି ପଡ଼ିବ। ସେଥିପାଇଁ ସେ ଓ ଅନ୍ୟ କେତେଜଣ ନେତା ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଲେ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସରେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ ଆଣୁଥିବା ନେତାଙ୍କ ଡିଏନ୍‌ଏକୁ ନେଇ ସେ ପ୍ରଶ୍ନ କରିଛନ୍ତି। ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ରାହୁଲ ଗାନ୍ଧୀ 'ଚୌକିଦାର ଚୋର୍ ହୈ' ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ, ଯାହା



ଗୁଲାମ ନବୀ ଆଜାଦ

ସଫଳ ହୋଇ ନ ଥିଲା। ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ରାହୁଲ ଦଳ ଅଧ୍ୟକ୍ଷ ପଦ ଛାଡ଼ିଥିଲେ। ଏହି ସମୟରେ ସେ ଅଭିଯୋଗ କରିଥିଲେ ଚୌକିଦାର ଚୋର୍ ଅଭିଯାନରେ ତାଙ୍କୁ କେହି ସହଯୋଗ କଲେନି। କେତେଜଣ ଚୌକିଦାର ଚୋର ହୈ ସ୍ଲୋଗାନ ଦେଇଛ, ହାତ ଟେକ ବୋଲି ରାହୁଲ ବରିଷ୍ଠ ନେତାମାନଙ୍କ ବୈଠକରେ କହିଥିଲେ। ସେଠାରେ ମନମୋହନ ସିଂ, ଏ.କେ. ଆଣ୍ଟୋନି, ପି. ଚିଦାମ୍ବରମଙ୍କ ସମେତ ଆଜାଦ ଓ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଥିବା ନେତାମାନଙ୍କଠାରୁ ରାହୁଲ କିପରି ଏପ୍ରକାର ଭାଷା ଆଶା କରୁଥିଲେ ବୋଲି ଆଜାଦ ପ୍ରଶ୍ନ କରିଛନ୍ତି।

# କ୍ୟାମ୍ପସ୍ କମିଟି ଗଠନ କରିବ ଛାତ୍ର କଂଗ୍ରେସ

## ୩ ମାସ ଭିତରେ 'ଛାତ୍ର ଯୋଡ଼, ଭାରତ ଯୋଡ଼' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ପ୍ରଦେଶ ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ସଭାପତି ୟାସିର ନୱାଜଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ସରକାର କଲେଜ ଓ ୟୁନିଭର୍ସିଟିଗୁଡ଼ିକରେ ୪ ବର୍ଷ ଧରି ନିର୍ବାଚନ କରୁ ନ ଥିବା ପ୍ରସଙ୍ଗରେ ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ଏହି ଅବସରରେ ନୱାଜ କହିଛନ୍ତି, ୪ ବର୍ଷ ଧରି ନିର୍ବାଚନ ବନ୍ଦ କରି ବିଜେଡି ରାଜ୍ୟର ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେଉଁ କ୍ୟାମ୍ପସ କମିଟି ଗଠନ କରିବାକୁ ଯାଉଛନ୍ତି ଏହା ଛାତ୍ରଙ୍କ ସ୍ୱାର୍ଥ ବିରୋଧୀ। ଆଉ ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି ନ ହୁଅନ୍ତୁ ସେଥିପାଇଁ ଏହା ଏକ ଷଡ଼ଯନ୍ତ୍ର। କିନ୍ତୁ ଛାତ୍ର ଜନତା ଦଳର ଏହି ଗଣତନ୍ତ୍ର ବିରୋଧୀ କାର୍ଯ୍ୟ ସମ୍ପର୍କରେ ଛାତ୍ରଙ୍କୁ ସଚେତନତା ସୃଷ୍ଟି କରିବା ଆମ ପ୍ରଥମ ଦାୟିତ୍ୱ। ଏହି କାର୍ଯ୍ୟକାରିଣୀରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସମ୍ପାଦିକା ଓ ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଯୋଗଦେଇ କହିଛନ୍ତି, ପ୍ରଦେଶ ଛାତ୍ର କଂଗ୍ରେସ ମଧ୍ୟ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କରିବ। ଏହି କାର୍ଯ୍ୟ ଏବେଠାରୁ ୨୦ ଦିନ ଭିତରେ ସମ୍ପୂର୍ଣ୍ଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ୩ ମାସ ଭିତରେ 'ଛାତ୍ର ଯୋଡ଼, ଭାରତ ଯୋଡ଼' କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ବୋଲି ସେ କହିଛନ୍ତି। ନୱାଜ କହିଛନ୍ତି, କ୍ୟାମ୍ପସ କମିଟି ନିଜ ନିଜର ଶିକ୍ଷାନୁଷ୍ଠାନ ସାମ୍ନାରେ ଛାତ୍ର ସଂସଦର ନିର୍ବାଚନ ଦାବି କରିବ।

# ଦରଦାମ୍ ବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଡାଙ୍ଗି

**ଭୁବନେଶ୍ୱର, ୨୯।୮(ବ୍ୟୁରୋ):** ମୋଦି ସରକାରଙ୍କ ଭୁଲ୍ ଅର୍ଥନୀତି ଯୋଗୁ ଭାରତରେ ଆକାଶଛୁଆଁ ଦରଦାମ୍ ବୃଦ୍ଧି ଏବଂ ବେକାରି ଉତ୍କଟ ରୂପ ଧାରଣ କଲାଣି। ମହଙ୍ଗା ଏବଂ ବେକାରୀମୁକ୍ତ ଭାରତ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖାଇଥିଲେ ଆଜି ତାହା ପ୍ରତାରଣାରେ ପରିଣତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ କାର୍ଯ୍ୟ ବିରୋଧରେ କଂଗ୍ରେସ ଲଗାତର ସଂଗ୍ରାମ ଜାରି ରଖିଥିବା ବେଳେ ଆଗାମୀ ଦିନରେ ଏହାକୁ ତୀବ୍ରତର କରାଯିବ ବୋଲି କଂଗ୍ରେସ ରାଜ୍ୟସଭା ଏମ୍‌ପି ନିରୋଜ ଡାଙ୍ଗି କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରୋଜ କହିଛନ୍ତି, ବର୍ତ୍ତମାନ ଦେଶରେ ରନ୍ଧନ ଗ୍ୟାସ, ପେଟ୍ରୋଲ,ଡିଜେଲ,ଖାଇବା ତେଲ ଅହେତୁକ ଭାବେ ବୃଦ୍ଧି ପାଇ ଲୋକଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଛି। ପ୍ରଧାନମନ୍ତ୍ରୀ ୨୦୧୯ରେ ଦାମ୍ଭିକତାର ସହ ଘୋଷଣା କରିଥିଲେ ଯେ ଖାଦ୍ୟଶସ୍ୟ, ଦହି, ଲସି, ଲହୁଣି ଇତ୍ୟାଦି ଅତ୍ୟାବଶ୍ୟକ ବସ୍ତୁ ଜିଏସ୍‌ଟି ପରିଧିର ବାହାରେ ରହିବ, କେବଳ ମାତ୍ର ୩ ବର୍ଷ ପରେ ୨୦୨୨ରେ ତାଙ୍କର ସମସ୍ତ ପ୍ରତିଶ୍ରୁତି ପ୍ରତାରଣା ପାଲଟିଲା। ମୋଦି ସରକାରଙ୍କ ଯୁବ ବିରୋଧୀ ଆଭିମୁଖ୍ୟ ଯୋଗୁ କେନ୍ଦ୍ର ସରକାରଙ୍କ ଅଧୀନରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି । ଦେଶର ଯୁବ ସମାଜକୁ ଭୁଆଁ ବୁଲାଇବା ପାଇଁ ଅଗ୍ନିପଥ ଯୋଜନା ପ୍ରଣୟନ କରି ଯୁବକମାନଙ୍କର ରୋଜଗାର ସମ୍ଭାବନାକୁ ସଙ୍କଟକୁ ଠେଲି ଦେଇଥିବା ବେଳେ ଦେଶର ସୁରକ୍ଷା ପ୍ରତି ନୂଆ ବିପଦକୁ ଡାକି ଆଣିଛନ୍ତି ବୋଲି ଡାଙ୍ଗି କହିଛନ୍ତି।


## ନିର୍ବାଚନ ଅଧିକାରୀ, ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ,ବଲାଙ୍ଗିର

### ନିର୍ବାଚନ ବିଜ୍ଞାପନ

**ନିର୍ବାଚନ ନୋଟିସ ସଂଖ୍ୟା ୧/ତା.୨୯.୦୮.୨୦୨୨**

ଓଡ଼ିଶା ସମବାୟ ସମିତି ସମୂହ ଆଇନ ୧୯୬୨ର ଧାରା ୨୮ (କ) ଓଡ଼ିଶା ସମବାୟ ସମିତି ସମୂହ (ପରିଚାଳନା ପରିଷଦ ନିର୍ବାଚନ) ନିୟମାବଳୀ ୧୯୯୨ ନିୟମ ୪(କ) ଓ ଓଡ଼ିଶା ସମବାୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ୨୫୭୩ , ତା୧୨.୦୮.୨୦୨୨ ରିଖ କ୍ରମେ ଆମେ ଶ୍ରୀ ଲମ୍ବୋଧର ଧରୁଆ (ଓ.ଏ.ଏସ.-I) ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର ତଥା ନିର୍ବାଚନ ଅଧିକାରୀ, ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିର, ଏତଦ୍ଦ୍ୱାରା ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ ଅଧିକୃତ ଭୋଟଦାତାଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ ଯେ, ଉକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ପରିଚାଳନା ପରିଷଦ ଗଠନ ନିମନ୍ତେ ମୋଟ ୧୫ (ପନ୍ଦର) ଜଣ ପରିଚାଳନା ପରିଷଦ ସଭ୍ୟ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ନିର୍ବାଚନ ଆସନ୍ତା ତା.୩୦.୧୦.୨୦୨୨ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ନିର୍ବାଚନ ସମ୍ବନ୍ଧୀୟ ସବିଶେଷ ବିବରଣୀ ଯଥା ସମୟରେ ଘୋଷଣା କରାଯିବ ।

ସ୍ୱା./- ନିର୍ବାଚନ ଅଧିକାରୀ
ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗିର

## ZILLA SWASTHYA SAMITI, KORAPUT
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION
E-mail: nhmkpt@gmail.com Phone: 06852-250242

No.: 2781/DPMU/NHM/22 Date:- 26/08/2022

### CORRIGENDUM

**No. E-426:-** As per advertisement published on 26.08.2022 regarding Notice for different posts under NHM, Koraput in the Odia Daily Newspaper "The Dharitri" and "The Sambad", the Advertisement No. and Date may be read as Adv. No. **2756** dtd.**24.08.2022** and rest remain unchanged.

**Sd./- CDMO-cum-District Mission Director, Koraput**
OIPR-10077/11/0012/2223

## Government of Odisha
## Home (SGH) Bhubaneswar

### TENDER CALL NOTICE

No,___________/ HOME-SGH-MISC-0032-2020 Dt.

**No.D-151:**Sealed bids are invited from highly reputed and capable Taxi Operator Agencies/Firms having minimum 05 years of experience for supply of light weight vehicles for use of State Guests in State Guest House, Bhubaneswar as and when required.

The interested firms/agencies shall furnish their bids in original **on or before 16th September 2022 by 01.00 PM** with all credentials/documents as per the terms and conditions of the tender document. The tender documents can only be obtained from the Reception Counter, State Guest House on payment of **Rs.1,000/- (Rupees One Thousand)** only by cash till **05.00 PM of 15th September. 2022.**

The terms and conditions of the tender document can also be accessed from our website **www.homeodisha.gov.in.**

**Sd./-Manager,SGH-cum-Joint Secretary to Govt.**
OIPR-12063/11/0005/2223 **Dated 26.08.22**

## GOVERNMENT OF ODISHA
## "e" PROCUREMENT NOTICE

**Bid Identification No. 16 of 2022-23**

No. O-896: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 16 Nos.
3. Estmated Cost : Rs.310.76 to 495.71 lakh
4. Eligible Class of Contractor : "A & Special" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 16 of 2022 - 23 | Dt.08.09.2022 at 11.00 hrs. | Dt.27.09.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Superintending Engineer**
**RWS&S Division, Balangir**
OIPR-25033/11/0016/2223

## Tender Call Notice
## OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, NUHM, ROURKELA

### Tender/QUOTATION CALL NOTICE

**Letter No.: 3965** **Date: 26.08.2022**

No.E-423:- Sealed Quotations are invited from interested reputed Travel Agencies/Tour Operators or private individuals for providing vehicle which shall confirm to the terms and conditions (Annexure-1) for official use of City Programme Management Unit, NUHM, Rourkela on monthly basis and daily call basis. The application form of tender containing General Bid Information and Terms & Conditions for hiring of vehicles etc. will be available with website www.sundergarh.nic.in. The tenders completed in all respect should reach to the undersigned on or before **Dt.12.09.2022** at 5 PM through registered/speed post/courier service only and shall be opened on **Dt.13.09.2022** at 11.30 AM in presence of the bidders or their authorized representatives. The authority reserves the right to reject any or all tenders without assigning any reasons whatsoever.

**Sd./- Additional District Urban Public Health Officer, Rourkela**
OIPR-10144/11/0003/2223

## OFFICE OF THE DISTRICT PROJECT COORDINATOR
## SAMAGRA SIKSHYA, SUBARNAPUR

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ

**E-mail: dpcsonepurssa.opepa@nic.in, Ph.:06654-220551/06654-220514 (Fax)**

**No.1691** **Date:26.08.2022**

### OFFICE ORDER

This is for information of all concerned that, the Final Merit List and Waiting list for engagement of Part Time Instrcutors (Physical and Art Education) vide advertisement no. 2731, dtd.29.12.2018 has been published in the OSEPA website (www.osepa.odisha.gov.in) and Subarnapur District Website (www.subarnapur.nic.in). Verification of original Mark-sheet and Certificates and Counselling for placement in different Schools shall be conducted in the following scheduled. The candidates of final merit list are hereby informed to attend the conselling and certificate verification programme as per schedule date & venue mentioned below-

| | Date & Time | Venue |
|---|---|---|
| Certificate Verification of Part Time Instructor (Physical Education) | Dt.07.09.2022, 10.00 AM to 1.30 PM | MR High School Sonepur |
| Counselling of Different Schools for Part Time Instructor (Physical Education) | Dt.07.09.2022 2.30 PM to 5.30 PM | |
| Certificate Verification of Part Time Instructor (Art Education) Performing Art | Dt.08.09.2022 10.00 AM to 12.15 PM | |
| Counselling of Different Schools for Part Time Instructor (Art Education) Performing Art | Dt.08.09.2022 12.30 PM to 1.30 PM | |
| Certificate Verification of Part Time Instructor (Art Education) Visual Art | Dt.08.09.2022 2.30 PM to 4.00 PM | |
| Counselling of Different Schools for Part Time Instructor (Art Education) Visual Art | Dt.08.09.2022 4.15 PM to 5.30 PM | |

**Sd./- DEO-cum-District Project Coordinator**
**SS, Subarnapur**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-907** **Bid Identification No. Online Tender / 37-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 37-2022-23/ BPR | Road Works (SCA) | 01 No. | Rs.236.38 lakhs | "B" Class & "A" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 37-2022-23/BPR | 05.09.2022 at 10.00 A.M. | 19.09.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0064/2223 **Sd./- Chief Construction Engineer, R.W. Circle, Berhampur**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-903** **Bid Identification No. Online Tender / 36-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 36-2022-23/ BPR | Building Works under Newly Created R.I. Office-cum-Residence for the year 2022-23 | 01 No. | Rs.153.37 lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 36-2022-23/BPR | 30.08.2022 at 10.00 A.M. | 13.09.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0062/2223 **Sd./- Chief Construction Engineer, R.W. Circle, Berhampur**

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER
## BAMRA WILDLIFE DIVISION, BAMRA, SAMBALPUR

At/P.O.: Bamra, Dist.: Sambalpur, E-mail: dfobmbwl004@gmail.com

**BID IDENTIFICATION No. 1F-BMB/01 (Online)/2022-23**

### E-Procurement Notice

**No. 193** **Dated: 26.08.2022**

No. MM-136: The Divisonal Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites percentage rate bids in Single Cover System in ONLINE Mode.

1. No. of work : 10 (Ten) Nos. Building work (Composite)
2. Tender Cost : Rs.6,000/- (each)
3. Class of Contractor : "D" & "C" Class Contractors
4. Availability of Bid document in the webiste : 18.00 hours of 31.08.2022 to 17.00 hours of 12.09.2022
5. Date of Opening of Tenders : 11.30 hours on Dt.14.09.2022
6. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

**Sd./- Divisional Forest Officer**
**Bamra Wildlife Division**
OIPR-08144/11/0002/2223

## ସଂକ୍ଷେପରେ

### କଟୁରିରେ ହାଣି ବୃଦ୍ଧଙ୍କୁ ହତ୍ୟା

**ଗୁଣିଗାରେଡ଼ି ସନ୍ଦେହ, ଅଭିଯୁକ୍ତ ଗିରଫ**

ଟେନ୍ସା,୨୯।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଖରିଆବାହାଲ ଗ୍ରାମରେ ରବିବାର ରାତିରେ ମଙ୍ଗଲୁ ମୁଣ୍ଡାରି (୫୫)ଙ୍କୁ କଟୁରିରେ ହାଣି ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ଗାମୁଗା ମୁଣ୍ଡାଙ୍କୁ ସୋମବାର ଗିରଫ କରିଛି। ଗୁଣିଗାରେଡ଼ି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ଗୁଣିଗାରେଡ଼ି ସନ୍ଦେହକୁ ନେଇ ପୂର୍ବରୁ ଅନେକ ଥର ମଙ୍ଗଲୁଙ୍କ ସହ ତାଙ୍କ ଗାଁର ଗାମୁଗାଙ୍କ ଝଗଡ଼ା ହୋଇଥିଲା। ରବିବାର ରାତିରେ ମଧ ଝଗଡ଼ା ହୋଇଥିଲା। ଗାମୁଗା ଉତ୍ତ୍ୟକ୍ତ ହୋଇ ଏକ କଟୁରିରେ ମଙ୍ଗଲୁଙ୍କୁ ଚୋଟ ପରେ ଚୋଟ ପକାଇ ହତ୍ୟା କରିଥିଲେ ବୋଲି ମଙ୍ଗଲୁଙ୍କ ଭାଇ ସାଗର ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ କେ. ବଲାଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ହତ୍ୟା କରିବା ପରେ ଗାମୁଆ ନିକଟସ୍ଥ ଜଙ୍ଗଲରେ ଲୁଚି ରହିଥିଲେ। ପୋଲିସ ଜଙ୍ଗଲରୁ ତାଙ୍କୁ ଗିରଫ କରିଥିଲା।

### ଫସଲ ବୀମାରାଶିକୁ ନେଇ ଚାଷୀ ଅଶାନ୍ତି

ପଦ୍ମପୁର,୨୯।୮(ଡି.ଏନ.ଏ.): ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଅଧୀନ କେତେକ ପଞ୍ଚାୟତର ଯେଉଁ ଚାଷୀମାନେ ଅନ୍‌ଲାଇନ ମାଧ୍ୟମରେ ଫସଲବୀମା ପ୍ରିମିୟମ ଦେଇଥିଲେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଆକାଉଣ୍ଟରେ ବୀମାରାଶି ଜମା ହୋଇଛି। ଅନ୍ୟପକ୍ଷେ କ୍ରପ୍ କଟିଂ ଆଧାରରେ ବୀମାରାଶି ଦେବା ବଦଳରେ ମନମୁଖି ଭାବେ କମ୍ ପରିମାଣର ଟଙ୍କା ଜମା ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ସେପ୍ଟେମ୍ବର ୧୦ ସୁଦ୍ଧା ବାକି ଟଙ୍କା ସମସ୍ତ ଚାଷୀଙ୍କ ଖାତାରେ ଜମା ନ ହେଲେ ଚାଷୀମାନେ ପୁଣି ରେଳରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୀମା କମ୍ପାନୀ କୃଷକମାନଙ୍କୁ ଅତ୍ୟାଚାର କରୁଛି। ଏହାର କଠୋର ଜବାବ ଦିଆଯିବ ବୋଲି ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ ପ୍ରକାଶ କରିଛନ୍ତି।

### ରାଜ୍ୟସ୍ତରୀୟ ଯୁବ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାଇକମାଳ, ୨୯।୮(ଡି.ଏନ.ଏ.): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତରଫରୁ ପାଇକମାଳ ବ୍ଲକ ନୃସିଂହନାଥ ସ୍ଥିତ ଆଇଓସିଏଲ ଅତିଥି ଭବନଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ଯୁବକଂଗ୍ରେସ ପ୍ରଶିକ୍ଷଣ ଶିବିର 'ପ୍ରତିଜ୍ଞା' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳେ ପାଇକମାଳ ମୁଖ୍ୟ ଛକଠାରେ ସମସ୍ତ ଜିନିଷର ଦରଦାମ ବୃଦ୍ଧିର ପ୍ରତିବାଦ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ଜିଲା ପ୍ରଭାରୀ ଦୁର୍ଗା ପାଢ଼ି, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପାଣ୍ଡବ କର୍ଣ୍ଣ, ବିନୋଦ କାଳିଆ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ଼ା. ସ୍ମିତିରଞ୍ଜନ ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲାବାରୁ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢ଼ି ଅତିଥି ଭାବେ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ଜବତ, ୩ ଗିରଫ

ବରଗଡ଼ ଅଫିସ,୨୯।୮

ବ୍ରାଉନସୁଗାର କାରବାର ଅଭିଯୋଗରେ ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ.-୧ ମାଲପଡାର ଅମ୍‌ଜାଦ ଖାନ୍ (୩୦), ୱାର୍ଡ ନଂ.-୩ର ଅଜୟ ପଟେଲ(୨୫), ୱାର୍ଡ ନଂ.-୧୨ ପ୍ରଧାନ ପଡାର ମହମ୍ମଦ ଅଲତାବ (୨୫)। ସେମାନଙ୍କଠାରୁ ୧୦୯.୫ ଗ୍ରାମ ବ୍ରାଉନସୁଗାର, ଏକ ବାଇକ୍(ନଂ.ଓଡି୧୭ଜି/୪୩୪୦), ୨ଟି ମୋବାଇଲ ଏବଂ ନଗଦ ୧୧୫୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୨୯୯।୨୨) ରୁଜୁ ହୋଇଛି। ବରଗଡ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ମିତ ପି.



ଗିରଫ ଅଭିଯୁକ୍ତ ଏବଂ ଜବତ ବ୍ରାଉନସୁଗାର।

ପରମାର୍ ସୂଚନା ଦେଇଛନ୍ତି।

ଏସ୍‌ପି ପରମାର କହିଥିଲେ, ଗିରଫ ଅଭିଯୁକ୍ତମାନେ ବାଇକ୍ ଯୋଗେ ସମ୍ବଲପୁରରୁ ବରଗଡ ପଟକୁ ବ୍ରାଉନସୁଗାର ଧରି ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଥିପ୍ରତି ନଜର ରଖିଥିଲା। ଅଭିଯୁକ୍ତମାନେ ଚକୁଲି ଫାର୍ମ ଛକରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ବରଗଡ ଟାଉନ ଥାନାରେ ପୂର୍ବରୁ ମାମଲା ରୁଜୁ ହୋଇଥିବା ତଦନ୍ତରୁ ଜଣାପଡିଛି ବୋଲି ଏସ୍‌ପି କହିଥିଲେ। ସେହିପରି ଜିଲାରେ ବେଆଇନ ନିଶା



କାରବାର ଉପରେ ପୋଲିସ ସତର୍କ ଦୃଷ୍ଟି ରଖିଛି ଏବଂ ଏଭଳି କାରବାର ନେଇ କୌଣସି ସୂଚନା ପାଇଲେ ପୋଲିସକୁ ତୁରନ୍ତ ସୂଚନା ଦେବା ପାଇଁ ଏସ୍‌ପି ପରମାର୍ ପରାମର୍ଶ ଦେଇଛନ୍ତି।

## କୃଷକ ସଙ୍ଗଠନ ସାଧାରଣ ସଭା


ମଣ୍ଡିରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଚାଷୀବୃନ୍ଦ।

ପାଇକମାଳ, ୨୯।୮(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡିଆଡିପା ଧାନ ମଣ୍ଡିଠାରେ ହାଡୁ ସାହୁଙ୍କ ସଭାପତିତ୍ୱରେ କୃଷକ ସଙ୍ଗଠନର ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପାଇକମାଳ ବ୍ଲକ ସଭାପତି ବିଶ୍ୱନାଥ ରଣା, ବାଳକୃଷ୍ଣ ବନଛୋର, ରାହାସ ବିହାରି ସାହୁ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆୟ ବ୍ୟୟ ହିସାବ, ପଞ୍ଚାୟତସ୍ତରୀୟ କମିଟି ଗଠନ, କୃଷକ ଭବନ ନିର୍ମାଣ, ବୀମାରାଶି, ଅଙ୍ଗ ନଦୀରେ ବ୍ୟାରେଜ, କୃଷି ଋଣ ଛାଡ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପରେ ପଞ୍ଚାୟତସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଯୁଧିଷ୍ଠିର ସାହୁ ସଭାପତି, ହାଡୁ ସାହୁ ଉପସଭାପତି, କୌତୁକ ସାହୁ କୋଷାଧ୍ୟକ୍ଷ, ମୋତିଲାଲ ସାହୁ, ସୁକାନ୍ତ ସାଧୁଆ, ସତ୍ୟାନନ୍ଦ ସାହୁ, ରାଜୀବ ସାହୁ, ପଞ୍ଚାନନ ମାହାର, ଅନିଲ ରଣା, ରାମଧନ ସାହୁ ପ୍ରମୁଖ ସଭ୍ୟ ମନୋନିତ ହୋଇଥିଲେ। ଶେଷରେ ରାହାସ ବିହାରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହିଂସା ରଥକୁ ବରଗଡ଼ରେ ସମ୍ବର୍ଦ୍ଧନା


ବରଗଡ଼ ରାଣାପ୍ରତାପ ସ୍କୁଲ ଛାତ୍ରୀଛାତ୍ର ଅହିଂସା ରଥକୁ ସମ୍ବର୍ଦ୍ଧନା ଦେଉଛନ୍ତି।

ବରଗଡ଼ ଅଫିସ, ୨୯।୮

ବରଗ ଜିଲାରେ ଅହିଂସା ରଥକୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲାର ଭେଡେନ ବ୍ଲକ ଦେଇ ଆସିଥିବା ଅହିଂସା ରଥ ରବିବାର ବରଗଡ଼ରେ ପହଞ୍ଚିବା ପରେ ବରଗଡ଼ ପୌର ପରିଷଦ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ସହିତ ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ମଧ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶୋଭାଯାତ୍ରା ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଏଥିରେ ରାଣାପ୍ରତାପ ସ୍କୁଲ, ଜର୍ଜ ହାଇସ୍କୁଲ, ନିଶାମଣି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ବରଗଡ଼ ବିଇଓ ସେବାଶ୍ରୀ ଭୋଇ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରଗଡ଼ ଜିଲାର ୩ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରୀ ବସ୍ତ୍ରାଳୟ ତରଫରୁ ୧୦ ବୁଣାକାରଙ୍କୁ ସୂତା କାଟିବା ମେଶିନ ପ୍ରଦାନ କରାଯାଇଥିଲା। ସେହିପରି ଭଟଲିରୁ ଆସିଥିବା ଅହିଂସା ରଥକୁ ରାଣା ପ୍ରତାପ ସ୍କୁଲ ତଥା ଭଟଲି ଛକରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରଗଡ଼ ବିଡିଓ ଯୁଧିଷ୍ଠିର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଟାରୀ ପବ୍ଲିକ ସ୍କୁଲ, ରାଣା ପ୍ରତାପ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### ଶୁଦ୍ଧିକ୍ରିୟାରେ ରକ୍ତଦାନ ଶିବିର, ବୃକ୍ଷରୋପଣ

ପାଇକମାଳ,୨୯।୮ (ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ତହସିଲ ଅଫିସ ନିକଟ ଜର୍ଜଗଡ଼ ଗ୍ରାମର କୀର୍ତ୍ତନ ଚନ୍ଦନଙ୍କ ଶୁଦ୍ଧିକ୍ରିୟା ଅବସରରେ ସୋମବାର ରକ୍ତଦାନ ଶିବିର ଓ ବୃକ୍ଷରୋପଣ ଅନୁଷ୍ଠିତ ହୋଇଛି। ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ପାଇକମାଳ ଥାନା ଏସ୍‌ଆଇ ଚୁମକିପ୍ରଭା ନାଥ ଉଦ୍‌ଘାଟନ କରିଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ବଡ ଶତପଥି ସଭାପତିତ୍ୱ କରିଥିଲେ। ଏଏସ୍‌ଆଇ ପ୍ରଫୁଲ୍ଲ ପାଣିଗ୍ରାହୀ, ଗୌରାଙ୍ଗ ଦାସ, ବିଭୂତି ମୁଣ୍ଡ ଓ ଅଶ୍ୱିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରେ ଯୁବକମାନେ ପଡିଆରେ ବୃକ୍ଷରୋପଣ କରିଥିଲେ। ବାଳକ ଦାସ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଆକ୍ରମଣରେ ମହିଳା ମୃତ

ବଡ଼ଗାଁ,୨୯।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଇତମା ପଞ୍ଚାୟତ ଝାରମୁଣ୍ଡା ଗ୍ରାମରେ ରବିବାର ରାତିରେ ଦନ୍ତାହାତୀ ଆକ୍ରମଣରେ କସ୍ତୁରୀ ନାଏକ (୫୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ୧୨ଟାରେ ଦନ୍ତା ଗାଁରେ ପଶିଥିଲା। କସ୍ତୁରୀଙ୍କ ଘର କାନ୍ଥକୁ ଭାଙ୍ଗିଦେଇଥିଲା। ଘର ଭିତରେ ଥିବା କସ୍ତୁରୀ ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ଭୟଭୀତ ହୋଇ ଘରୁ ବାହାରି ଦୌଡ଼ି ପଳାଉଥିଲେ। କସ୍ତୁରୀ ତଳେ ପଡ଼ିଯିବାପରେ ହାତୀ ତାଙ୍କୁ ଦଳିଦେଇଥିଲା। ଏହା ପରେ ପୁଣି ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମଚନ୍ଦ୍ର ମଧ ହାତୀ ଆକ୍ରମଣରେ ଆହତ ହୋଇଥିଲେ। କସ୍ତୁରୀଙ୍କୁ ହାତୀ କଚାଡି ମାରୁଥିବା ଦେଖି ରାମଚନ୍ଦ୍ର ଅଚେତ ହୋଇଯାଇଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ରାତିରେ ବନ ବିଭାଗ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏହି ଦନ୍ତା ହାତୀ କିଛି ମାସ ହେଲା ବଡ଼ଗାଁ ଅଞ୍ଚଳରେ ଘର ଭାଙ୍ଗି ଧାନଚାଉଳ ଖାଇବା ସହିତ ଚାଷ ନଷ୍ଟ କରିଚାଲିଛି। ଗୋଠଛଡ଼ା ହୋଇଥିବା ଏହି ଦନ୍ତାକୁ ଘଉଡ଼ାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୃଷି ଉପନିର୍ଦ୍ଦେଶକଙ୍କୁ ଟଙ୍କା ଦେଇ ସାର ମାଗିଲେ


କୃଷି ଉପନିର୍ଦ୍ଦେଶକଙ୍କ ସହ ଆଲୋଚନା କରୁଛନ୍ତି ଚାଷୀ।

**ଚାଷୀଙ୍କ ଅଭିନବ ପ୍ରତିବାଦ**

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁର ଜିଲାରେ ସାରର ଅଭାବ ଦେଖାଦେଇଛି। ଏହି ସମସ୍ୟା ନେଇ ଚାଷୀମାନେ ସୋମବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ସେମାନେ ଜିଲା କୃଷି ଉପନିର୍ଦ୍ଦେଶକ ଟଙ୍କଧର ସାହୁଙ୍କୁ ଟଙ୍କା ଦେଇ ସାର ଦେବାକୁ ଦାବି କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଖରିଫ୍ ଫସଲ ପାଇଁ ୟୁରିଆ ସାର ଆବଶ୍ୟକ ଥିବାବେଳେ ସମବାୟ ସମିତି ବା ପ୍ୟାକ୍ସରେ ଏହା ମିଳୁନାହିଁ। ସରକାରୀ ଗୋଦାମରେ ୟୁରିଆ, ପଟାସ୍, ଗ୍ରୋମୋର ଆଦି ନ ଥିବାବେଳେ ଡିଲରମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି। ୟୁରିଆ ସାର ପ୍ୟାକେଟ୍ (୫୦କେଜି) ପିଛା ସରକାରୀ ଦର ୨୬୭ ଟଙ୍କା ଥିବାବେଳେ ଡିଲରମାନେ ୫୦୦ରୁ ୬ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ସ୍ଥିତିରେ ଚାଷୀ ଅଧିକ ଦାମ୍‌ରେ ସାର କିଣି ଶୋଷଣର ଶିକାର ହେଉଛନ୍ତି। ଏହାର ସମାଧାନ ଦାବିକରି ସୋମବାର ଚାଷୀମାନେ ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ କୃଷି ଅଧିକାରୀଙ୍କ ଟେବୁଲ ଉପରେ ଟଙ୍କା ରଖି ସାର ଦେବା ପାଇଁ ଦାବି କରିଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ଚାଷୀମାନଙ୍କ ସହ କୃଷି ଉପନିର୍ଦ୍ଦେଶକ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ମଧ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଅନ୍ୟପଟେ ଆସନ୍ତା ଦୁଇଦିନ ମଧ୍ୟରେ ଜିଲାକୁ ସାର ଆସିବା ନେଇ କୃଷି ଉପନିର୍ଦ୍ଦେଶକ ସାହୁ କହିଛନ୍ତି। ଚାଷୀ ବିଞ୍ଜୁ ପଟ୍ଟନାୟକ, ଦେବେନ୍ଦ୍ର ପଧାନ, ବ୍ୟୋମକେଶ ଠାକୁରଙ୍କ ନେତୃତ୍ୱରେ ବହୁ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ଭୂବନା ନନ୍ଦ ମହାନ୍ତି
କୁଣ୍ଡିକୋଣା, ନିମାପଡ଼ା
ଆବିର୍ଭାବ: ୨୫।୦୧।୧୯୨୩
ତିରୋଧାନ: ୨୦।୦୮।୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ରମେଶ, ଉମେଶ, ସୁରେଶ, ଦେବେଶ, କ୍ଷିତୀଶ, ଜିତିଶ, ସ୍ନେହଲତା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଅଭିରାମ ମହାରଣା (ଅଭ)
କଟକ ସଦର, ଗୋପାଳପୁର, ବାଳିକୁଦା
ଆବିର୍ଭାବ-୧୨।୦୪।୧୯୬୨
ତିରୋଧାନ- ୨୦।୦୮।୨୦୨୨
ଆମ୍ଭେ ଭାବି ନଥିଲୁ ଯେ ତୁମେ ହଠାତ୍ ଏପରି ଆମକୁ ଶୋକ ସାଗରରେ ଭସାଇ ଦେଇ ଏକା କରି ଛାଡ଼ି ଚାଲିଯିବ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଅଭୁଲା ସ୍ମୃତି ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-ଶୋକସନ୍ତପ୍ତ-
ପ୍ରେମଲତା, ପାର୍ଥସାରଥି, ଚିକି, ଅଜିତ୍, ସନାତନ, ଝିଲି, ମିକି, ଲାଡୁ, ଆରତୀ, ମିନି, ଅନୁ, ବନି, ନକୁଳ, ବବୁଲି, ଅମୁଲି, ପ୍ରଶାନ୍ତ, ପୂର୍ଣ୍ଣଚନ୍ଦ୍ର।
ଧ-୧୩୮୨

ଶ୍ରଦ୍ଧାଞ୍ଜଳି

୰ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ ଅଫିସର)
ଝାଡୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଆଜି, ପଞ୍ଚବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୩୮୬

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ଦେବସ୍ମିତା କର
ସଦାଶିବପୁର, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୮।୦୫।୧୯୯୨
ତିରୋଧାନ: ୨୦।୦୮।୨୦୨୨
ଅସମୟରେ ଚାଲିଯିବା ଆମ ସମସ୍ତଙ୍କୁ କଷ୍ଟ ଦେଇଛି। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା: ଦେବୀ ପ୍ରସାଦ କର, ମା: ବିଷ୍ଣୁପ୍ରିୟା କର, ଜେଜେବାପା: ସ୍ୱର୍ଗତ ବିଦ୍ୟାଧର କର, ଜେଜେମା: ସ୍ୱର୍ଗତା କୌଶଲ୍ୟା ଦେବୀ, ଅଜା, ମାମୁ, ମାଇଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସନ୍ଦିପ ମହାନ୍ତି (ଟୁନଟୁନ)
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୨/୧୯୮୫ | ତିରୋଧାନ : ୩୦/୦୮/୨୦୦୭
ଚାହିଁ ଚାହିଁ ୧୫ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡି ସବୁଦିନ ପାଇଁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନକେବେ ମଧ ପୂରଣ ହେବନାହିଁ। ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇରହିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୩୮୭

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ଡଃ ନିରୂପମା ପଟ୍ଟନାୟକ
ସ୍ୱାମୀ: ୰ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୧୭

# ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଘରୋଇ ଉପଚାର...

**ବର୍ଷାଦିନେ ଅନେକଙ୍କଠାରେ ଫଙ୍ଗାଲ ଇନ୍‌ଫେକ୍ସନ ସମସ୍ୟା ଦେଖାଦିଏ। ଏଥିପାଇଁ ଶରୀରର ବିଭିନ୍ନ ସ୍ଥାନରେ ବିଶେଷ କରି ଜଙ୍ଘ କଡ଼ରେ ଫଳିଯାଇ କୁଣ୍ଡେଇ ହୋଇଥାଏ। କେତେକ ଘରୋଇ ଉପଚାର ଦ୍ୱାରା ଏଭଳି ସମସ୍ୟା ଦୂର କରାଯାଇପାରିବ...**



ଜଙ୍ଘ କଡ଼ରେ କୁଣ୍ଡାଇ ହେବା ମୁଖ୍ୟତଃ ଫଙ୍ଗାଲ ଇନ୍‌ଫେକ୍ସନ ଯୋଗୁ ହୋଇଥାଏ। ଯେଉଁଥିପାଇଁ ଅଧିକ ଟାଇଟ୍ ପ୍ୟାଣ୍ଟ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଯୋଗୁ ଓଦା ରହିବା, ମେଦବହୁଳତା ଥିଲେ ବାରମ୍ବାର ଜଙ୍ଘ ଘଷିହେବା ଆଦି ବିଭିନ୍ନ କାରଣ ଦାୟୀ। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ସହ ଇନ୍‌ଫେକ୍ସନ୍ ଦୂର କରିବା ଲାଗି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ। ଏହା ବ୍ୟତୀତ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ମଧ୍ୟ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...

➡ଏପରି ସମସ୍ୟା ଥିଲେ ଅନେକେ ପାଉଡର ପକାଇ ଥାଆନ୍ତି କିମ୍ବା ମନଇଚ୍ଛା କୌଣସି କ୍ରିମ୍ ଲଗାଇ ଦିଅନ୍ତି। ହେଲେ ଏପରି କରିବା ଦ୍ୱାରା ସମସ୍ୟା କମିବା ବଦଳରେ ବଢ଼ିବା ଆଶଙ୍କା ରହିଛି। ତେଣୁ ଏପରି ନ କରି ଆପଣ ଚାହିଁଲେ ତୁରନ୍ତ ଆରାମ ପାଇବା ଲାଗି ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇ ପାରିବେ।

➡ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ ଜଙ୍ଘରେ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।

➡ପାଣିରେ ଅଳ୍ପ ଖାଇବା ସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।

➡ଘିକୁଆଁରୀକୁ ୧୫ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, କୁଣ୍ଡାଇ ହେବା କମିଯିବ।

➡ପାଣିରେ ନିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂରହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିଥାଏ।

➡ହଳଦୀପାଣିରେ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

## ପ୍ରସବ ପରେ...



**ପ୍ରସବ ପରେ ସାଧାରଣତଃ ମହିଳାଙ୍କର ଓଜନ ବଢ଼ିଯାଇଥାଏ। ତେଣୁ କିପରି ଓଜନ କମ୍ କରିବେ ସେନେଇ ସଚେତନ ରୁହନ୍ତୁ।**

ମାଆ ହେବା ପରେ ଶରୀରକୁ ଅଧିକ ଖାଦ୍ୟ ଆବଶ୍ୟକ ହୋଇଥାଏ। ଖାଦ୍ୟରେ ଉପଯୁକ୍ତ ମାତ୍ରାରେ ପ୍ରୋଟିନ୍, କ୍ୟାଲୋରି, ଭିଟାମିନ୍ ଏବଂ ମିନେରାଲ ରହିଥିବା ଖାଦ୍ୟ ଖାଆନ୍ତୁ। ତେଣୁ ଭାତ, ଡାଲି, ଫଳ, ଘିଅ, ସୋରିଷ ତେଲ, ମେଥି ଓ ଜିରା ଆଦି ଖାଆନ୍ତୁ। ନିଜ ପାଇଁ ଉପଯୁକ୍ତ ସୁଷମ ଖାଦ୍ୟ ସମ୍ପର୍କରେ ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ।

➡ପ୍ରସବ ପରେ ଶରୀର ଯଦି ସୁସ୍ଥ ରହିଥାଏ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯୋଗ ଓ ବ୍ୟାୟାମ କରନ୍ତୁ।

➡ଓଜନ କମ୍ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଫଳରେ ଶରୀର ହାଇଡ୍ରେଟ୍ ରହିବା ସହିତ କାର୍ଯ୍ୟକ୍ଷମତା ମଧ୍ୟ ବଢ଼ିଥାଏ।

➡ପ୍ରସବ ପରେ ଉପଯୁକ୍ତ ମାତ୍ରାରେ ଶୋଇବା ମଧ୍ୟ ଜରୁରୀ। ନିଦ କମ୍ ହେବା ଫଳରେ ଶରୀରରେ ଏକ ପ୍ରକାର ହର୍ମୋନ ଅଧିକ ହୋଇ ଓଜନ ବୃଦ୍ଧି ହୋଇଥାଏ।

➡ପ୍ରସବ ପରେ ଶିଶୁକୁ ସ୍ତନପାନ କରାଇବା ଫଳରେ ପ୍ରାକୃତିକ ଉପାୟରେ ଓଜନ କମ୍ ହୋଇଥାଏ।

➡ପ୍ରସବ ପରେ ଡାଏଟିଂ ଆଦୌ କରନ୍ତୁ ନାହିଁ, ବରଂ ସୁଷମ ଖାଦ୍ୟ ଖାଆନ୍ତୁ।

ଖାଦ୍ୟରୁଚି

## ସେଓ କ୍ଷିରି



**ଆବଶ୍ୟକ ସାମଗ୍ରୀ:** ମଧ୍ୟମ ଆକାରର ଅଧା କିଲୋଗ୍ରାମ ସେଓ, କ୍ଷୀର ୧ ଲିଟର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟାହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସେଓରୁ ଚୋପା ଛଡ଼ାଇ ମଞ୍ଜି ବାହାର କରିଦିଅନ୍ତୁ। ଏହାକୁ ଭଲ ଭାବେ କୋରି ଦିଅନ୍ତୁ। ଏକ ପାତ୍ରରେ ଚୁଲିରେ କ୍ଷୀର ଗରମ କରନ୍ତୁ। ଏହାକୁ ଭଲ ଭାବେ ଫୁଟି ଅଧା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ପରେ ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। କୋରାଯାଇଥିବା ସେଓକୁ ସେଥିରେ ପକାଇ ଗୋଳାନ୍ତୁ। ଏହା ଗାଢ଼ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଗୋଳାଇ ଦିଅନ୍ତୁ। ଶେଷରେ ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲି ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସେଓ କ୍ଷିରି। ଏହାକୁ ଖାଇବାର ମଜା ନିଅନ୍ତୁ।

ସୌନ୍ଦର୍ଯ୍ୟ

# ରେନିଡେ ମେକ୍‌ଅପ୍

**ଯୁବତୀ ହୁଅନ୍ତୁ ଅବା ମହିଳା, କାହାକୁ ବିନା ମେକ୍‌ଅପ୍‌ରେ ଦେଖିବା ମୁସ୍କିଲ୍। ମେକ୍‌ଅପ୍ ବିନା ଯେମିତି ସେମାନଙ୍କ ପର୍ସନାଲିଟିରେ ଆଞ୍ଚ ଆସିଥାଏ। ତେବେ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯାଉଥିବାରୁ ଅନେକଙ୍କର ଚିନ୍ତା ବଢ଼ିଯାଇଥାଏ। ଏମିତିରେ କେଉଁଭଳି ମେକ୍‌ଅପ୍ ନେଲେ ବର୍ଷାଦିନେ ତାହା ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ...**



➤ୱାଟରପ୍ରୁଫ୍ ଫାଉଣ୍ଡେଶନ ଏଦିନ ପାଇଁ ସବୁଠୁ ଭଲ ଅପ୍ସନ। କ୍ରିମ୍ ଫାଉଣ୍ଡେଶନ୍ ନ ଲଗାଇ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ମନେରଖନ୍ତୁ ଏଦିନେ ଫାଉଣ୍ଡେଶନ୍ ମୋଟା ଲେୟାରରେ ଆଦୌ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।

➤ବର୍ଷାଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ୍, ଲାଇନର୍ ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ୍ୟ ମୁହଁ ଆକର୍ଷଣୀୟ ଲାଗିଥାଏ।

➤ସେହିପରି ଲଙ୍ଗ୍ ଲାଷ୍ଟିଙ୍ଗ୍ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାର କଲେ ତାହା ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଧୋଇ ନ ଥାଏ।

➤ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇ ପାରିବେ।

➤ସିମ୍ପଲ୍ ହେୟାର ଷ୍ଟାଇଲ୍ କରନ୍ତୁ। ନଚେତ୍ କମ୍ପ୍ଲିକେଟେଡ୍ ହେୟାର ଷ୍ଟାଇଲ୍‌ରେ ବର୍ଷା ପାଣି ପଡ଼ିଲେ ଦୀର୍ଘ ସମୟ ନ ଶୁଖି କେଶ ଖରାପ ହେବା ଆଶଙ୍କା ରହିଛି।



**ବର୍ଷାଦିନେ ପାଣି ଏବଂ ଥଣ୍ଡା ପାଗ ସଭିଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ହେଲେ ଏଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଥାନ୍ତି ଶିଶୁମାନେ। ତେଣୁ ଏହିଦିନେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ କିପରି ନେବେ ସେ ସମ୍ପର୍କରେ ଜାଣିରଖନ୍ତୁ...**







# ବର୍ଷାଦିନେ ଶିଶୁର ଯତ୍ନ

**ପରିଚ୍ଛନ୍ନତା ଉପରେ ଦିଅନ୍ତୁ ଗୁରୁତ୍ୱ:** ବର୍ଷାଦିନେ ସାଧାରଣତଃ ଚାରିଆଡ଼େ ପାଣି ଅପରିଷ୍କାର ଥାଏ, ଯାହା ସଂସ୍ପର୍ଶରେ ଆସିଲେ ପିଲାଙ୍କ ଦେହରେ ଫଙ୍ଗାଲ୍ ଓ ରିଙ୍ଗୱର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ଏହା ମଧ୍ୟ ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ପିଲାଙ୍କୁ ଜୀବଜନ୍ତୁଙ୍କଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ। ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ପିଲାଙ୍କ ପୋଷାକକୁ ପ୍ରତିଦିନ କିଛି ସମୟ ଖରା ଦେବାକୁ ଭୁଲନ୍ତୁ ନାହିଁ। ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ।

– ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ନଖ ଏବଂ କେଶ କାଟନ୍ତୁ:** ପିଲାଙ୍କ ନଖ ବଡ଼ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହାଦ୍ୱାରା ମଧ୍ୟ ଇନ୍‌ଫେକ୍ସନ୍‌ର ଆଶଙ୍କା ରହିଛି।

– ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡ଼ିବା ଆଦି ଦେଖନ୍ତି ତେବେ କିଛି ନିମ୍ବପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

– ଏହିଦିନେ କେତେକ ପିଲାଙ୍କର ଘିମିରି ସମସ୍ୟା ବି ଦେଖାଦେଇଥାଏ। ଯଦି ଆପଣଙ୍କ ପିଲା ଦେହରେ ଘିମିରି ହୋଇଛି ତେବେ ଗୋଲାପ ଜଳରେ ଅଳ୍ପ ଚନ୍ଦନ ଘୋରି ଲଗାନ୍ତୁ। ୧୫-୨୦ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ପିଲାକୁ ପୋଛି ଦିଅନ୍ତୁ।

– ପିଲାଙ୍କ ଦେହରେ ଅଧିକ ଝାଳ ହେଉଥିଲେ ଭଲ ଭାବେ ପୋଛି ଦିଅନ୍ତୁ।

**ନିୟମିତ ଗାଧେଇ ଦିଅନ୍ତୁ:** ଥଣ୍ଡା ଧରିବା ଡରରେ ଅନେକେ ଏହିଦିନେ ପିଲାଙ୍କୁ ଆଦୌ ଗାଧୋଇ ଦିଅନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ବରଂ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନୀରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖଉଷୁମ ପାଣିରେ ଗାଧୋଇ ଦିଅନ୍ତୁ।

**ପ୍ରାକୃତିକ ଉପାୟରେ ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି:** ପିଲାମାନଙ୍କୁ ପ୍ରତିଦିନ କିଛି ଯୋଗ ଓ ବ୍ୟାୟାମ କରିବାକୁ କୁହନ୍ତୁ। ଏହାଦ୍ୱାରା ପିଲାଙ୍କର ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ବ୍ୟତୀତ ପିଲାଙ୍କୁ ଘରେ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। କାଢ଼ା କିମ୍ବା ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇବାକୁ ଦିଅନ୍ତୁ। ଏଭଳି ବିଭିନ୍ନ ଅଭ୍ୟାସ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

### କ'ଣ କରନ୍ତି ଏମାନେ



**ହଳଦୀ ମିଶା କ୍ଷୀର ପିଇବାକୁ ଦିଏ**

ଏବେ ପାଗ ପରିବର୍ତ୍ତନ ଯୋଗୁ ପିଲାଙ୍କର ଜ୍ୱର, ଥଣ୍ଡା ଲାଗି ରହୁଛି। ତେଣୁ ମୁଁ ଝିଅକୁ ଥଣ୍ଡା ନ ହେବା ପାଇଁ ହଳଦୀ ମିଶା କ୍ଷୀର ପିଇବାକୁ ଦେଉଛି। ବର୍ଷାରେ ସ୍କୁଲରୁ ସେ ଫେରିବା ପରେ ତାକୁ ଭଲ ଭାବରେ ପୋଛିପାଛି ତୁଳସୀପତ୍ର ଖାଇବାକୁ ଦିଏ। ସ୍କୁଲକୁ ଯିବାବେଳେ ସାନିଟାଇଜର ଓ ମାସ୍କ ବ୍ୟବହାର କରିବାକୁ ବୁଝାଇଥାଏ।

*-ହରପ୍ରିୟା ପାତ୍ର, ଗୃହିଣୀ, ପୁରୀ*



**ପିଲାଙ୍କ ଯତ୍ନ ନିଏ**

ଅଦିନିଆ ବର୍ଷା ଯୋଗୁ ଜ୍ୱର, ଥଣ୍ଡା ବ୍ୟତୀତ ପିଲାଙ୍କୁ ଚର୍ମରୋଗ ବି ହେଉଛି। ତେଣୁ ସେମାନଙ୍କୁ ଡେଟଲରେ ଗାଧୋଇଦେବା ସହ ସେମାନଙ୍କ ଡ୍ରେସ୍ ମଧ୍ୟ ସଫା କରିବା ପରେ ଡେଟଲରେ ଧୋଉଛି। ମାର୍କେଟ କିମ୍ବା କୌଣସି ଗହଳି ସ୍ଥାନକୁ ନେବାବେଳେ ସେମାନଙ୍କୁ ମାସ୍କ ପିନ୍ଧାଇ ଛାଡିଥାଏ।

*-ତାପସୀ ଜେନା, ଗୃହିଣୀ, ବାଲେଶ୍ୱର*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୩୦/୨୦୨୨ Sambalpur, Tuesday, August 30/ 2022

# 'ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ'




ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସମସ୍ତ ପୁରସ୍କାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ସଫଳତା ଯୁବବର୍ଗଙ୍କୁ କ୍ରୀଡ଼ାକୁ କ୍ୟାରିୟର କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ''ଯୁବବର୍ଗ ଓ ସମାଜର ପ୍ରଗତିରେ କ୍ରୀଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଆମେ ରାଜ୍ୟବ୍ୟାପୀ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ କରୁଛୁ ଏବଂ କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କ ସଫଳତା ହାସଲ ପାଇଁ ସମର୍ଥନ କରିଆସୁଛୁ। ଓଡ଼ିଶା ଦେଶରେ ଏକ ଉଦୀୟମାନ ସ୍ପୋର୍ଟ୍ସ ଡେଷ୍ଟିନେଶନ ଭାବେ ସ୍ୱୀକୃତି ପାଇଛି। ସରକାର କ୍ରମାଗତ କ୍ରୀଡ଼ା କାର୍ଯ୍ୟକଳାପଗୁଡ଼ିକୁ ସମର୍ଥନ କରି ଆଗାମୀ ଦିନରେ ଓଡ଼ିଶାକୁ ଏକ କ୍ରୀଡ଼ାଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି'' ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟ ଅଧିକାରୀ ଏବଂ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ଝିଲ୍ଲୀ ସମ୍ପ୍ରତି ଆମେରିକାରେ ଟ୍ରେନିଂ ନେଉଥିବାରୁ ତାଙ୍କ ପରିବାରବର୍ଗ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ପାରା ଆଥଲେଟ୍ ଜୟନ୍ତି ବେହେରାଙ୍କ ପ୍ରଶିକ୍ଷକ ବିଷ୍ଣୁଚରଣ ମିଶ୍ରଙ୍କୁ ଶ୍ରେଷ୍ଠ କୋଚ୍ ଏବଂ ବେଣୁଧର ଦାସଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଟ୍ରଫି ସହ ମାନପତ୍ର ଏବଂ ଆର୍ଥିକ ପୁରସ୍କାର ଦିଆଯାଇଛି। ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପାଇଁ ୩ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍‌ଙ୍କୁ ୧ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)କୁ ପୁରସ୍କୃତ କରାଯାଇଛି। ଆରଏସ୍‌ପି ନିର୍ଦ୍ଦେଶକ ଅତନୁ ଭୌମିକ ଟ୍ରଫି ସହ ୧ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

- ଝିଲ୍ଲୀ ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଶ୍ରେଷ୍ଠ କ୍ରୀଡ଼ାବିତ୍
- ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ
- ବିଷ୍ଣୁ ଚରଣ ମିଶ୍ରଙ୍କୁ ଶ୍ରେଷ୍ଠ କୋଚ୍
- ବେଣୁଧର ଦାସ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା
- ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପୁରସ୍କୃତ
- ପ୍ରତାପ ତରେଇ ଓ ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବ୍ୟତୀତ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ବ୍ରୋଞ୍ଜ ପଦକ ବିଜୟୀ ମହିଳା ହକି ଦଳର ସଦସ୍ୟା ଦୀପ୍ ଗ୍ରେସ୍ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ମୋଟ ୨,୧୨ ୮୨ ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ସିଦ୍ଧାର୍ଥ ରାଉତରାୟଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ସେ ଅନୁପସ୍ଥିତ ଥିବାରୁ ତାଙ୍କ ବାପା ତଥା ବିଧାୟକ ସୁରେଶ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ। ସାହସିକତା ଲାଗି ୧୪ ବର୍ଷୀୟ ପ୍ରତାପ ତରେଇ ଓ ୧୦ ବର୍ଷୀୟା ଶୁଭଶ୍ରୀ ରାଉତଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ରୌପ୍ୟ ପଦକ, ଏକ ଫଳକ ଓ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି।

ଜାତୀୟ କ୍ରୀଡ଼ା ଦିବସରେ ପୁରସ୍କାର ପ୍ରଦାନ ବ୍ୟତୀତ ୫୩ ଜଣ କୃତୀ କ୍ରୀଡ଼ାବିତ୍ ଓ ପାରା ସ୍ପୋର୍ଟ୍ସ ଖେଳାଳିଙ୍କୁ ବିଭିନ୍ନ ବିଭାଗରେ ଚାକିରି ଦିଆଯାଇଛି। ବଡି ବିଲ୍ଡର ଚନ୍ଦନ କୁମାର ସାହୁ, ପାରା ଆଥଲେଟ୍ ଜୟନ୍ତି ବେହେରା, ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା, ପାରା ବ୍ୟାଡ୍‌ମିଣ୍ଟନ ଆଥଲେଟ୍ ସୁନୀଲ ପ୍ରଧାନ, ରଗ୍‌ବୀ ଖେଳାଳି ମୁନା ମୁର୍ମୁ, ହକି ଖେଳାଳି ଜିଓ୍ୱନ କିଶୋରୀ ଟପ୍ପୋ ଓ ଜାହ୍ନବୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ୨୯୧ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅମିତ୍ ଓ ଦୀପ୍‌ଗ୍ରେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦୀନେଶ କୁମାର, ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ଭାଗ ନେଇଥିବା ପଦ୍ମିନୀ ରାଉତଙ୍କୁ କ୍ରୀଡ଼ା ମନ୍ତ୍ରୀ ୭.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସେହିପରି ଚେସ୍ ଖେଳାଳି ସାଇନା ସାଲୋନିକା ୧.୫ ଲକ୍ଷ, ଫୁଟ୍‌ବଲ ଖେଳାଳି ଟଙ୍କଧର ବାଗ୍ ୨ ଲକ୍ଷ, ଦୃଷ୍ଟିହୀନ ଚେସ୍ ତାରକା ସୌନ୍ଦର୍ଯ୍ୟ ପ୍ରଧାନ ୨ ଲକ୍ଷ, ହ୍ୱିଲ ଚେୟାର ଫେନ୍‌ସର ଭି. ରମେଶ ରାଓ, ରାଖାଲ ସେଠୀ ୨ ଲକ୍ଷ ଲେଖାଏ ଓ ମାଳତି ପାତ୍ରରେ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିଲେ।

## ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ କମିଟିରେ ଅଭିଜିତ୍ ପଲ୍



**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ (ଓଏଏ)ର ସାଧାରଣ ସମ୍ପାଦକ ଅଭିଜିତ୍ ପଲ୍ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍)ର କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଓଏଏ ବ୍ୟତିତ ସେ ଓଡ଼ିଶା ଫୁଟବଲ ସଂଘର ସଦସ୍ୟ ତଥା ଯୁଗ୍ମ ସମ୍ପାଦକ ମଧ୍ୟ ରହିଛନ୍ତି। ରାଜ୍ୟରେ ଫୁଟବଲର ପ୍ରଚାର ପ୍ରସାର ଓ ଉନ୍ନତି ପାଇଁ ସେ ନିୟମିତ ପ୍ରୟାସ କରି ଆସିଛନ୍ତି। ପଲଙ୍କ ଏହି ସଫଳତା ପାଇଁ ରାଜ୍ୟ ଫୁଟବଲ ଆସୋସିଏସନର ସମସ୍ତ କର୍ମୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ତାଙ୍କ ନେତୃତ୍ୱରେ ଭାରତୀୟ ଫୁଟବଲ ଏକ ନୂତନ ଶିଖର ଛୁଇଁବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫିଫା ବାସନ୍ଦାଦେଶ ହଟିବା ପରେ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଫିଫାର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।










ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକିରେ ରୌପ୍ୟ ପଦକ ବିଜେତା ଭାରତୀୟ ପୁରୁଷ ଓ ବ୍ରୋଞ୍ଜ ବିଜୟୀ ମହିଳା ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କା ଆର୍ଥିକ ପୁରସ୍କାର ଗ୍ରହଣ ଅବସରରେ।

## ଶୁଭେଚ୍ଛା ଜଣାଇଲେ ମୋଦି, ତେନ୍ଦୁଲକର

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ସୋମବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଥିବା ବେଳେ ମୋଦିଙ୍କ ସମେତ ଏକାଧିକ ମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ସମସ୍ତଙ୍କୁ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା। ବିଗତ କିଛିବର୍ଷ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବା ସହିତ କ୍ରୀଡ଼ା ଦେଶରେ ଆହୁରି ଲୋକପ୍ରିୟତା ହାସଲ କରୁ ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନିଶିଥ୍ ପରମାଣିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଦେଶରେ କ୍ରୀଡ଼ା ତଥା ହକିର ବିକାଶରେ ଧ୍ୟାନଚାନ୍ଦଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦେଶକୁ ଗର୍ବିତ କରୁଥିବା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏକ ଉନ୍ନତ ଭବିଷ୍ୟତ କାମନା କରୁଛି ବୋଲି ଟୁଇଟ୍ କରିଥିଲେ ରାଜନାଥ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ମୋର ଶ୍ରଦ୍ଧାଞ୍ଜଳି। ଏହାସହିତ ଦେଶକୁ ଗର୍ବିତ କରିଥିବା ଆଥ୍‌ଲେଟ ମାନଙ୍କୁ ମୋ ତରଫରୁ ଢେର୍ ସାରା ଶୁଭେଚ୍ଛା ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ପ୍ରମୁଖ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିବା ମହିଳା ଲନ୍ ବୋଲ୍ ଟିମ୍‌ର ଉଦାହରଣ ଦେଇଥିଲେ ତେନ୍ଦୁଲକର। ରୂପାରାଣୀ ତିର୍କୀ, ପିଙ୍କି, ନୟନମୋନି ସାଇକିଆ ଓ ଲଭ୍‌ଲି ଚୌବେଙ୍କ ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ରୂପାରାଣୀ ଜଣେ କବାଡ଼ି ଖେଳାଳି ହୋଇଥିବା ବେଳେ ନୟନମୋନି ଜଣେ ଭାରୋତ୍ତୋଳିକା। ପିଙ୍କି ସିଂ କ୍ରିକେଟର ଓ ଲଭ୍‌ଲି ଚୌବେ ଜଣେ ଧାବିକା। ଏମାନେ ସମସ୍ତେ ଭିନ୍ନ ଭିନ୍ନ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିଲେ ହେଁ ସମଗ୍ର ଦେଶରେ ଏକ ଅନାମଧେୟ କ୍ରୀଡ଼ାକୁ ପାଥେୟ କରି ଇତିହାସ ରଚିବାରେ ସଫଳ ହୋଇଛନ୍ତି। ୧୩୦ କୋଟି ଜନତାଙ୍କ ଆମ ଦେଶ କ୍ରୀଡ଼ାରେ ବିଭିନ୍ନ ରେକର୍ଡ ଭାଙ୍ଗିବା ସହିତ ଆଗକୁ ବଢୁ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡ଼ାକୁ ଭଲ ପାଉଥିବା ଦେଶ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ଶପଥ ନେବା ଉଚିତ ବୋଲି ସେ ଲେଖିଛନ୍ତି। ଦେଶବାସୀ କେବଳ ଏହି ଗୋଟିଏ ଦିନ ନୁହେଁ, ସବୁଦିନ କ୍ରୀଡ଼ାର ସମର୍ଥନରେ ଆଗକୁ ଆସନ୍ତୁ ଆଉ ଖେଳନ୍ତୁ ବୋଲି ନୀରଜ ଚୋପ୍ରା ଟୁଇଟ୍ କରିଛନ୍ତି। ଏହା ବ୍ୟତୀତ କ୍ରିକେଟର ଯୁବରାଜ ସିଂ, ଦୀନେଶ କାର୍ତ୍ତିକ, ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିଥାଲି ରାଜ୍ ଏବଂ ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲ୍ଲିକ ମଧ୍ୟ ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି।




## ରୋଲ୍ ବଲ୍ ଲିଗ୍: ଅନୁଗୋଳ ଆଭେଞ୍ଜର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସେଞ୍ଚୁରିଆନ୍ ୟୁନିଭର୍ସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣର ରୋଲ୍ ବଲ୍ ଲିଗ୍‌ରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି ଅନୁଗୋଳ ଆଭେଞ୍ଜର୍ସ। ପୁରୀ ପେସର୍ସକୁ ୧୧-୭ ଗୋଲରେ ପରାସ୍ତ କରିବା ସହିତ ଦଳ ଟୁର୍ଣ୍ଣାମେଣ୍ଟ ବିଜୟୀ ହୋଇଛି। ଆଇକନ୍ ପ୍ଲେୟର ପ୍ରୀତିଶ ଆଚାର୍ଯ୍ୟ ଜେନା ଫାଇନାଲରେ ଏକାକୀ ୧୧ଟି ଗୋଲ ସ୍କୋର କରିଥିଲେ। ଏହାସହିତ ୪୫ ଗୋଲ ସହ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ମାନ୍ୟତା ହାସଲ କରିଥିଲେ। ପୁରୀ ପେସର୍ସ ରନର୍ସଅପ୍ ହୋଇଥିବା ବେଳେ ବ୍ରହ୍ମପୁର ବ୍ଲେଜର୍ସ ତୃତୀୟ ସ୍ଥାନ ଅଧିକାର କରିଥିଲା। କଟକ ସେଲ୍‌ଟିକ୍ସକୁ ୬-୨ରେ ପରାସ୍ତ କରି ଦଳ ଏହି ସଫଳତା ହାସଲ କରିଥିଲା। ପ୍ରଥମ ସଂସ୍କରଣର ରୋଲ ବଲ୍ ଲିଗ୍‌କୁ ଓଡ଼ିଶା କ୍ରୀଡା ଓ ଯୁବବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରବି ନାରାୟଣ ରାଉତରାୟ ଉଦ୍‌ଘାଟନ କରିଥିଲେ। ସେହିପରି ବ୍ରହ୍ମପୁର ବ୍ଲେଜର୍ସ ମାଲିକ ଲୋକେଶ, ଭୁବନେଶ୍ୱର ବୁଲ୍ସ ମାଲିକ ପ୍ରତିଚି ରଶ୍ମି ରାଉତରାୟ, ପୁରୀ ପେସର୍ସର ଦିଲୀପ ନାୟକ, କଟକ ସେଲ୍‌ଟିକ୍ସର ମାଲିକ ସୌଦାମିନୀ ପାତ୍ର ଏବଂ ସମ୍ବଲପୁର ସିମର୍ସ ମୁଖ୍ୟ ସୌମିତିଞ୍ଜୟ ମହାକୁଡ଼ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ରୋଲ୍ ବଲ୍ ଏକ ସ୍ୱଦେଶୀ କ୍ରୀଡ଼ା ହୋଇଥିବା ବେଳେ ଓଡ଼ିଶାରେ ଏହାର ପ୍ରଚାର ପ୍ରସାର ଲାଗି ଏହି ଲିଗ୍ ଆୟୋଜନ କରାଯାଇଥିବା କହିଛନ୍ତି ଓଡ଼ିଶା ରୋଲ୍ ବଲ୍ ସଂଘ ସାଧାରଣ ସମ୍ପାଦକ ପାର୍ଥସାରଥି ଜେନା।




ଚାମ୍ପିୟନ ଅନୁଗୋଳ ଆଭେଞ୍ଜର୍ସ ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ